ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୧/୨୦୨୫ (୧୬ ପୃଷ୍ଠା) Bhubaneswar, Friday, July 11/2025 Page 16 ₹ 7.00
୫୧ଶ ଭାଗ ୨୨୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 226 ମୂଲ୍ୟ ₹୭/-

ଫାଇନାଲରେ ଆନିସିମୋଭା

ଓ୍ୱିମ୍ବେଲଡନ ଟେନିସ ଚାମ୍ପିୟନଶିପ୍ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଆମେରିକାର ଆମାଣ୍ଡା ଆନିସିମୋଭା।

୧୬ ୦୨

ଅକ୍ଟୋବର ୩୧ରେ 'ବାହୁବଲୀ ଦି ଏପିକ୍'

ଆସନ୍ତା ଅକ୍ଟୋବର ୩୧ରେ ଅଭିନେତା ପ୍ରଭାସଙ୍କ 'ବାହୁବଲୀ ଦି ଏପିକ୍' ରିଲିଜ୍ ହେବ। ଏନେଇ ନିର୍ଦ୍ଦେଶକ ଏସ୍. ଏସ୍. ରାଜମୌଲୀ ସୂଚନା ଦେଇଛନ୍ତି।

ଗଡ଼ୁନି ଗାଡ଼ି, ବଢ଼ୁଛି ଦୁର୍ଦ୍ଦଶା।

ଡ୍ରାଇଭର ମହାସଂଘ ଆନ୍ଦୋଳନ: ତୈଳ ସଙ୍କଟ, ତେଜିଲା ରାଜନୀତି

ଡ୍ରାଇଭର ମହାସଂଘର ଆନ୍ଦୋଳନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ରିପୋର୍ଟ ଲେଖାହେବା ସୁଦ୍ଧା ଆନ୍ଦୋଳନ ଜାରି ରହିଥିଲା। ଏଥିଯୋଗୁ ରାଜ୍ୟରେ ଯାତ୍ରୀ ଓ ମାଲ୍ ପରିବହନ ସମେତ ଅନେକ ଜରୁରୀ ସେବା ଗୁରୁତର ପ୍ରଭାବିତ ହୋଇ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବସ୍‌ଷ୍ଟାଣ୍ଡଗୁଡ଼ିକରୁ ଘରୋଇ ବସ୍ ଚଳାଚଳ କରୁ ନ ଥିବାରୁ ଲୋକେ ଯାତାୟାତ କରି ନ ପାରି ଯନ୍ତ୍ରଣା ଭୋଗୁଛନ୍ତି। ମେଡିକାଲ ଭଳି ଜରୁରୀ କାର୍ଯ୍ୟରେ ଅନ୍ୟତ୍ର ଯାଉଥିବା ଲୋକମାନେ ବିଶେଷ ଭାବେ ହଇରାଣ ହେଉଛନ୍ତି। ବର୍ତ୍ତମାନ ବିଭିନ୍ନ ଶିକ୍ଷାନୁଷ୍ଠାନ ପାଇଁ ପ୍ରବେଶିକା ପରୀକ୍ଷା, ନାମଲେଖା ଆଦି କାର୍ଯ୍ୟ ଚାଲିଥିବାବେଳେ ଆନ୍ଦୋଳନ ଯୋଗୁ ତାହା ବାଧାପ୍ରାପ୍ତ ହୋଇ ଛାତ୍ରଛାତ୍ରୀଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି। ସେହିପରି ପେଟ୍ରୋଲ, ଡିଜେଲ ଫିଲିଂ ଷ୍ଟେଶନଗୁଡ଼ିକୁ ପ୍ରାୟତଃ ତୈଳ ପରିବହନ ହୋଇପାରୁ ନ ଥିବା କୁହାଯାଉଛି। ଏଥିଯୋଗୁ ଅନେକ ଫିଲିଂ ଷ୍ଟେଶନରେ ପେଟ୍ରୋଲ, ଡିଜେଲ ମିଳୁନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଯେଉଁଠି ମିଳୁଛି, ସେଠି ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। କେବଳ ତୈଳ ନୁହେଁ, ଅନ୍ୟାନ୍ୟ ମାଲ୍ ମଧ୍ୟ ପହଞ୍ଚିପାରୁ ନ ଥିବାରୁ ବଜାରଗୁଡ଼ିକରେ ଖାଦ୍ୟ ସାମଗ୍ରୀର ଅଭାବ ଦେଖାଦେଲାଣି। ଫଳରେ କଳାବଜାର, ଦରବୃଦ୍ଧି ସ୍ଥିତି ଉପୁଜିଥିବା ଲୋକଙ୍କ ଅଭିଯୋଗରୁ ଜଣାପଡୁଛି। ଅନ୍ୟପକ୍ଷରେ ଡ୍ରାଇଭର ଆନ୍ଦୋଳନକୁ ନେଇ ରାଜନୀତି ମଧ୍ୟ ସରଗରମ ହୋଇଛି।

ଭୁବନେଶ୍ୱରସ୍ଥିତ ଏକ ପେଟ୍ରୋଲ ପମ୍ପରେ ଗୁରୁବାର ଦେଖିବାକୁ ମିଳିଥିବା ଲୋକଙ୍କ ଭିଡ଼। (ଫଟୋ: ବିକାଶ ନାୟକ)

୧୧ ତାରିଖ ଶୁକ୍ରବାର ରାହୁଲ ଗାନ୍ଧୀଙ୍କ ଭୁବନେଶ୍ୱର ଗସ୍ତ ଓ ସମ୍ବିଧାନ ବଞ୍ଚାଅ ସମାବେଶ ଥିବାରୁ ଏହାକୁ ଭଣ୍ଡୁର କରିବା ପାଇଁ ସରକାର ଜାଶିଶୁଣି ଡ୍ରାଇଭର ଆନ୍ଦୋଳନର ସମାଧାନ ଦିଗରେ ବିଳମ୍ବ କରୁଥିବା ପିସିସି ସଭାପତି ଭକ୍ତଚରଣ ଦାସ ଅଭିଯୋଗ କରିଛନ୍ତି। ଏହାକୁ ଭାଜପା ପକ୍ଷରୁ ଖଣ୍ଡନ କରାଯିବା ସହ ବିରୋଧୀଙ୍କ ଚାଲ୍ ବୋଲି କୁହାଯାଉଛି। ରାଜ୍ୟରେ ପେଟ୍ରୋଲ, ଡିଜେଲ ସଙ୍କଟ ନ ଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସରକାର ମଧ୍ୟ ତୈଳ ସଙ୍କଟ ଆଶଙ୍କାକୁ ଦୃଷ୍ଟିରେ ରଖି ଏକ ଟାସ୍କଫୋର୍ସ ଗଠନ କରିଛନ୍ତି।

ଭୁବନେଶ୍ୱର,୧୦।୭(ରବିନାରାୟଣ ଜେନା)

ତିନିଦିନ ଧରି ୬ଦଫା ଦାବିରେ ଡ୍ରାଇଭର ମହାସଂଘ ଆନ୍ଦୋଳନ ଚଳାଇଛି। ମହାସଂଘର ପ୍ରାୟ ୫ଲକ୍ଷ ସଦସ୍ୟ ଗାଡ଼ି ଷ୍ଟିଅରିଂ ଛାଡ଼ିବା ଯୋଗୁ ଯାତାୟାତ ଓ ପରିବହନ କ୍ଷେତ୍ରରେ ସଙ୍କଟ ସୃଷ୍ଟି ହୋଇଛି। ପେଟ୍ରୋଲ ସଙ୍କଟ ଅନୁଭବ କରି ପ୍ରାୟ ସବୁ ଟାଙ୍କିରେ ଗାଡ଼ିଗୁଡ଼ିକର ଲମ୍ବା ଧାଡ଼ି ରହୁଛି। ଅନ୍ୟପକ୍ଷରେ ଭୁବନେଶ୍ୱର ବରମୁଣ୍ଡା ସମେତ ରାଜ୍ୟ ପ୍ରାୟ ସମସ୍ତ ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡ଼ିକ ଅଟକି ରହିଥିବାବେଳେ ଲୋକେ ନିଜ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ଦୁର୍ଦ୍ଦଶା ଭୋଗୁଛନ୍ତି। ପରିବହନ ବ୍ୟବସ୍ଥାରେ ସୁଧାର ଆସୁ ନ ଥିବାରୁ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିବାରେ ଲାଗିଛି।

ଅନ୍ୟପକ୍ଷରେ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ଶୁକ୍ରବାର(୧୧ ତାରିଖ) ରହିଥିବା ବେଳେ ଡ୍ରାଇଭର ମହାସଂଘ ଚଳାଇଥିବା ଆନ୍ଦୋଳନକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ଡ୍ରାଇଭର ମହାସଂଘକୁ ଗୋଟିଏ ଦିନ ପାଇଁ ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ନିବେଦନ କରିଛନ୍ତି। ଏହାସହିତ ସେ କହିଛନ୍ତି, ଏହି ଆନ୍ଦୋଳନ ପଛରେ ସରକାରୀ ଷଡ଼ଯନ୍ତ୍ର ରହିଛି। ଗୁରୁବାର ଅପରାହ୍ନରେ ପିସିସି ସଭାପତି ଦାସ ଖବରଦାତା ସମ୍ମିଳନୀରେ କହିଛନ୍ତି, କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ମହାସମାବେଶରେ ରାହୁଲ ଗାନ୍ଧୀ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ପୂର୍ବରୁ ଘୋଷଣା ହୋଇଛି। କଂଗ୍ରେସର ସମାବେଶକୁ ସଫଳ କରିବା ପାଇଁ ରାଜ୍ୟସାରା ଲୋକେ ରାଜଧାନୀକୁ ଆସିବାକୁ ଚାହୁଁଛନ୍ତି। ହେଲେ ଏଥିରେ ଡ୍ରାଇଭର ମହାସଂଘର ଆନ୍ଦୋଳନ ବାଧା ସୃଷ୍ଟି କରୁଛି। ଏହି ଆନ୍ଦୋଳନ ପଛରେ ସରକାରଙ୍କ ପ୍ରଚ୍ଛନ୍ନ ହାତ ☞ପୃଷ୍ଠା–୪

ଭକ୍ତ କହିଲେ ସରକାରୀ ଷଡ଼ଯନ୍ତ୍ର, ଜବାବ ଦେଲା ଭାଜପା

ଆଜି ଆସିବେ ରାହୁଲ, ଖାର୍ଗେ

ରାହୁଲ ଗାନ୍ଧୀ

ମଲ୍ଲିକାର୍ଜୁନ ଖାର୍ଗେ

ଭୁବନେଶ୍ୱର,୧୦।୭(ରବିନାରାୟଣ ଜେନା)

ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଶୁକ୍ରବାର ଆୟୋଜିତ ହେବ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ। ଏଥିରେ ଯୋଗଦେବେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହିତ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ। ସମାବେଶକୁ ସଫଳ କରିବାପାଇଁ କଂଗ୍ରେସ ନେତୃବୃନ୍ଦ ଦିନରାତି ଏକାଠି କରିଦେଇଛନ୍ତି। ତୃଣମୂଳସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସବୁଆଡ଼େ ପୋଷ୍ଟର ବ୍ୟାନର ଛାଇଗଲାଣି। ହେଲେ ଏତିକି ବେଳେ ଡ୍ରାଇଭର ମହାସଂଘର ଆନ୍ଦୋଳନ ସମାବେଶରେ କେଁ କରିବ ବୋଲି ଆଶଙ୍କା କରାଯାଉଛି। ଏହାକୁ ନେଇ ରାଜନୈତିକ ବାଦ ବିବାଦ ଲାଗି ରହିଛି। ଅନ୍ୟପକ୍ଷରେ କଂଗ୍ରେସ ରାଜ୍ୟରେ ବଢ଼ିଚାଲିଥିବା ନାରୀ ନିର୍ଯାତନା, କୃଷକ ଅବହେଳାଠାରୁ ଆରମ୍ଭ କରି ଆଦିବାସୀ ଓ ପଛୁଆବର୍ଗଙ୍କୁ ସରକାରଙ୍କ ପକ୍ଷପାତିତା ସହିତ ହଇରାଣ ଓ ଅପପୁଷ୍ଟି ଭଳି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରୁଛି। ଏତିକିବେଳେ ରାହୁଲଙ୍କ ଗସ୍ତ ରାଜ୍ୟ କଂଗ୍ରେସକୁ କିଭଳି ବରଦାନ ହେଉଛି ତାକୁ ନେଇ ରାଜନୈତିକ ମହଲରେ ଉତ୍ସୁକତାର ସହ ଅପେକ୍ଷା ରହିଛି।

'ସମ୍ବିଧାନ ବଞ୍ଚାଅ ସମାବେଶ'ରେ ଯୋଗଦେବେ

ଓଡ଼ିଶା ସରକାରଙ୍କୁ ଜବାବ ମାଗିଲେ କଲିକତା ହାଇକୋର୍ଟ

କୋଲକାତା,୧୦।୭

ବଙ୍ଗାଳୀ ଶ୍ରମିକ ଅଟକ ପ୍ରସଙ୍ଗ

ଓଡ଼ିଶାରେ ବଙ୍ଗାଳୀ ଶ୍ରମିକଙ୍କୁ ଅଟକ ରଖାଯିବା ପ୍ରସଙ୍ଗରେ କଲିକତା ହାଇକୋର୍ଟ ଗୁରୁବାର ଓଡ଼ିଶା ସରକାରଙ୍କୁ ଜବାବ ମାଗିଛନ୍ତି। ଶ୍ରମିକମାନଙ୍କ ମୁକ୍ତି ସୁନିଶ୍ଚିତ କରିବା ପାଇଁ ଓଡ଼ିଶାର ଅଧିକାରୀମାନଙ୍କୁ ଯୋଗାଯୋଗ କରିବା ଲାଗି ଜଣେ ନୋଡାଲ ଅଫିସରଙ୍କୁ ନିଯୁକ୍ତ କରିବାକୁ ହାଇକୋର୍ଟ ପଶ୍ଚିମବଙ୍ଗ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଥାନା ଅଧୀନ ଅଞ୍ଚଳର ନିର୍ମାଣ ଓ ଖଣି ଖନନ କାର୍ଯ୍ୟରେ ନିୟୋଜିତ ଥିବା ୪୪୪ ଜଣଙ୍କୁ ବାଂଲାଦେଶୀ ନାଗରିକ ହୋଇଥିବା ସନ୍ଦେହକରି ଅଟକ ରଖାଯାଇ ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ ଚାଲିଥିବା ନେଇ ମଙ୍ଗଳବାର ଜିଲ୍ଲା ପୋଲିସ ଓ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଦେଶରେ ବେଆଇନ ଭାବେ ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଚିହ୍ନଟକରି ବାହାର କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ଏହି ଅପରେଶନ୍ ଚଳାଇଥିବା ଜଣାପଡ଼ିଛି। ଏହାର ଦିନକ ପରେ ଅର୍ଥାତ୍ ବୁଧବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ସମ୍ପୃକ୍ତ ଶ୍ରମିକଙ୍କ ମଧ୍ୟରୁ ୨୩ ଜଣ ତାଙ୍କ କ୍ରିଷ୍ଣାନଗର ସଂସଦୀୟ ନିର୍ବାଚନମଣ୍ଡଳୀର ବାସିନ୍ଦା ଦର୍ଶାଇ ସେମାନଙ୍କ ମୁକ୍ତି ପାଇଁ ଓଡ଼ିଶା ସରକାରଙ୍କୁ ଚେତବାନୀ ଦେଇଥିଲେ। ଇତିମଧ୍ୟରେ ଉକ୍ତ ମାମଲା କଲିକତା ହାଇକୋର୍ଟରେ ପହଞ୍ଚିଛି। ଜଷ୍ଟିସ୍ ତପବ୍ରତ ଚକ୍ରବର୍ତ୍ତୀ ଏବଂ ରୀତୋବ୍ରତ ମିତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ସୋମବାର ସୁଦ୍ଧା ଅଦାଲତରେ ରିପୋର୍ଟ ଦାଖଲକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ବଙ୍ଗଳା ଭାଷୀ ଶ୍ରମିକମାନଙ୍କୁ କାହିଁକି ଅଟକ ରଖାଯାଇଛି? ସେମାନଙ୍କୁ କେଉଁ ଆଧାରରେ ଅଟକ ରଖାଯାଇଛି? ଶ୍ରମିକଙ୍କ ବିରୋଧରେ କୌଣସି ମାମଲା ରୁଜୁ ହୋଇଛି କି? ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇଛି କି? ଏବେ ସେହି ଶ୍ରମିକମାନେ କେଉଁଠି ଅଛନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଏଥିସହ ଖଣ୍ଡପୀଠ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ମନୋଜ ପନ୍ଥଙ୍କୁ ଓଡ଼ିଶା ପ୍ରତିପକ୍ଷ ମନୋଜ ଆହୁଜାଙ୍କଠାରୁ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ମାଗିବାକୁ କହିଛନ୍ତି।

ଗଞ୍ଜେଇ ଯାଞ୍ଚ ବେଳେ ୧୧୦ କେଜି ରୁପା ଜବତ

ସମ୍ବଲପୁର,୧୦।୭(ପ୍ରମୋଦ ବହିଦାର)

ଚୋରା ଚାଲାଣ ହେଉଥିବା ଗଞ୍ଜେଇ ଧରିବାକୁ ଯାଇ ସମ୍ବଲପୁର ଅବକାରୀ ବିଭାଗ ଗୁରୁବାର ଏକ ବଡ଼ଧରଣର ରୁପା ଚୋରାଚାଲାଣକୁ ଧରିଛି। ବିଜୁ ଏକ୍ସପ୍ରେସ୍ ୱେର ରେଙ୍ଗାଲି ତହସିଲ୍ ଛକ ନିକଟରେ ଅପରାହ୍ନରେ ବିଭାଗ ଏକ ସ୍କର୍ପିଓରୁ ବିପୁଳ ରୁପା ଜବତ କରିଛି। ଜବତ ସାମଗ୍ରୀ ମଧ୍ୟରେ ରହିଛି ୭୦ କେଜିର ୧୦୦ ଗ୍ରାମ ଓଜନର ୭୦୦ଟି ରୁପା ବିସ୍କୁଟ, ୨୦କିଲୋଗ୍ରାମ ଲେଖାଏ ୫ ଗ୍ରାମ ଓଜନ ବିଶିଷ୍ଟ ୪୦୦ଟି ଓ ୨୦ ଗ୍ରାମ ଓଜନ ବିଶିଷ୍ଟ ୧୦୦୦ଟି ରୁପା କଏନ। ଅବକାରୀ ବିଭାଗ ଜବତ ରୁପାକୁ ସମ୍ବଲପୁର ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରିଛନ୍ତି। ଜବତ ମୋଟ ରୁପାର ଓଜନ ୧ କୁଇଣ୍ଟାଲ ୧୦ କେଜି ଓ ଏହାର ଆନୁମାନିକ ମୂଲ୍ୟ ୧ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଇଛି। ଏହାସହ ଗାଡ଼ିରେ ଥିବା ୨ ଆରୋହୀଙ୍କୁ ସମ୍ବଲପୁରରେ ଅଟକ ରଖି ଜିଏସ୍‌ଟି ଅଧିକାରୀମାନେ ପଚାରଉଚରା କରିଛନ୍ତି। ସେମାନେ ହେଲେ ଗୁଜୁରାଟ ରାଜ୍ୟ ସୁରାଟ ଜିଲାର ଚନ୍ଦ୍ରକାନ୍ତ ସୋମାଭାଇ ପଟେଲ(୫୩) ଓ ମେହେଶାନ ଜିଲା ବିଷ୍ଣନଗର ଗ୍ରାମର ସଞ୍ଜୟ ପଟେଲ(୫୧)। ସେମାନଙ୍କୁ ନୋଟିସ୍ ଦେଇ ଛାଡ଼ି ଦିଆଯାଇଥିବା ସମ୍ବଲପୁର ଜିଏସ୍‌ଟି ଡେପୁଟି କମିଶନର ଟେକଚାନ୍ଦ ମେହେର ସୂଚନା ଦେଇଛନ୍ତି।।

ଗଞ୍ଜେଇ ଚୋରାଚାଲାଣ ହେଉଥିବା ସନ୍ଦେହରେ ରେଙ୍ଗାଲି ତହସିଲ କାର୍ଯ୍ୟାଳୟ ନିକଟରେ ଅପରାହ୍ନ ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ ବାହ୍ୟ ଆକ୍ରମଣ ଓ ବିଦ୍ରୋହ

ଗୁରୁପୂର୍ଣ୍ଣିମାରେ ଗୁରୁଙ୍କୁ ହତ୍ୟା ୨୯ ସେଲିବ୍ରିଟିଙ୍କୁ ଘେରିଲା ଇଡି

କେଶ କାଟିବାକୁ କହିବାରୁ ପ୍ରିନ୍ସିପାଲଙ୍କୁ ଛୁରି ଭୁସିଲେ

ହିସାର,୧୦।୭

ଦେଶବ୍ୟାପୀ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁବାର ଧୁମଧାମ୍‌ର ସହ ଗୁରୁପୂର୍ଣ୍ଣିମା ପାଳନ ହୋଇଥିବା ବେଳେ ହରିୟାଣାର ହିସାରରୁ ଏକ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ଦ୍ୱାଦଶ ଶ୍ରେଣୀର ୨ ଛାତ୍ର ନିଜ ସ୍କୁଲ ପ୍ରିନ୍ସିପାଲଙ୍କୁ ଛୁରିରେ ଭୁସି ହତ୍ୟା କରିଛନ୍ତି। ଗୁରୁ ପୂର୍ଣ୍ଣିମାରେ ଗୁରୁ–ଶିଷ୍ୟ ସମ୍ପର୍କକୁ କଳଙ୍କିତ କରିଥିବା ଏହି ଘଟଣା ହିସାର ଜିଲା ବଶ୍ ବାଦଶାହପୁର ଗ୍ରାମର କର୍ତାର ମେମୋରିଆଲ ସିନିୟର ସେକେଣ୍ଡାରି ସ୍କୁଲରେ ଘଟିଛି। ପୋଲିସ ସୂଚନା ମୁତାବକ, କର୍ତାର ମେମୋରିଆଲ ସ୍କୁଲର ଦ୍ୱାଦଶ ଶ୍ରେଣୀରେ ପଢୁଥିବା ୨ ଛାତ୍ରଙ୍କୁ ବିଦ୍ୟାଳୟର ପ୍ରିନ୍ସିପାଲ ଜଗବୀର ସିଂ ପନ୍ଥୁ (୫୦) କେଶ କାଟିବାକୁ କହିବା ସହ ଉଭୟଙ୍କୁ ଶୃଙ୍ଖଳା ମଧ୍ୟରେ ରହିବାକୁ ତାଗିଦ୍ କରିଥିଲେ। ଏଥିରେ ଉତ୍କ୍ଷୀପ୍ତ ହୋଇ ଉଭୟ ଛାତ୍ର ସ୍କୁଲ ପରିସରରେ ଜଗବୀରଙ୍କୁ ଏକ ଛୁରିରେ ବହୁବାର ଭୁସିଥିଲେ। ଏହାପରେ ସେମାନେ ଖସି ପଳାଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ପ୍ରିନ୍ସିପାଲଙ୍କୁ ସ୍କୁଲ କର୍ମଚାରୀ ହିସାରସ୍ଥିତ ପ୍ରାଇଭେଟ୍ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ

ଜଗବୀର ସିଂ ପନ୍ଥୁ

ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ପାଇ ପୋଲିସ ସ୍କୁଲରେ ପହଞ୍ଚି ତଦନ୍ତ କରିବା ସହ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କରିଛି।

ହାଇଦ୍ରାବାଦ,୧୦।୭

ବେଟିଂ ଆପ୍‌କୁ ପ୍ରୋତ୍ସାହନ ଅଭିଯୋଗ

ଅନ୍‌ଲାଇନ୍ ବେଟିଂ ଆପ୍‌କୁ ପ୍ରୋତ୍ସାହନ ଦେବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨ ତଜନରୁ ଊର୍ଦ୍ଧ୍ୱ ଅଭିନେତାଙ୍କ ସମେତ ୨୯ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଇଡି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା ସେଲିବ୍ରିଟିଙ୍କ ମଧ୍ୟରେ ରହିଛନ୍ତି କେନ୍ଦ୍ର ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ବିରୋଧ କରିଥିବା ପ୍ରକାଶ ରାଜଙ୍କ ସମେତ ଦକ୍ଷିଣ ଭାରତୀୟ ଷ୍ଟାର ବିଜୟ ଦେବେରାକୋଣ୍ଡା ଓ ରାଣା ଦୁଗ୍ଗୁବତୀ। ଏମାନଙ୍କ ବ୍ୟତୀତ ତେଲଙ୍ଗାନାର କେତେଜଣ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଓ ୟୁଟ୍ୟୁବର୍ ମଧ୍ୟ ଏଜେନ୍ସି ତଦନ୍ତ ପରିସରଭୁକ୍ତ ହୋଇଥିବା ଗୁରୁବାର ଇଡି ସୂତ୍ରରୁ ଜଣାପଡ଼ିଛି।

ପ୍ରକାଶ ରାଜ

ନିଧି ଅଗ୍ରୱାଲ

ଜଣେ ବରିଷ୍ଠ ଇଡି ଅଧିକାରୀ କହିଛନ୍ତି, ଅଭିଯୁକ୍ତମାନେ ଅନ୍‌ଲାଇନ୍ ବେଟିଂ ଆପ୍‌କୁ ପ୍ରୋତ୍ସାହନ ଦେବା ପଲ୍ଲିକ୍ ଗ୍ୟାମ୍ବ୍ଲିଙ୍ଗ୍ ଆକ୍ଟ, ୧୮୬୭ର ଉଲ୍ଲଂଘନ। ତେଲଙ୍ଗାନା ଓ ଆନ୍ଧ୍ର ପ୍ରଦେଶରେ ଏନେଇ ୫ଟି ଏଫ୍‌ଆଇଆର୍ ହୋଇଛି। ଏହାକୁ ଭିତ୍ତିକରି ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) ଆଇନ ବଳରେ ଏମାନଙ୍କ ବିରୋଧରେ ଇଡି ତଦନ୍ତ ଚଳାଇଛି। ଅନ୍ୟ ଅଭିଯୁକ୍ତମାନଙ୍କ ମଧ୍ୟରେ ମାଞ୍ଚୁ ଲକ୍ଷ୍ମୀ, ନିଧି ଅଗ୍ରୱାଲ, ପ୍ରଣୀତା ସୁଭାଷ, ଅନନ୍ୟା ନଗେଲ୍ଲାଙ୍କ ଭଳି ତେଲୁଗୁ ସିନେ କଳାକାର ଏବଂ ଶ୍ରୀମୁଖୀ, ଶ୍ୟାମଳା, ବର୍ଷିନୀ ସୌନ୍ଦରାଜନ, ହର୍ଷ ସାଇ, ବେୟା ସନ୍ନି ଯାଦବଙ୍କ ଭଳି ଡିଜିଟାଲ କ୍ରିଏଟର ରହିଛନ୍ତି। ଏହି ସେଲିବ୍ରିଟିମାନେ ବିଭିନ୍ନ ପ୍ଲାଟ୍‌ଫର୍ମରେ ବେଟିଂ ଆପ୍ ସପକ୍ଷରେ ପ୍ରଚାରଧର୍ମୀ ଅଭିଯାନ ଚଳାଇବା ଫଳରେ ୟୁଜର୍ସ ବିଭ୍ରାନ୍ତ ହୋଇଛନ୍ତି। ଜଙ୍ଗଲୀ ରମି, ଜିଓ୍ୱନ୍, ଲୋଟସ୍ ୩୬୫ ଆଦି ଆପ୍‌ର ପରିଚାଳନାକାରୀ ସଂସ୍ଥାଗୁଡ଼ିକ ବେଆଇନ ଭାବେ ପାଣ୍ଠି ସଂଗ୍ରହ କରିବାରେ ସକ୍ଷମ ହୋଇଥିବା ଇଡି ସନ୍ଦେହ କରୁଛି। ଇଡି ଏହି ସେଲିବ୍ରିଟିମାନଙ୍କ ବୟାନ ରେକର୍ଡ କରିଯାରେ।

ବନ୍ୟା, ଭୂସ୍ଖଳନ ପ୍ରଭାବିତ ୬ ରାଜ୍ୟକୁ ୧,୦୬୬ କୋଟିର ସହାୟତା

ନୂଆଦିଲ୍ଲୀ, ୧୦।୭

ଚଳିତବର୍ଷ ମୌସୁମୀରେ ବନ୍ୟା ଏବଂ ଭୂସ୍ଖଳନରେ ପ୍ରଭାବିତ ହୋଇଥିବା ୬ ରାଜ୍ୟ ପାଇଁ ଗୁରୁବାର କେନ୍ଦ୍ର ସରକାର ୧,୦୬୬ କୋଟି ଟଙ୍କାର ଆର୍ଥିକ ସହାୟତା ରାଶି ମଞ୍ଜୁର କରିଛନ୍ତି। ଆସାମ, ମଣିପୁର, କେରଳ, ମେଘାଳୟ, ମିଜୋରାମ, ଉତ୍ତରାଖଣ୍ଡ ପାଇଁ ଏହି ସହାୟତା ରାଶି ମଞ୍ଜୁର ହୋଇଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ୍ସ'ରେ ସୂଚନା ଦେଇଛନ୍ତି। ଏହି ରାଶି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍) ଅଧୀନରେ ଜାରି କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆର୍‌ଏଫ୍) ଏବଂ ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ ୧୯ ରାଜ୍ୟକୁ ୮ ହଜାର କୋଟି ଟଙ୍କାରୁ ଅଧିକ ସହାୟତା ପ୍ରଦାନ କରାଯାଇଥିବା ସେ କହିଛନ୍ତି। ଉତ୍ତରାଖଣ୍ଡକୁ ସବୁଠାରୁ ଅଧିକ ୪୫୫.୬ କୋଟି, ଆସାମକୁ ୩୭୫.୬ କୋଟି, କେରଳକୁ ୧୫୩.୨ କୋଟି, ମଣିପୁରକୁ ୨୯.୨ କୋଟି, ମିଜୋରାମକୁ ୨୨.୮ କୋଟି, ମେଘାଳୟକୁ ୩୦.୪ କୋଟି ଟଙ୍କାର ସହାୟତା ରାଶି ମିଳିଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜ୍ୟଗୁଡ଼ିକର ସହାୟତା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ଶାହା କହିଛନ୍ତି।

ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ଗୁରୁବାର ରୁଷୀୟ ସେନା ପକ୍ଷରୁ ବଡ଼ଧରଣର ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି ଏୟାର ଷ୍ଟ୍ରାଇକ୍‌ରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଛନ୍ତି। ଲୋକେ ସୁରକ୍ଷିତ ସ୍ଥାନକୁ ପଳାୟନ କରୁଥିବାବେଳେ କିଭ୍‌ର ମେଟ୍ରୋ ଷ୍ଟେଶନ୍‌ରେ ନିଜ ବିଲେଇକୁ ଧରି ଛିଡ଼ା ହୋଇଛନ୍ତି ଜଣେ ମହିଳା।

ପକ୍ଷୀ ଶୁଆ ହେବାକୁ ଲାଗିଲାଣି

ନୂଆଦିଲ୍ଲୀ, ୧୦।୭

ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁରଙ୍କ ଦ୍ୱାରା ଏମର୍ଜେନ୍ସିକୁ ନେଇ ଲେଖାଯାଇଥିବା ଏକ ଆଲେଖ୍ୟକୁ କଂଗ୍ରେସ ତାମିଲନାଡୁର ବିରୁଧନଗରରୁ କଂଗ୍ରେସ ଏମ୍‌ପି ମଣିକମ୍ ଟାଗୋର ସମାଲୋଚନା କରିଛନ୍ତି। ସେ ଥରୁରଙ୍କୁ କଠାକ୍ଷ କରି କହିଛନ୍ତି, ଯେତେବେଳେ କେହି ଭାଜପାର ମତକୁ ଦୋହରାଇଥାନ୍ତି, ତେବେ ମାନିନେବା ଉଚିତ ପକ୍ଷୀ ଶୁଆ ହେବାକୁ ଲାଗିଲାଣି। ପକ୍ଷୀମାନଙ୍କ ଦ୍ୱାରା ଅନୁକରଣ କରାଯିବା ସୁନ୍ଦର ଲାଗିଥାଏ। କିନ୍ତୁ ରାଜନୀତିକ୍ଷେତ୍ରରେ ଏହାର ଠିକ୍ ବିପରୀତ ହୋଇଥାଏ। ଥରୁର୍ ମାଲୟାଲମ ଖବରକାଗଜ ଦୀପିକାରେ ଏମର୍ଜେନ୍ସିକୁ ଏକ ଆଲେଖ୍ୟ ଲେଖି କହିଥିଲେ, ଏମର୍ଜେନ୍ସି କାଳ (୧୯୭୫ରୁ ୧୯୭୭ ମସିହା)କୁ କେବଳ ଏକ କଳା ଅଧ୍ୟାୟ ଭାବେ ମନେରଖିବା ଉଚିତ ନୁହେଁ ବରଂ ଏଥିରୁ ଶିକ୍ଷା ନେବା ଉଚିତ। ଶୃଙ୍ଖଳା ଏବଂ ବ୍ୟବସ୍ଥା ନାମରେ ସେତେବେଳେ କରାଯାଇଥିବା କାର୍ଯ୍ୟଗୁଡ଼ିକୁ ଯଥାର୍ଥ ବୋଲି ଦର୍ଶାଯାଇପାରିବ ନାହିଁ। ଏମର୍ଜେନ୍ସି ଲାଗିବାରେ ସଞ୍ଜୟ ଗାନ୍ଧୀଙ୍କର ଭୂମିକାକୁ ନେଇ ଏହି ଆଲେଖ୍ୟରେ ସେ ପ୍ରଶ୍ନ ଉଠାଇଥିଲେ।

ଏମର୍ଜେନ୍ସିକୁ ନେଇ ଶଶୀ ଥରୁରଙ୍କ ଆଲେଖ୍ୟ, କଂଗ୍ରେସର କଟାକ୍ଷ

ଏସ୍‌ଆଇଆର୍ ସମୟକୁ ନେଇ ପ୍ରଶ୍ନ

ନୂଆଦିଲ୍ଲୀ, ୧୦।୭

- ବିହାର ଭୋଟର ତାଲିକା ସଂଶୋଧନ ଜାରି ରହିବ
- ପଞ୍ଜୀକରଣ ପାଇଁ ଆଧାର, ଭୋଟର ଆଇଡି, ରାଶନ କାର୍ଡ ଗ୍ରହଣ ପାଇଁ ଇସିଙ୍କୁ ପରାମର୍ଶ

ବିହାରରେ ଭୋଟର ତାଲିକା ସଂଶୋଧନ ପାଇଁ ନିର୍ବାଚନ କମିଶନ(ଇସି)ଙ୍କ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ଜାରି ରହିବ। ଏସ୍‌ଆଇଆର୍ ନିଷ୍ପତ୍ତିକୁ ଚ୍ୟାଲେଞ୍ଜକରି ଦାଖଲ ୧୦ରୁ ଊର୍ଦ୍ଧ୍ୱ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଭୋଟର ପଞ୍ଜୀକରଣ ପାଇଁ ଆଧାର କାର୍ଡ, ଭୋଟର ପରିଚୟପତ୍ର ଓ ରାଶନ୍ କାର୍ଡକୁ ଗ୍ରହଣ କରିବା ଲାଗି ବିଚାର କରିବାକୁ ସର୍ବୋଚ୍ଚ ଅଦାଲତ ଇସିଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷେ ନଭେମ୍ବର ଆଡ଼କୁ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏବେ କାହିଁକି ରିଭିଜନ୍ କରାଯାଉଛି ବୋଲି ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଜୁଲାଇ ୨୮ରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଜୁଲାଇ ୧ରୁ ଇସିଙ୍କ ପକ୍ଷରୁ ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏଥିରେ ରାଜ୍ୟର ୭.୯ କୋଟି ଭୋଟର ସାମିଲ ହେବେ। ତେବେ ଏସ୍‌ଆଇଆର୍‌ରେ ଭୋଟର ଆଇଡି ଏବଂ ଆଧାର କାର୍ଡକୁ ଗ୍ରହଣ କରାଯାଉନାହିଁ। ଏଥିଯୋଗୁ ବିହାରର ପ୍ରାୟ ୧.୫ କୋଟି ମତଦାତା ଭୋଟର ତାଲିକାରୁ ବାଦ୍ ପଡ଼ିବା ଆଶଙ୍କା କରି ଇଣ୍ଡିଆ ବ୍ଲକ୍‌ର ନେତାମାନେ ଇସିଙ୍କୁ ଭେଟିଥିଲେ। ଏଥିରୁ କୌଣସି ସୁଫଳ ନ ମିଳିବାରୁ ସୁପ୍ରିମକୋର୍ଟରେ ୧୦ରୁ ଅଧିକ ପିଟିଶନ ଦାଖଲ କରାଯାଇଛି। ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ମୁଖ୍ୟ ଆବେଦନକାରୀ ହୋଇଥିବାବେଳେ ଅନ୍ୟ ପିଟିଶନରମାନେ ହେଲେ ଆର୍‌ଜେଡି ଏମ୍‌ପି ମନୋଜ ଝା, ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର, କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଏନ୍‌ସିପି-ଏସ୍‌ପି ନେତ୍ରୀ ସୁପ୍ରିୟା ସୁଲେ, ସିପିଆଇ ନେତା ଡି. ରାଜା, ସମାଜବାଦୀ ପାର୍ଟିର ହରିନ୍ଦର ସିଂ ମଲିକ, ଶିବସେନା ୟୁବିଟି ନେତା ଅରବିନ୍ଦ ସାଓ୍ୱନ୍ତ, ଜେଏମ୍‌ଏମ୍‌ର ସରଫରାଜ ଅହମଦ ଏବଂ ସିପିଆଇଏମ୍‌ଏଲ୍‌ର ଦୀପଙ୍କର ଭଟ୍ଟାଚାର୍ଯ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଇସିଙ୍କ ଅର୍ଡର ଖାରଜ କରିବାକୁ ଏହି ନେତାମାନେ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି। ଗୁରୁବାର ଆଂଶିକ କାର୍ଯ୍ୟଦିବସ ଥିବାବେଳେ ଜଷ୍ଟିସ୍ ସୁଧାଂଶୁ ଧୂଲିଆ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏହାର ଶୁଣାଣି ଆରମ୍ଭ କରିଛନ୍ତି। ଖଣ୍ଡପୀଠ ଇସିଙ୍କୁ ପ୍ରଶ୍ନ କରିଛନ୍ତି, ଭୋଟର ତାଲିକା ସମୀକ୍ଷା ପାଇଁ ଆୟୋଗଙ୍କ କ୍ଷମତା ରହିଛି କି? ଏସ୍‌ଆଇଆର୍ ପାଇଁ ଯେଉଁ ପ୍ରକ୍ରିୟା ଆପଣାଯାଇଛି, ତା'ର ଯଥାର୍ଥତା କ'ଣ? ଏଭଳି ସମୟରେ କାହିଁକି ତାଲିକା ସଂଶୋଧନ କରୁଛନ୍ତି? ତେବେ ଏହି ପ୍ରକ୍ରିୟାକୁ 'କୃତ୍ରିମ' କିମ୍ବା 'କାଲ୍ପନିକ' ବୋଲି କହିବାରୁ ଆବେଦନକାରୀମାନେ ନିବୃତ୍ତ ରୁହନ୍ତୁ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ଜୁଲାଇ ୨୮ରେ ଉକ୍ତ ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣିକରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ଇସିଙ୍କୁ ସପ୍ତାହେ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



ୟୁରୋପରେ ଗ୍ରୀଷ୍ମ ଲହରି: ୧୦ ଦିନରେ ୨,୩୦୦ ମୃତ

ନୂଆଦିଲ୍ଲୀ, ୧୦।୭

ୟୁରୋପର ୧୨ଟି ସହରରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ଯୋଗୁ ଜୁନ୍ ୨୩ରୁ ଜୁଲାଇ ୨ ତାରିଖ ୧୦ ଦିନ ମଧ୍ୟରେ ୨,୩୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ସେଥିରୁ ଦୁଇ-ତୃତୀୟାଂଶ ବା ୧,୫୦୦ ଜଣଙ୍କ ମୃତ୍ୟୁର ଜଳବାୟୁ ପରିବର୍ତ୍ତନ ସହ ପ୍ରତ୍ୟକ୍ଷ ସମ୍ପର୍କ ରହିଥିବା କୁହାଯାଇଛି। ପଶ୍ଚିମ ୟୁରୋପର ବିସ୍ତୀର୍ଣ୍ଣ ଅଞ୍ଚଳ ଗ୍ରୀଷ୍ମ ଲହରି ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ସ୍ପେନ୍‌ରେ ତାପମାତ୍ର ୪୦ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିଛି। ଫ୍ରାନ୍ସରେ ବନାଗ୍ନି ଯୋଗୁ ତାପମାତ୍ରା ବୃଦ୍ଧି ପାଇଛି। ବାର୍ସିଲୋନା, ମାଡ୍ରିଡ୍, ଲଣ୍ଡନ ଓ ମିଲନ ସମେତ ୧୨ଟି ୟୁରୋପୀୟ ସହରରେ ୩ କୋଟିରୁ ଊର୍ଦ୍ଧ୍ୱ ଲୋକ ରହୁଥିବାବେଳେ ସେଠାରେ ତାପମାତ୍ରା ୪ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇଛି।

ଆଲିଆ ଭଟ୍ଟଙ୍କୁ ୭୭ ଲକ୍ଷ ଠକିଥିବା ପୂର୍ବତନ ପିଏ ଗିରଫ

ମୁମ୍ବାଇ, ୧୦।୭

ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ(ପିଏ) ବେଦିକା ପ୍ରକାଶ ଶେଟ୍ଟୀ ବୁଧବାର ଗିରଫ ହୋଇଛନ୍ତି। ସେ ଗତ ୬ ମାସ ଧରି ଫେରାର ଥିଲେ। ବେଦିକା ଗତ ୨ ବର୍ଷ ଧରି ଆଲିଆଙ୍କୁ ଠକି ଆସୁଥିଲେ। ସେ ନକଲି ବିଲ୍ ଏବଂ ଆଲିଆଙ୍କ ନକଲି ଦସ୍ତଖତକୁ ବ୍ୟବହାରକରି ତାଙ୍କୁ ୭୭ ଲକ୍ଷ ଟଙ୍କା ଠକିଥିଲେ। କିଛି ମାସ ତଳେ ଏନେଇ ଆଲିଆଙ୍କ ମା' ସୋନି ରାଜ୍‌ଦାନ ଥାନାରେ ଅଭିଯୋଗ ମରିଥିଲେ। ମୁମ୍ବାଇ ପୋଲିସ ତାଙ୍କୁ ବେଙ୍ଗାଲୁରୁରୁ ଗିରଫ କରିଛି।

ଉଦ୍‌ବେଗ ପ୍ରକାଶକଲେ ସୁପ୍ରିମକୋର୍ଟ

- ବିହାର ଭୋଟର ତାଲିକାର ଏସ୍‌ଆଇଆର୍ ପାଇଁ ଲୋକଙ୍କ ଆଧାର କାର୍ଡ, ଭୋଟର ପରିଚୟପତ୍ର ଓ ରାଶନ କାର୍ଡ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ଇସିଙ୍କୁ ପରାମର୍ଶ ଦେଇଛନ୍ତି।
- ଏସ୍‌ଆଇଆର୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଯାହାକି ଗଣତନ୍ତ୍ରର ମୂଳ ଏବଂ ମତଦାନ ଅଧିକାର ସହ ଜଡ଼ିତ।
- ଭୋଟର ତାଲିକା ସଂଶୋଧନ କ୍ଷମତା, ଏଥିପାଇଁ ଆପଣାଯାଇଥିବା ପଦ୍ଧତି ଓ ପ୍ରକ୍ରିୟାର ସମୟକୁ ନେଇ ସୁପ୍ରିମକୋର୍ଟ ଇସିଙ୍କୁ ପ୍ରଶ୍ନ କରିଛନ୍ତି।
- ବିହାରରେ ନାଗରିକତ୍ୱ ପ୍ରମାଣ ପାଇଁ ଉଦ୍ଦିଷ୍ଟ ସୂଚୀବଦ୍ଧ ତାଲିକା ଦସ୍ତାବିଜରୁ ଆଧାର କାର୍ଡକୁ ବାଦ୍ ଦିଆଯିବା ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି।
- ନାଗରିକତ୍ୱ ପ୍ରସଙ୍ଗ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପରିସରଭୁକ୍ତ ବିଷୟ ବୋଲି ସୁପ୍ରିମକୋର୍ଟ କହିବା ସହ ଏଥିରେ ଇସି କାହିଁକି ମୁଣ୍ଡ ପୂରାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି।

ଛାତ୍ର, ପର୍ଯ୍ୟଟକ, ଏଚ୍-୧ବି ଭିଜା ଶୁଳ୍କ ବଢ଼ାଇଲା ଆମେରିକା

ୱାଶିଂଟନ୍, ୧୦।୭ (ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୱାନ୍ ବିଗ୍ ବିୟୁଟିଫୁଲ୍ ବିଲିୟନ୍ ବିଲ୍ ଆକ୍ଟ ଅଧୀନରେ ଦେଶର ଆପ୍ରବାସୀ ନୀତିରେ ପରିବର୍ତ୍ତନ କରାଯାଇ ୨୫୦ ଡଲାରର ଭିଜା ଇଣ୍ଟିଗ୍ରିଟି ଫି'ର ପ୍ରଚଳନ କରାଯାଇଛି। ଏକ ସୁରକ୍ଷା ଜମା ଭଳି ଏହି ବାଧ୍ୟତାମୂଳକ ଶୁଳ୍କକୁ ଲାଗୁ କରାଯାଇଛି। ନୂତନ ନିୟମ ଅନୁଯାୟୀ, ଏହି ବାଧ୍ୟତାମୂଳକ ଶୁଳ୍କ ୨୦୨୬ଠାରୁ କାର୍ଯ୍ୟକାରୀ ହେବ। ଏଥିରେ ପର୍ଯ୍ୟଟକ/ବ୍ୟବସାୟ (ବି୧-ବି୨) ଭିଜା, ଛାତ୍ର ଭିଜା (ଏଫ୍ ଏବଂ ଏମ୍) ଏବଂ ଏଚ୍-୧ ଭିଜା ଅନ୍ତର୍ଭୁକ୍ତ ଥିବା ବେଳେ କେବଳ କୂଟନୈତିକ ଭିଜା ଶ୍ରେଣୀ (ଏ ଏବଂ ଜି)କୁ ଏଥିରୁ ଛାଡ଼ କରାଯାଇଛି। ଅଧିକାଂଶ ଅଣ-ଆପ୍ରବାସୀ ଭିଜା ଶ୍ରେଣୀରେ ୨୫୦ ଡଲାରର ଏହି ଭିଜା ଇଣ୍ଟିଗ୍ରିଟି ଫି'କୁ ଯୋଡ଼ାଯାଇଛି। ଟ୍ରମ୍ପ ପ୍ରଶାସନ ପକ୍ଷରୁ ଜାରି ଏହି ପଦକ୍ଷେପକୁ ଆମେରିକାର ଆପ୍ରବାସ ଆଇନକୁ ପାଳନ କରିବା ପାଇଁ ବାଧ କରିବା ଉଦ୍ଦେଶ୍ୟରେ ଏକ ପ୍ରୟାସ ବୋଲି ବିଚାର କରାଯାଉଛି।

ହସ୍ପିଟାଲରେ ମୃତ, କବର ପୂର୍ବରୁ ନବଜାତକ ଜୀବିତ

ବିଡ୍, ୧୦।୭

ମହାରାଷ୍ଟ୍ରର ବିଡ୍ ଜିଲାରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଅମ୍ବାଯୋଗାଇ ଅଞ୍ଚଳରେ ଥିବା ସ୍ୱାମୀ ରାମାନନ୍ଦ ତୀର୍ଥ ସରକାରୀ ହସ୍ପିଟାଲରେ ଜନ୍ମ ହୋଇଥିବା ଏକ ନବଜାତକକୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ କବର ଦେବା ପୂର୍ବରୁ ନବଜାତକଟିଜୀବିତ ଥିବା ଜଣାପଡ଼ିଥିଲା।

ଗତ ୭ ତାରିଖ ରାତିରେ ରାମାନନ୍ଦ ତୀର୍ଥ ହସ୍ପିଟାଲରେ ଜଣେ ମହିଳା ଏକ ନବଜାତକକୁ ଜନ୍ମ ଦେଇଥିଲେ। କିଛି ସମୟ ପରେ ଡାକ୍ତର ଉକ୍ତ ଶିଶୁକୁ ମୃତ ଘୋଷଣା କରିଥିଲେ। ୧୨ ଘଣ୍ଟା ପର୍ଯ୍ୟନ୍ତ ଶିଶୁଟିକୁ ହସ୍ପିଟାଲରେ ରଖାଯାଇଥିଲା। ପରିବାର ଲୋକ ଏବଂ ସମ୍ପର୍କୀୟ ଶିଶୁଟିକୁ କବର ଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ନବଜାତକର ଜେଜେବାପା କହିଛନ୍ତି, ସେମାନେ ଏକ ବ୍ୟାଗ୍‌ରେ ନବଜାତକକୁ ରଖି ମୋଟର ସାଇକେଲରେ କବର ଦେବା ପାଇଁ ନେଇଥିଲେ। ତେବେ କବର ଦେବାର ଠିକ୍ ପୂର୍ବରୁ ନଜଜାତକର ଜେଜେମା' ଶିଶୁଟିର ଚେହେରା ଦେଖିବାକୁ ଜିଦ୍ କରିଥିଲେ। ବ୍ୟାଗ୍‌ରୁ ଶିଶୁକୁ ବାହାର କରିବା ପରେ ସେ ହଲୁଥିବାର ଦେଖିବାକୁ ମିଳିଥିଲା। ଶିଶୁଟି ବଞ୍ଚିଥିବା ଜାଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତୁରନ୍ତ ଶିଶୁଟିକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ଶିଶୁଟିର ଅବସ୍ଥା ସ୍ଥିର ରହିଛି। ଡାକ୍ତରଙ୍କ ଅବହେଳାରୁ ଏହି ସ୍ଥିତି ଉପୁଜିଥିବା ନେଇ ଶିଶୁର ପରିବାର ଅଭିଯୋଗ ଆଣିଛନ୍ତି। ଘଟଣାକୁ ନେଇ ଏକ ତଦନ୍ତ କମିଟି ଗଠନ ହୋଇଛି ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାମାନନ୍ଦ ତୀର୍ଥ ହସ୍ପିଟାଲର ଡିନ୍ ଡାକ୍ତର ରାଜେଶ କଡ୍‌ରେ କହିଛନ୍ତି।

ଫୁରସତ୍

ଅକ୍ଟୋବର ୩୧ରେ 'ବାହୁବଲୀ ଦି ଏପିକ୍'

ହାଇଦ୍ରାବାଦ

୨୦୧୫ରେ ରିଲିଜ୍ ହୋଇଥିବା 'ବାହୁବଲୀ ଦି ବିଗ୍‌ନିଂ' ଭାରତୀୟ ସିନେମାର ଚିନ୍ତାଧାରାକୁ ବଦଳାଇଥିଲା। ବୁଧବାର ଏହି ଫିଲ୍ମର ରିଲିଜ୍‌କୁ ୧୦ ବର୍ଷ ପୂରଣ ହୋଇଛି। ଏହି ବିଶେଷ ଅବସରକୁ ସ୍ମରଣୀୟ କରିବା ପାଇଁ ନିର୍ଦ୍ଦେଶକ ରାଜମୌଲୀ ଏକ ବଡ଼ ଘୋଷଣା କରିଛନ୍ତି। ଆସନ୍ତା ଅକ୍ଟୋବର ୩୧ରେ 'ବାହୁବଲୀ ଦି ଏପିକ୍' ରିଲିଜ୍ ହେବାକୁଯାଉଛି। ଏଥିରେ ବାହୁବଲୀର ଉଭୟ ଭାଗକୁ ମିଶ୍ରଣ କରାଯାଇଥିବା ସେ କହିଛନ୍ତି। ବୁଧବାର ସେ ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି, ୧୦ ବର୍ଷ ତଳେ 'ବାହୁବଲୀ'ର ଯାତ୍ରା ଆରମ୍ଭ ହୋଇଥିଲା। ଆସନ୍ତା ଅକ୍ଟୋବର ୩୧ରେ 'ବାହୁବଲୀ ଦି ଏପିକ୍' ଦର୍ଶକଙ୍କ ପାଇଁ ରିଲିଜ୍ ହେବ, ଯେଉଁଥିରେ ଫିଲ୍ମର ଉଭୟ ଭାଗକୁ ମିଶ୍ରଣ କରାଯାଇଛି। ବାହୁବଲୀର ଦ୍ୱିତୀୟ ଭାଗ 'ବାହୁବଲୀ ୨: ଦି କନ୍‌କ୍ଲୁଜନ୍' ୨୦୧୭ରେ ରିଲିଜ୍ ହୋଇଥିଲା। ଉଭୟ ଫିଲ୍ମରେ ଅଭିନେତା ପ୍ରଭାସ, ରାଣା ଦଗ୍ଗୁବତି, ସତ୍ୟରାଜ୍, ନାସର ଏବଂ ଅଭିନେତ୍ରୀ ଅନୁଷ୍କା ଶେଟ୍ଟୀ, ତମନ୍ନା ଭାଟିଆ, ରମ୍ୟା କ୍ରିଷ୍ଣନ୍ ପ୍ରମୁଖଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। 'ବାହୁବଲୀ ଦି ବିଗ୍‌ନିଂ' ବିଶ୍ୱବ୍ୟାପୀ ୬୫୦ କୋଟି ଟଙ୍କାର ବ୍ୟବସାୟ କରିଥିବାବେଳେ 'ବାହୁବଲୀ ୨: ଦି କନ୍‌କ୍ଲୁଜନ' ୧୭୮୮.୦୬ କୋଟି ଟଙ୍କାର ବ୍ୟବସାୟ କରିଥିଲା।

ସବୁଠୁ ଛୋଟ ପକ୍ଷୀ ବି ହମିଂବାର୍ଡ

ହଭାନା

ବିଶ୍ୱର ସବୁଠାରୁ ଛୋଟ ପକ୍ଷୀର ନାମ ହେଉଛି ବି ହମିଂବାର୍ଡ। କାରବିଆନ୍ ଦେଶ କ୍ୟୁବାର ଘନ ଜଙ୍ଗଲରେ ମାତ୍ର ୫ରୁ ୬ ସେଣ୍ଟିମିଟର ଲମ୍ବ ବିଶିଷ୍ଟ ଏହି ପକ୍ଷୀକୁ ଦେଖିବାକୁ ମିଳିଥାଏ। ଏହି ପକ୍ଷୀଟି ଆକାରରେ ଏତେ କ୍ଷୁଦ୍ର ଯେ ଏହା କୌଣସି ମଣିଷର କାଣି ଆଙ୍ଗୁଠିଠାରୁ ମଧ୍ୟ ଛୋଟ ହେବ। ବି ହମିଂବାର୍ଡର ଓଜନ ମାତ୍ର ୧.୫ରୁ ୨ ଗ୍ରାମ୍ ମଧ୍ୟରେ ହେବ। ଏହି କାରଣରୁ ଅନେକେ ଏହି ପକ୍ଷୀକୁ ମହୁମାଛି ବୋଲି ଭାବି ଦେଇଥାନ୍ତି। ଉଡ଼ିବା ସମୟରେ ବି ହମିଂବାର୍ଡ ମହୁମାଛି ପରି ଶବ୍ଦ କରିଥାଏ ଏବଂ ଏହାର ଆକାର ମଧ୍ୟ ମହୁମାଛି ପରି ହୋଇଥିବାରୁ ଏହି ପକ୍ଷୀକୁ ମହୁମାଛି ବୋଲି ଭାବି ଅନେକେ ଭ୍ରମରେ ପଡ଼ିଥାନ୍ତି।

ଏହି କ୍ଷୁଦ୍ର ପକ୍ଷୀର ଅନେକ ଆଶ୍ଚର୍ଯ୍ୟଜନକ ବିଶେଷତ୍ୱ ରହିଛି। ସାଧାରଣତଃ ଅଧିକାଂଶ ପକ୍ଷୀ କେବଳ ଆଗକୁ ଉଡ଼ିପାରନ୍ତି, କିନ୍ତୁ ବି ହମିଂବାର୍ଡ ପକ୍ଷୀ ଆଗ ସହ ପଛକୁ ମଧ୍ୟ ଉଡ଼ିପାରିଥାଏ। ଏହି ପକ୍ଷୀ ଫୁଲ ଭିତରେ ନିଜ ଥଣ୍ଟ ଭର୍ତ୍ତି କରି ଶୋଷିବା ପରେ ତୁରନ୍ତ ପଛକୁ ଫେରିଯାଇ ପରବର୍ତ୍ତୀ ଫୁଲ ପାଖକୁ ଯାଇପାରିଥାଏ। ଏହି ପକ୍ଷୀର ଡେଣା ଫଡ଼ଫଡ଼ ଏତେ ଦ୍ରୁତ ଯେ, ଏହାକୁ ଖାଲି ଆଖିରେ ଦେଖି ହୋଇ ନ ଥାଏ। ପ୍ରତି ସେକେଣ୍ଡରେ ଏହି ପକ୍ଷୀ ୮୦ରୁ ଅଧିକ ଥର ନିଜ ଡେଣାକୁ ଫଡ଼ଫଡ଼ କରିପାରିଥାଏ। ତେବେ କେବେ କେବେ ଉଡ଼ିବା ସମୟରେ ବି ହମିଂବାର୍ଡର ଡେଣା ଫଡ଼ଫଡ଼ କରିବାର ଗତି ସେକେଣ୍ଡ୍ ପ୍ରତି ୨୦୦ରୁ ଅଧିକ ଥର ହୋଇଯାଇଥାଏ, ଫଳରେ ଏହି ଶବ୍ଦ ଠିକ୍ ମହୁମାଛିର ଗୁଞ୍ଜରଣ ପରି ଶୁଭିଥାଏ।

ତେବେ ପୁରୁଷ ଏବଂ ମାଈ ବି ହମିଂବର୍ଡ ପକ୍ଷୀ ମଧ୍ୟରେ ଅନେକ କିଛି ପାର୍ଥକ୍ୟ ରହିଛି। ପୁରୁଷ ହମିଂବାର୍ଡ ଅଧିକ ଉଜ୍ଜ୍ୱଳ ହୋଇଥାନ୍ତି। ସେମାନଙ୍କର ମୁଣ୍ଡ ଏବଂ ବେକରେ ଇନ୍ଦ୍ରଧନୁ, ଲାଲ୍ କିମ୍ବା କମଳା ରଙ୍ଗର ପର



ନବୀନ ବିକିବେ ନା ନେତା ଚେଡିବେ

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

୨୦୨୬ ଏପ୍ରିଲରେ ଓଡ଼ିଶାରେ ୪ଟି ରାଜ୍ୟ ସଭା ଆସନ ଖାଲି ହୋଇଯିବ। ଖାଲି ହେବାକୁ ଥିବା ଏହି ରାଜ୍ୟ ସଭା ଆସନଗୁଡିକୁ ନେଇ ଏବେଠାରୁ ୩ ମୁଖ୍ୟ ଦଳ ଗଣିତ କଷିବା ଆରମ୍ଭ କରିଦେଲେଣି। ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ୍(ମୁନା), ନିରଞ୍ଜନ ବିଶି, ସୁଜିତ୍ କୁମାର ଏବଂ ମମତା ମହାନ୍ତଙ୍କ କାର୍ଯ୍ୟକାଳ ଏକାସଙ୍ଗେ ଶେଷହେବ। ଏହି ୪ ଆସନ ଲାଗି ହେବାକୁ ଥିବା ନିର୍ବାଚନ ବହୁ ରୋଚକପୂର୍ଣ୍ଣ ହେବ ବୋଲି ଏବେଠାରୁ ଚର୍ଚ୍ଚା ହେଲାଣି। ଉକ୍ତ ରାଜ୍ୟ ସଭା ନିର୍ବାଚନର ଗଣିତ ଯାହା କହୁଛି, ବିଜେଡିର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିବ। ପୂର୍ବଭଳି ବିଜେଡି ଏହି ୪ ଆସନ ଲାଗି ନିର୍ବାଚନ ହେବା ସମୟରେ ପୁଣି ଥରେ ଭାଜପା ଆଡ଼କୁ ଢଳିଯିବ ନା ବିରୋଧୀ ଦଳ ଭୂମିକାକୁ ନିଷ୍ଠାପର ଭାବେ ତୁଲାଇବ, ତାହାକୁ ନେଇ ମୁଖ୍ୟତଃ ଆଲୋଚନା ହେଉଛି । ହେଲେ ଗୋଟିଏ ରାଜ୍ୟ ସଭା ଆସନ ନିଶ୍ଚିତ ଜିତିବାକୁ ଥିବା ବିଜେଡିର ଏକାଧିକ ନେତା ଏବେଠାରୁ ସେହି ବିଚାର ଚଳାଇଲେଣି। ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା ଅନେକ ନେତା କେମିତି ଟିକେ ସେହି ଗୋଟେ ରାଜ୍ୟ ସଭା ଆସନ ଜରିଆରେ ନିଜ ରାଜନୈତିକ ଜୀବନକୁ ସୁରକ୍ଷିତ କରିଦେବେ ସେଥିପାଇଁ ବହୁ ବିକଳ ହେଲେଣି। ହେଲେ ଖାଲି ହେବାକୁ ଥିବା ୪ଟି ରାଜ୍ୟ ସଭା ଆସନଟି ବିଶେଷ ଚର୍ଚ୍ଚାର କାରଣ ହେବ। କାରଣ କଂଗ୍ରେସ ଭୋଟ୍ ରାଜ୍ୟ ସଭା ନିର୍ବାଚନରେ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ସୃଷ୍ଟି କରିବ। ରାଜ୍ୟ ସଭା ନିର୍ବାଚନ ପାଇଁ ବିଧାନସଭାରେ ଯେଉଁ ଅଙ୍କ ରହିଛି ତାହା ରୋଚକ ସ୍ଥିତି ସୃଷ୍ଟି କରିବା ସମ୍ଭାବନା ଅଧିକ। ଏଥର ଭୋଟିଂର ଗଣିତ ହିଁ ସେହିପରି ରହିଛି। କେତେ ବର୍ଷ ହେଲା ରାଜ୍ୟ ସଭା ଆସନ ଲାଗି ଭୋଟିଂ କରିବାକୁ ପଡୁ ନ ଥିଲା। ଏଥର କିନ୍ତୁ କୌଣସି ଦୁଇଟି ଦଳ ଯଦି ଏକାଠି ନ ହୁଅନ୍ତି ତେବେ ରାଜ୍ୟ ସଭାର ଗୋଟିଏ ଆସନ ଲାଗି ନିର୍ବାଚନ ହେବା ଏକ ପ୍ରକାର ନିଶ୍ଚିତ।

ରାଜ୍ୟ ସଭାରେ ବିଜେଡିର ବର୍ତ୍ତମାନ ୭ ଜଣ ସଦସ୍ୟ ଥିବାବେଳେ ଭାଜପାର ସଂଖ୍ୟା ୩ ରହିଛି। ଓଡ଼ିଶା କଂଗ୍ରେସରୁ ଏବେ ରାଜ୍ୟ ସଭାରେ କେହି ନାହାନ୍ତି। ପୂର୍ବରୁ ବିଜେଡି ସହଯୋଗରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୨ ଥର ରାଜ୍ୟ ସଭା ଯାଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପରେ ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର ଏବଂ ମମତା ମହାନ୍ତ ବିଜେଡି ଛାଡ଼ିବା ସହ ରାଜ୍ୟ ସଭାରୁ ଇସ୍ତଫା ଦେଇଥିଲେ। ଏହାପରେ ସେହି ଦୁଇ ନେତା ଭାଜପାରେ ଯୋଗଦେଲେ। ଭାଜପା ମଧ୍ୟ ଉଭୟଙ୍କୁ ନିଜ ଦଳରୁ ରାଜ୍ୟ ସଭା ପାଇଁ ପ୍ରାର୍ଥୀ କରିଥିଲା। ଉଭୟ ମମତା ଏବଂ ସୁଜିତ୍ କୁମାର ସଂଖ୍ୟାବଳରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସହ ବର୍ତ୍ତମାନ ବଳକା ସମୟ ପାଇଁ ଭାଜପାର ରାଜ୍ୟ ସଭା ସଦସ୍ୟ ହୋଇଛନ୍ତି। ବିଧାନସଭା ସଂଖ୍ୟା ଅନୁଯାୟୀ ଭାଜପାର ୭୮ ଜଣ ସଦସ୍ୟ ଥିବାବେଳେ ସେମାନଙ୍କ ସହ ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ରହିବା ଯୋଗୁ ଏହି ସଂଖ୍ୟା ୮୧ରେ ପହଞ୍ଚିଛି। ସେହିପରି ବିଜେଡିର ୫୧, କଂଗ୍ରେସର ୧୪, ଜଣେ ସିପିଆଇ(ଏମ୍) ବିଧାୟକ ଏବେ ବିଧାନସଭାରେ ଅଛନ୍ତି। ଅର୍ଥାତ୍ ଏଠାରେ ଶାସକ ଦଳ ବିରୋଧରେ ଯଦି ସବୁ ବିରୋଧୀ ଯଥା ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍) ଏକାଠି ହୁଅନ୍ତି ତେବେ ସେହି ସଂଖ୍ୟା ୬୬ରେ ପହଞ୍ଚିବ। ୪ଟି ଆସନ ବିଶିଷ୍ଟ ରାଜ୍ୟ ସଭା ଭୋଟିଂର ଗଣିତ ଦେଖିଲେ ଜଣେ ପ୍ରାର୍ଥୀକୁ ଜିତିବା ଲାଗି (ଫାଷ୍ଟ ପ୍ରିଫରେନ୍ସ)

୨୦୨୬ ରାଜ୍ୟ ସଭା

୩୦ ଖଣ୍ଡ ଭୋଟ୍‌ର ଆବଶ୍ୟକତା ପଡିବ।

ତେଣୁ ଖାଲି ହେବାକୁ ଥିବା ୪ ଆସନ ମଧ୍ୟରୁ ୨ଟି ଭାଜପା ନିର୍ଦ୍ୱନ୍ଦ୍ୱରେ ଦଖଲ କରିପାରିବ। ଆଉ ୨ ଖାଲି ଆସନ ମଧ୍ୟରୁ ବିଜେଡି ଖାତାକୁ ମଧ୍ୟ ନିଶ୍ଚିତ ଗୋଟିଏ ଯିବ। ଶେଷ ଗୋଟିଏ ଆସନ ଲାଗି ଗଣିତ ଖେଳ ବଡ ଜଟିଳ ରହିବ। ଏଠାରେ ଯଦି କଂଗ୍ରେସ, ସିପିଆଇ(ଏମ୍) ଏବଂ ବିଜେଡି ଏକାଠି ହୋଇଯାଆନ୍ତି ତେବେ ୪ର୍ଥ ଆସନ ବିରୋଧୀ ସହଜରେ ରଖିଦେଇପାରିବେ। ଏହି ପରିସ୍ଥିତିରେ ରାଜନୈତିକ ଦୃଷ୍ଟିକୋଣରୁ କଂଗ୍ରେସ ନିଶ୍ଚିତ ସେହି ଗୋଟିଏ ଆସନରେ ନିଜର ପ୍ରାର୍ଥୀ ଦେବା ପାଇଁ ଚାହିଁପାରେ। କିନ୍ତୁ ୨୦୧୪ ପରଠାରୁ ବିଜେଡିର ଆଭିମୁଖ୍ୟ ଦେଖିଲେ ରାଜ୍ୟ ସଭାଠାରୁ ଲୋକ ସଭା ପର୍ଯ୍ୟନ୍ତ ସବୁଥିରେ ସେମାନେ ଭାଜପା ସମର୍ଥିତ ଏନ୍‌ଡିଏ ସହ ରହି ଆସିଛନ୍ତି। ଅନେକ ସମୟରେ କେନ୍ଦ୍ରର ଭାଜପା ନେତୃତ୍ୱ କୌଣସି ବିଷୟରେ ସମର୍ଥନ ଲୋଡିବା ପୂର୍ବରୁ ବିଜେଡି ନିଜର ସମର୍ପଣ ଭାବ ଦେଖାଇବାର ଅନେକ ନଜିର ରହିଛି। ବିଜେଡି ସରକାର ସମୟରେ ଅତ୍ୟଧିକ କ୍ଷମତାଶାଳୀ ଥିବା କେତେଜଣ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରଙ୍କ ବଦଳି ଯେଭଳି ଢଙ୍ଗରେ ଭାଜପା ସରକାର କିଛିଦିନ ତଳେ କରି ସେମାନଙ୍କୁ ସୁରକ୍ଷା ଦେଇଛନ୍ତି, ସେଥିରୁ ଭାଜପା କେନ୍ଦ୍ରୀୟ ନେତାଙ୍କ ସହ ରାଜ୍ୟ ବିରୋଧୀ ଦଳର ସମ୍ପର୍କ କେତେ ନିବିଡ଼ ସେକଥା ଏକ ପ୍ରକାର ସ୍ପଷ୍ଟ। ଅନ୍ୟପଟେ ରାଜ୍ୟ ସଭାରେ ମଧ୍ୟ ଭାଜପା ତା'ର ଗୋଟିଏ ହେଲେ ଆସନ କମିଯାଉ ସେକଥା କେବେହେଲେ ଚାହିଁ ନ ପାରେ। ଏହି ବିଷୟକୁ ଲକ୍ଷ୍ୟକରି ବୋଧହୁଏ, ବିଜେଡି ସରକାରରେ ଦୁର୍ନୀତି କରିଥିବା ବଡ ବଡ଼ିଆଙ୍କ ଉପରେ ଭାଜପା ଯେଉଁ କାର୍ଯ୍ୟାନୁଷ୍ଠାନ ନେବ ବୋଲି ନିର୍ବାଚନ ପୂର୍ବରୁ କହୁଥିଲା ତାହା ଏପର୍ଯ୍ୟନ୍ତ ଦେଖିବାକୁ ମିଳୁନାହିଁ। ଅନେକଙ୍କ କହିବାନୁଯାୟୀ, କେନ୍ଦ୍ର ଭାଜପା ସହ ବିଜେଡିର ଅତ୍ୟଧିକ ମଧୁର ସମ୍ପର୍କ ରାଜ୍ୟରେ ସରକାର ପରିବର୍ତ୍ତନର ଏକ ବଡ କାରଣ ପାଲଟିଲା। ଏହି ଆଭିମୁଖ୍ୟ କିପରି ବଦଳିବ ସେନେଇ ଏଯାଏ ବିଜେଡି ଶୀର୍ଷ ନେତା ଚିନ୍ତାକରିବା ଭଳି ମନେହେଉନାହିଁ।

ରାଜ୍ୟ ସଭା ଗଣିତ ଏତେ ଜଟିଳ ଥିଲେ ସୁଦ୍ଧା ବିଜେଡିର ବହୁ ବରିଷ୍ଠ ନେତା ଏକାଠି ହୋଇ ଆସନ୍ତା ରାଜ୍ୟ ସଭା ନିର୍ବାଚନରେ କିପରି ସେମାନେ ୨ଟି ଯାକ ଆସନ ରଖିପାରିବେ ସେକଥା ଚିନ୍ତା କରୁନାହାନ୍ତି। ସେମାନଙ୍କ ମଧ୍ୟରୁ ପରାଜିତ ହୋଇଥିବା ବହୁ ନେତା କିନ୍ତୁ ନିଜକୁ ସୁରକ୍ଷିତ ରଖିବା ଲାଗି କିପରି ଏହି ଆସନରେ ବସିଯିବେ ସେଥିଲାଗି ମସୁଧା ଆରମ୍ଭ କଲେଣି। ଗତ କେତେବର୍ଷ ହେଲା ନବୀନଙ୍କ ଅତି ଆପଣାର ଭି.କେ. ପାଣ୍ଡିଆନ୍ ଭାଜପା କେନ୍ଦ୍ରୀୟ ନେତାଙ୍କ ସହ ରାଜ୍ୟ ସଭା ଆସନକୁ ନେଇ କିଭଳି ଚୁକ୍ତି କରିଛନ୍ତି ସେ ଆଡ଼କୁ ଆଉ କେହି ଭାବୁନାହାନ୍ତି। ୱେକଫ୍ ବିଲ୍ ସମୟରେ ଭି.କେ.ଙ୍କ ଖେଳ ଦେଖିବା ପରେ ରାଜ୍ୟ ସଭା ନିର୍ବାଚନରେ ଗୋଟିଏ ଆସନ ଯେ ଭାଜପା ହାତକୁ ସେ ଟେକି ନ ଦେବେ ସେକଥାକୁ ଏଡ଼ାଇ ଦିଆଯାଇ ନ ପାରେ।

ରାଜ୍ୟ ସଭା ଭୋଟିଂର ଫର୍ମୁଲା

ରାଜ୍ୟ ସଭା ନିର୍ବାଚନ ପ୍ରିଫରେନ୍ସିଆଲ ଭୋଟିଂ ଆଧାରରେ କରାଯାଇଥାଏ। ରାଜ୍ୟ ସଭା ନିର୍ବାଚନରେ କେବଳ ବିଧାନସଭାର ସଦସ୍ୟମାନେ ଭୋଟ ଦେଇଥାଆନ୍ତି। ଓଡ଼ିଶା ବିଧାନସଭାର ସଦସ୍ୟ ସଂଖ୍ୟା ୧୪୭। ନିୟମାନୁଯାୟୀ ଗୋଟିଏ ଭୋଟ ପରିମାଣ ୧୦୦ ଧରାଯାଇଥାଏ। ଏହାର ଭୋଟିଂ ଫର୍ମୁଲା ହେଉଛି, ବିଧାନସଭାର ଭ୍ୟାଲିଡ୍ ଆସନ ସଂଖ୍ୟା(୧୪୭) ଗୁଣନ(x) ୧୦୦ ବିଭକ୍ତ(/) ରାଜ୍ୟ ସଭା ପାଇଁ ଖାଲିଥିବା ଆସନ ସଂଖ୍ୟା(୪) ଯୁକ୍ତ(+) ୧ ଯାହା ଫଳ ବାହାରିବ ତାହା ସହ ଯୁକ୍ତ(+) ୧। ଅର୍ଥାତ୍ (୧୪୭ x୧୦୦/୪+୧)+୧ ହିସାବରେ ଯାହା ବାହାରିବ ସେତିକି ଭୋଟ୍‌ଜଣେ ପ୍ରାର୍ଥୀକୁ ଆବଶ୍ୟକ ପଡିବ। ଏହାକୁ ହିସାବ କଲେ ଫଳ ୨୯୪୧ ବାହାରୁଛି। ତେଣୁ ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ୩୦ ଖଣ୍ଡ ଭୋଟ୍‌ର ଆବଶ୍ୟକତା ପଡିବ। ଆସନ୍ତା ଏପ୍ରିଲରେ ଖାଲି ହେବାକୁ ଥିବା ୪ ଆସନକୁ ନେଇ ଏହି ହିସାବ କରାଯାଇଛି। ପ୍ରତି ଭୋଟରଙ୍କ ପ୍ରଥମ ଭୋଟ୍ ଯାହାକୁ ଯାଇଥିବ ସେ ହିଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ। ସେହି ଅନୁଯାୟୀ ଯଦି ୪ ଖାଲି ଆସନକୁ ନେଇ ଦେଖିବା ତେବେ ଭାଜପାର ୬୦ ଜଣ ସଦସ୍ୟ ସେମାନଙ୍କ ପ୍ରଥମ ଭୋଟ୍‌ରେ ୨ ଜଣଙ୍କୁ ସରଳ ଭାବେ ଜିତାଇ ଦେଇପାରିବେ। ସେହିପରି ସଂଖ୍ୟା ଦୃଷ୍ଟିରୁ ଗୋଟିଏ ଆସନରେ ବିଜେଡି ମଧ୍ୟ ସହଜରେ ଜିତିପାରିବ। ହେଲେ ୪ର୍ଥ ଆସନ ଲାଗି କୌଣସି ଦଳର ସଂଖ୍ୟା ହେବ ନାହିଁ। ଏହି ଆସନ ସକାଶେ ଭାଜପା ସପକ୍ଷରେ ୨୧ ଏବଂ ବିଜେଡି ସପକ୍ଷରେ ୨୧ ଖଣ୍ଡ ଭୋଟ୍ ରହିବ। ଯଦି ଉଭୟ ଦଳର ସମସ୍ତ ସଦସ୍ୟ ଭୋଟ୍ ଦେବା ଲାଗି ଆସନ୍ତି, ଏହି କ୍ଷେତ୍ରରେ କଂଗ୍ରେସ ପାଖରେ ୧୪ ଏବଂ ଗୋଟିଏ ସିପିଆଇ(ଏମ୍) ସଦସ୍ୟଙ୍କ ଭୋଟ୍ ବହୁ ଗୁରୁତ୍ୱ ବହନ କରିବ। ବିଜେଡି ଯଦି ଏମାନଙ୍କ ସହ ଏକାଠି ହୁଏ ତେବେ ୪ର୍ଥ ଆସନ ବିରୋଧୀଙ୍କ ଦଖଲରେ ରହିପାରିବ। ଯଦି ବିଜେଡି ଏହି ସମୟରେ କଂଗ୍ରେସ ସହ ଏକାଠି ନ ହୁଏ କିମ୍ବା କୌଣସି କାରଣରୁ ବିରୋଧୀ ଏକାଠି ନ ହୁଅନ୍ତି, ତେବେ ଭୋଟ୍ ଦେଇଥିବା ସଦସ୍ୟମାନଙ୍କ ଦ୍ୱିତୀୟ ଭୋଟ୍ (ସେକେଣ୍ଡ ପ୍ରିଫରେନ୍ସ) କାଉଣ୍ଟ କରାଯିବ। ଏପରି ଭାବେ ଯଦି ସମସ୍ତେ ଅଲଗା ଅଲଗା ହୋଇ ଭୋଟ୍ ଦିଅନ୍ତି ସଂଖ୍ୟା ଦୃଷ୍ଟିରୁ ଭାଜପା ଉକ୍ତ ଆସନରେ ବାଜିମାତ୍ କରିଯିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେତେବେଳେ ରାଜ୍ୟ ସଭା ଭୋଟିଂ ହେବ ସେତେବେଳେ ଯଦି କୌଣସି ସଦସ୍ୟଙ୍କ ଭୋଟ୍ ନାକଚ ହୋଇଯାଏ ସେ କ୍ଷେତ୍ରରେ ମଧ୍ୟ ଗଣିତ ଅଲଗା ହେବ। କାରଣ ପ୍ରଥମରୁ ଆମେ ଉଲ୍ଲେଖ କରିଛୁ ଭ୍ୟାଲିଡ୍ ଭୋଟ୍‌କୁ ହିଁ ଗଣତିରେ ନିଆଯିବ। ଯେତିକି ଭୋଟ୍ ନାକଚ ହେବ ବିଧାନସଭା ସଦସ୍ୟଙ୍କ ମୋଟ୍ ସଂଖ୍ୟାରୁ ସେହି ଆସନ କାଟିଦେଇ ଗଣିତ କରାଯିବ। ଉଦାହରଣ ଭାବେ ୨ ଜଣଙ୍କ ଭୋଟ୍ ନାକଚ ଯଦି ହୋଇଯାଏ ସେଠାରେ ଫର୍ମୁଲା ହେବ, ୧୪୭-୨=୧୪୫। (୧୪୫x୧୦୦/୪+୧)+୧। ଏହି କ୍ଷେତ୍ରରେ ଗୋଟିଏ ଭୋଟ୍ ଲାଗି ୨୯ ଖଣ୍ଡ ଭୋଟ୍‌ର ଆବଶ୍ୟକତା ପଡିବ। ଏହିଭଳି ହୋଇଥାଏ ରାଜ୍ୟ ସଭା ଭୋଟିଂର ହିସାବ।

୧୨ରେ ଓଡ଼ିଶା ଫେରିବେ ନବୀନ, ସ୍ୱାଗତ କରିବାକୁ ବିଜେଡିର ପ୍ରସ୍ତୁତି

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୧୨ ତାରିଖ ଶନିବାର ମୁମ୍ବାଇରୁ ଫେରିବେ। ଗତ ୨୨ ତାରିଖରେ ଅସ୍ତ୍ରୋପଚାର ଲାଗି ସେ ଗତ ୨୦ରୁ ମୁମ୍ବାଇ ଗସ୍ତରେ ଅଛନ୍ତି। ତାଙ୍କ ଅସ୍ତ୍ରୋପଚାର ସଫଳ ହୋଇଥିବା ବେଳେ ସେ ହସ୍ପିଟାଲରୁ ମଧ୍ୟ ଗତ ସପ୍ତାହରେ ଡିସ୍‌ଚାର୍ଜ ହୋଇଥିଲେ। ଡିସ୍‌ଚାର୍ଜ ହେବା ସମୟରେ ସେ ଡାକ୍ତରମାନଙ୍କ ସହ ଭେଟୁଥିବାର ଏକ ଭିଡିଓ ଜାରି କରିଥିଲେ। ଏହାପରେ ସେ ଫିଜିଓଥେରାପି ନେବା ଲାଗି କିଛିଦିନ ପାଇଁ ମୁମ୍ବାଇରେ ରହିବେ ବୋଲି ତାଙ୍କ ରାଜନୈତିକ ସଚିବ ସନ୍ତୁପ୍ତ ମିଶ୍ର ସୂଚନା ମଧ୍ୟ ଦେଇଥିଲେ। ଶନିବାର ନବୀନ ଫେରିବେ ବୋଲି ଗୁରୁବାର ସନ୍ତୁପ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ନବୀନଙ୍କୁ ସ୍ୱାଗତ ଜଣାଇବା ଲାଗି ବିଜେଡି ପକ୍ଷରୁ ଏବେ ପ୍ରସ୍ତୁତି ଆରମ୍ଭ ହୋଇଛି। ଦଳ ପକ୍ଷରୁ ୧୦ ହଜାର ଲୋକଙ୍କୁ ନେଇ ବିମାନବନ୍ଦରଠାରୁ ନବୀନ ନିବାସ ପର୍ଯ୍ୟନ୍ତ ସମ୍ବର୍ଦ୍ଧନା ଦେବା ଲାଗି ଯୋଜନା ହୋଇଥିବା ଜଣାପଡିଛି।

ବଳକା ଚାଉଳ ନେବ ଏଫ୍‌ସିଆଇ: ଯୋଗାଣମନ୍ତ୍ରୀ

ଭୁବନେଶ୍ୱର,୧୦।୭ (ରବିନାରାୟଣ ଜେନା)

ରାଜ୍ୟରେ ଚଳିତବର୍ଷ ୧୫ଲକ୍ଷ ମେଟ୍ରିକ ଟନ୍ ବଳକା ଚାଉଳ ଭାରତ ସରକାରଙ୍କ ଖାଦ୍ୟ ନିଗମ(ଏଫ୍‌ସିଆଇ) ଉଠାଇବ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଗୁରୁବାର ଲୋକସେବା ଭବନରେ ବୈଠକ ଅବସରରେ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ପ୍ରତିବର୍ଷ ରାଜ୍ୟରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ୍ ଟନ୍ ଚାଉଳ ବଳକା ରହୁଥିଲା। ମାତ୍ର ଚଳିତବର୍ଷ ୧୫ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିବାର ସମ୍ଭାବନା ରହିଛି। ଏନେଇ ଏଫ୍‌ସିଆଇ ନ ଉଠାଇଲେ ସମସ୍ୟା ଉପୁଜିବାର ସମ୍ଭାବନା ରହିଥିଲା। ମାତ୍ର କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ସହ ଏସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ଚଳିତବର୍ଷ ବଳକା ହେବାକୁ ଥିବା ପ୍ରାୟ ୧୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ନେବାକୁ ଏଫ୍‌ସିଆଇ ସହମତି ପ୍ରକାଶ କରିଛି। ଏନେଇ କେନ୍ଦ୍ରମନ୍ତ୍ରୀ ଏଫ୍‌ସିଆଇକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଥିଲେ, ଚଳିତବର୍ଷ ରାଜ୍ୟ ସରକାର ୯୪ ଲକ୍ଷ ମେଟ୍ରିକ ଟନ୍ ଧାନ ଚାଷୀମାନଙ୍କଠାରୁ ସଂଗ୍ରହ କରିଛନ୍ତି, ଯାହାକି ପୂର୍ବବର୍ଷ ତୁଳନାରେ ଢେର ଅଧିକ। ଏଥିରୁ ୬୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ବାହାରିବ। ରାଜ୍ୟରେ ୨୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଆବଶ୍ୟକତା ରହିଛି, ବାକି ୨୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫ୍‌ସିଆଇ ନେଇଥାଏ। ବଳକା ୧୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫ୍‌ସିଆଇ ଉଠେଇବ କି ନାହିଁ ସେନେଇ ପ୍ରଶ୍ନ ଉଠିଥିଲା। ଆଗରୁ ପ୍ରତି ମାସରେ ୧.୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ନେଉଥିଲା। ଏଣିକି ଏଫ୍‌ସିଆଇ ପ୍ରତି ମାସ ୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବ।

ମନ୍ତ୍ରୀ କହିଥିଲେ, ଚଳିତ ମାସରେ ଖାଉଟିଙ୍କୁ ଗହମ ମିଳିବ। ଯେତିକି ଗହମ ଆସିଥିଲା ହିତାଧିକାରୀଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ପରବର୍ତ୍ତୀ ସମୟରେ ପୁଣି କେନ୍ଦ୍ରରୁ ଗହମ ଆସିଲେ ବଣ୍ଟନ କରାଯିବ।

୨ ମହିଳା ମାଓବାଦୀ ଗିରଫ

ମାଲକାନଗିରି, ୧୦।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଢ଼ ନାରାୟଣପୁର ଜିଲା ପୋଲିସ ଅସ୍ତ୍ରଶସ୍ତ୍ର ସହ ୨ ମହିଳା ମାଓବାଦୀଙ୍କୁ ଗୁରୁବାର ଗିରଫ କରିଛି। କୋହକାମେଟା ଥାନା ଅଞ୍ଚଳରେ କୋମ୍ବିଂ ସମୟରେ ୨ ମହିଳାଙ୍କ ଉପରେ ସନ୍ଦେହକରି ତାଙ୍କୁ ଗିରଫ କରିଥିଲା। ସେମାନେ ହେଲେ ପାରୋ ହପକା ଓ ସୁନିତା ଓରଫ ସଙ୍ଗୀତା ମାଡବି। ଏମାନଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋଟକ ଜବତ କରାଯାଇଛି। ପଚରାଉଚୁରା ପରେ ଏହି ୨ଜଣ ମାଓବାଦୀ ବୋଲି ଜଣାପଡିଥିଲା । ଏମାନେ ବହୁବର୍ଷ ଧରି ଜନତାନା ସରକାର ସଂଗଠନରେ ପ୍ରଚାର ଓ ପୋଲିସ ଉପରେ ଆକ୍ରମଣ ଘଟଣାରେ ସାମିଲ ଥିବା ଜଣାପଡିଛି। ଏମାନଙ୍କ ନିକଟରୁ ୧୨ ବିଜିଏଲ୍ ଲଞ୍ଚର ବନ୍ଧୁକ, ୨ ବିଜିଏଲ୍ ବୋମା, ଗୋଟିଏ ଟିଫିନ ବୋମା, ଗୋଟିଏ ଡିଟୋନେଟର, ୨୪ ପେନ୍‌ସିଲ ସେଲ୍ ସହ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣ ଜବତ କରିଛନ୍ତି।

୧୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୦।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଢ଼ ଦାନ୍ତେୱାଡା ଏସ୍‌ପି ଗୌରବ ରାୟଙ୍କ ନିକଟରେ ଗୁରୁବାର ୧୨ ପୁରସ୍କାର ଘୋଷିତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୮ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଚନ୍ଦ୍ରାନା, ଅମିତ ଓରଫ ହିଂଗା ବାରସା, ୫ ଲକ୍ଷ ପୁରସ୍କାର ଘୋଷିତ ଅରୁଣା, ୩ ଲକ୍ଷ ପୁରସ୍କାର ଘୋଷିତ ଦେବା କବାସୀ, ୨ ଲକ୍ଷ ପୁରସ୍କାର ଘୋଷିତ ରାଜେଶ ମଡକମ୍, ୧ ଲକ୍ଷ ପୁରସ୍କାର ଘୋଷିତ ପଇକେ ଓୟମ୍, ୫୦ ହଜାର ପୁରସ୍କାର ଘୋଷିତ କେସା ସୋଡି, ମହେଶ ଲେକାମ, ରାଜୁ କରଟାମ ରହିଛନ୍ତି। ଏମାନଙ୍କ ସହ ହିଡମେ କବାସୀ, ଜିବୁ ଓରଫ ରୋଶନ ଓ ଅନିଲ ଲେକାମ ଆତ୍ମସମର୍ପଣ କରିଛନ୍ତି। ଛତିଶଗଢ଼ ସରକାରଙ୍କ ପୁନର୍ବାସ ନିୟମ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଛତିଶଗଢ ପୋଲିସ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ସହ ୬ ମାସ ମଧ୍ୟରେ ବହୁ ମାଓବାଦୀଙ୍କୁ ଗୁଳିକରି ହତ୍ୟା କରିଥିବା ବେଳେ ଅନେକ ଆତ୍ମସମର୍ପଣ କରିଛନ୍ତି।

ମନୋଜ କୁମାର ମହାନ୍ତି ଓପିଏସ୍‌ସି ସଦସ୍ୟ ନିଯୁକ୍ତ

ପୂର୍ବରୁ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ସଚିବ ଦାୟିତ୍ୱ ତୁଲାଉଥିଲେ

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

ଅବସରପ୍ରାପ୍ତ ଆଇଏଏସ୍ ଅଫିସର ମନୋଜ କୁମାର ମହାନ୍ତିଙ୍କୁ ରାଜ୍ୟ ସରକାର ଗୁରୁବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ସଦସ୍ୟ ଭାବେ ନିଯୁକ୍ତ କରିଛନ୍ତି। ତାଙ୍କୁ ୬ ବର୍ଷ ପାଇଁ ଏହି ଦାୟିତ୍ୱ ଦିଆଯାଇଛି। ତେବେ ତାଙ୍କୁ ୬୨ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିପାରିବେ। ଏଥିମଧ୍ୟରୁ ଯେଉଁଟି ପ୍ରଥମେ ଆସିବ ତାହାକୁ ଗ୍ରହଣ କରାଯିବ ବୋଲି ସାଧାର

ଅଧିକ ବର୍ଷାରେ ଜଳମଗ୍ନ ହୋଇଛି ଅଗ୍ରହାୟଣ ଧାନ ଚାଷ, ଚାଷୀଙ୍କ ଚିନ୍ତା ବଢ଼ାଇଲା ପାଣି ଶୁଖିବାର ଧୀର ଗତି

ଅଗ୍ରହାୟଣ ଧାନ ଚାଷ ପାଇଁ ଆଦର୍ଶ ସମୟ ହେଲେ ମଧ୍ୟ ଜମିରୁ ପାଣି ଶୁଖୁନାହିଁ

ଭୁବନେଶ୍ୱର,୧୦।୨(ପ୍ରତିନିଧି)

ଚଳିତ ଶୀତଦିନରେ ଯେଉଁ ଜାଗା ଲୋକଙ୍କ ଚଲାବୁଲା ସହଜ ହୋଇଥାନ୍ତା, ସେଠି ଏବେ ଜମିରେ ଜଳ ଜମି ରହିଛି । ଫଳରେ ଅଗ୍ରହାୟଣ ଧାନ ଚାଷ ପାଇଁ ଆଦର୍ଶ ସମୟ ହେଲେ ମଧ୍ୟ ଚାଷୀଙ୍କ ଚିନ୍ତା ବଢ଼ିଛି । ଅଧିକ ବର୍ଷା ଯୋଗୁଁ ଜମିରୁ ପାଣି ଶୁଖିବାର ଧୀର ଗତି ଚାଷୀଙ୍କ ଚିନ୍ତା ବଢ଼ାଇଛି । ଅଗ୍ରହାୟଣ ଧାନ ଚାଷ ପାଇଁ ଆଦର୍ଶ ସମୟ ହେଲେ ମଧ୍ୟ ଜମିରୁ ପାଣି ଶୁଖୁନାହିଁ । ଫଳରେ ଚାଷୀଙ୍କ ଚିନ୍ତା ବଢ଼ିଛି । ଅଧିକ ବର୍ଷା ଯୋଗୁଁ ଜମିରୁ ପାଣି ଶୁଖିବାର ଧୀର ଗତି ଚାଷୀଙ୍କ ଚିନ୍ତା ବଢ଼ାଇଛି ।

ଅଗ୍ରହାୟଣ ଧାନ ଚାଷ ପାଇଁ ଆଦର୍ଶ ସମୟ ହେଲେ ମଧ୍ୟ ଜମିରୁ ପାଣି ଶୁଖୁନାହିଁ । ଫଳରେ ଚାଷୀଙ୍କ ଚିନ୍ତା ବଢ଼ିଛି । ଅଧିକ ବର୍ଷା ଯୋଗୁଁ ଜମିରୁ ପାଣି ଶୁଖିବାର ଧୀର ଗତି ଚାଷୀଙ୍କ ଚିନ୍ତା ବଢ଼ାଇଛି । ଅଗ୍ରହାୟଣ ଧାନ ଚାଷ ପାଇଁ ଆଦର୍ଶ ସମୟ ହେଲେ ମଧ୍ୟ ଜମିରୁ ପାଣି ଶୁଖୁନାହିଁ । ଫଳରେ ଚାଷୀଙ୍କ ଚିନ୍ତା ବଢ଼ିଛି । ଅଧିକ ବର୍ଷା ଯୋଗୁଁ ଜମିରୁ ପାଣି ଶୁଖିବାର ଧୀର ଗତି ଚାଷୀଙ୍କ ଚିନ୍ତା ବଢ଼ାଇଛି ।

ଗୁମ୍ଫା ଖୋଲୁ...

ଦେଖିବା ପାଇଁ ଆଗ୍ରହ ଦେଖାଇଥିଲେ ଅନେକ ପର୍ଯ୍ୟଟକ । ଏହି ଗୁମ୍ଫା ଆବିଷ୍କାର ହେବା ପରେ ଏହାର ଚାରିପଟେ ଥିବା ଜଙ୍ଗଲ ସଫା କରାଯାଇଛି । ଏଠାରେ ପର୍ଯ୍ୟଟକଙ୍କ ପାଇଁ ଶୌଚାଳୟ, ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଇଛି । ଏହି ଗୁମ୍ଫାକୁ ଦେଖିବା ପାଇଁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗି

ବିଗୁଡୁଛି ଯାତ୍ରୀ ପରିବହନ ସେବା

୬ ଦଫା ଦାବିରେ ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ଗତ ୩ଦିନ ଧରି ସାରା ରାଜ୍ୟରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି ରହିଛି। ଘରୋଇ ବସ୍ ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକମାନେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ଠିକ୍ ସମୟରେ ପହଞ୍ଚି ପାରୁନାହାନ୍ତି। କେତେକ ସ୍ଥାନରେ ସରକାରୀ ବସ୍ ଚଳାଚଳ କରୁଥିଲେ ସୁଦ୍ଧା ଏହା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଯାତ୍ରୀ ପରିବହନ ସେବା ବିଗିଡ଼ିବାରେ ଲାଗିଛି। ସରକାର ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରି ଡ୍ରାଇଭର ମହାମଞ୍ଚର ଦାବି ପୂରଣ ଦିଗରେ ନିଷ୍ପତ୍ତି ନେବା ଜରୁରୀ ବୋଲି ବିଭିନ୍ନ ସ୍ଥାନରେ ଫସି ରହିଥିବା ଲୋକମାନେ ମତ ପ୍ରକାଶ କରିଛନ୍ତି।

ବ୍ରହ୍ମପୁର ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଅପେକ୍ଷା କରିଛନ୍ତି।

ସରକାର ତୁରନ୍ତ ସମାଧାନ କରନ୍ତୁ

୩ ଦିନ ଧରି ବସ୍ ଚଳାଚଳ ବନ୍ଦ ଥିବାରୁ ଭଦ୍ରକରୁ ନିଜ ଘର ଭଞ୍ଜାରିପୋଖରୀ ବ୍ଲକ ପୁରୁଷୋତ୍ତମପୁର ଗ୍ରାମକୁ ଯିବାରେ ସମସ୍ୟା ସୃଷ୍ଟି ହେଉଛି। ୩୦ଟଙ୍କା ବସ୍ ଭଡ଼ାରେ ଯାତାୟାତ କରୁଥିବା ବେଳେ ଏବେ କାର୍ ଓ ଅଟୋରେ ୫ ଗୁଣା ଅଧିକ ଖର୍ଚ୍ଚାନ୍ତ ହେବା ସହ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ସରକାର ଏହାକୁ ଗୁରୁତ୍ୱର ସହ ନିଅନ୍ତୁ। ଆନ୍ଦୋଳନରତ ଡ୍ରାଇଭରମାନଙ୍କ ସହ ସରକାର ଆଲୋଚନା କରି ତୁରନ୍ତ ସମାଧାନ କଲେ ଆମ ଭଳି ଯାତ୍ରୀମାନଙ୍କୁ ଏହି ଅସୁବିଧାରୁ ମୁକ୍ତି ମିଳିପାରନ୍ତା।

- ମମତା ନାୟକ, ବିଏଡ୍ ଛାତ୍ରୀ, ଭଦ୍ରକ

ଧର୍ମଘଟ ଯୋଗୁ ପାଠ ପଢ଼ିବାକୁ ଯାଇପାରିଲି ନାହିଁ

ଭୁବନେଶ୍ୱର ପଟିଆର ଏକ ବୈଷୟିକ ଶିକ୍ଷାନୁଷ୍ଠାନରେ ଇଣ୍ଟିଗ୍ରେଟେଡ୍ ଏମ୍‌ସିଏ ପାଠ ପଢୁଛି। ପ୍ରତିଦିନ ବସ୍‌ରେ ଯିବାଆସିବା କରେ। ମାତ୍ର ଧର୍ମଘଟ ଯୋଗୁ ଗୁରୁବାର ପାଠ ପଢ଼ିବାକୁ ଯାଇପାରିଲି ନାହିଁ। ମୋ ଭଳି ଅନେକ ପିଲା ଓ ଲୋକମାନେ ମଧ୍ୟ ହଇରାଣ ହୋଇଛନ୍ତି। ତୁରନ୍ତ ଏସବୁ ସମସ୍ୟାର ସମାଧାନ କରାଯିବା ଦରକାର।

- ପ୍ରିୟାଂଶୁ ଜେନା, ଛାତ୍ର, ଅରୁଣୋଦୟ ନଗର, କଟକ

ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି

ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁ ଘରୋଇ ବସ୍ ଚଳାଚଳ ବନ୍ଦ ରହିଛି। ଜିଲା ଭିତରେ ଓ ଦୂରସ୍ଥାନକୁ ଯିବା ଆସିବା ପାଇଁ ଲୋକେ ହଇରାଣ ହେଉଛନ୍ତି। ଗୁରୁବାର ଭୁବନେଶ୍ୱରରେ ଜରୁରୀ କାମ ଥିଲା। ସରକାରୀ ବସ୍‌ରେ ଯିବା ପାଇଁ ଭାବିଥିଲି। କିନ୍ତୁ ଟିକେଟ ନ ମିଳିବାରୁ ଯାଇ ପାରିଲିନି। ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନ ଯୋଗୁ ରାଜ୍ୟରେ ପରିବହନ ବ୍ୟବସ୍ଥା ଠପ୍ ହୋଇଗଲାଣି। ଯାତ୍ରୀ ଓ ସାମଗ୍ରୀ ପରିବହନ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ସରକାରୀ ବସ୍‌ରେ ଯାତ୍ରୀମାନେ ଯାତାୟାତ କରୁଥିଲେ ମଧ୍ୟ ତାହା ଯଥେଷ୍ଟ ହେଉନି। ସରକାର ଡ୍ରାଇଭର ସଂଘ ସହିତ ଆଲୋଚନା କରି ସମାଧାନର ବାଟ ବାହାର କରନ୍ତୁ।

- ସରୋଜ ପ୍ରକାଶ ପଧାନ, ଜାଲୋଏ, ସୁବର୍ଣ୍ଣପୁର

ଘରକୁ ଫେରିବା ଚିନ୍ତା ଘାରୁଛି

ବସ୍ ଚଳାଚଳ ବନ୍ଦ ଯୋଗୁ ବହୁ ହଇରାଣ ହେବାକୁ ପଡୁଛି। ଟାଇଲ୍ ମିସ୍ତ୍ରି କାମ କରି ପରିବାର ଚଳାଏ। ବସ୍ ଯୋଗେ ବିଭିନ୍ନ ଅଞ୍ଚଳକୁ କାର୍ଯ୍ୟ ପାଇଁ ଯା'ଆସ କରୁଥିଲି। ଗୁରୁବାର ଉଦଳାକୁ କାମ କରିବାକୁ ଯିବାର ଥିଲା। ବାଲେଶ୍ୱର ବସ୍‌ଷ୍ଟାଣ୍ଡରେ ଦିନତମାମ୍ ଅପେକ୍ଷା କଲି। ମାତ୍ର ବସ୍ ନ ଯିବାରୁ କେମିତି ଘରକୁ ଫେରିବି ସେନେଇ ଚିନ୍ତାରେ ଅଛି। ବସ୍ ଚଳାଚଳ ସ୍ୱାଭାବିକ ଦିଗରେ ସରକାର ପଦକ୍ଷେପ ଗ୍ରହଣ କଲେ ସମସ୍ତ ଯାତ୍ରୀ ଉପକୃତ ହେବେ।

- ବିବେକାନନ୍ଦ ଅଧିକାରୀ, ପୂର୍ବ ମେଦିନୀପୁର, ପଶ୍ଚିମବଙ୍ଗ

କର୍ମସ୍ଥଳକୁ ଆସିବାକୁ ବହୁ ହଇରାଣ ହେବାକୁ ପଡୁଛି

ମୁଁ ଏକ ଦୋକାନରେ କମ୍ପ୍ୟୁଟର କାମ କରିବାକୁ ପ୍ରତିଦିନ ସିଲଟିଗୁଡ଼ା ଗ୍ରାମରୁ ପ୍ରାୟ ୧୫ କି.ମି. ଦୂର ରାୟଗଡା ସହରକୁ ବସ୍ ଯୋଗେ ଆସେ। ଏବେ ଡ୍ରାଇଭରଙ୍କ ଧର୍ମଘଟ ଯୋଗୁ ବସ୍‌ସେବା ବନ୍ଦ ରହିଥିବାରୁ ପ୍ରତିଦିନ କର୍ମସ୍ଥଳକୁ ଆସିବାକୁ ବହୁତ ହଇରାଣ ହେବାକୁ ପଡୁଛି। ଆମ ଗାଁକୁ ମୋ ବସ୍ ସେବା ସୁବିଧା ନ ଥିବାରୁ ରାୟଗଡ଼ା ଯିବାଆସିବା ପାଇଁ ବାଇକ୍ ଚାଳକଙ୍କୁ ଲିଫ୍ଟ ମାଗିବାକୁ ପଡେ। ତେବେ ମୁଁ ଜଣେ ଝିଅ ହୋଇଥିବାରୁ ଅଜ୍ଞାତ ବ୍ୟକ୍ତିଙ୍କ ସହ ଯିବା ପାଇଁ ମନରେ ଭୟ ସୃଷ୍ଟି ହୋଇଥାଏ। ହେଲେ କାମକୁ ନ ଗଲେ ପରିବାର ଭରଣପୋଷଣ ଅସମ୍ଭବ। ତେଣୁ ରାଜ୍ୟ ସରକାର ଡ୍ରାଇଭରଙ୍କ ସମସ୍ୟାର ସମାଧାନ କରି ତୁରନ୍ତ ବସ୍‌ସେବା ଆରମ୍ଭ କରିବାକୁ ଅନୁରୋଧ।

- ଲକ୍ଷ୍ମୀ ପୁଲାକା, କର୍ମଜୀବୀ, ରାୟଗଡ଼ା ବ୍ଲକ୍

ପିଲାଙ୍କୁ ଧରି ହଇରାଣ ହେଉଛି

ବେଙ୍ଗାଲୁରୁରେ କାମ କରୁଥିବାରୁ ସେଠାରେ ପରିବାର ସହ ରହୁଛି। ଜରୁରୀ କାମ ଥିବାରୁ ବୁଧବାର ସନ୍ଧ୍ୟାରେ ପ୍ରଶାନ୍ତି ଏକ୍ସପ୍ରେସ୍‌ରେ ସମସ୍ତେ ଆସି ବ୍ରହ୍ମପୁର ଷ୍ଟେଶନରେ ଓହ୍ଲାଇଲୁ। କନ୍ଧମାଳ ଜିଲାର ବାଲିଗୁଡା ଯିବାପାଇଁ ବ୍ରହ୍ମପୁର ବସ୍‌ଷ୍ଟାଣ୍ଡ ଆସିଲା ବେଳେ ଏଠାରେ ଡ୍ରାଇଭରଙ୍କ ଆନ୍ଦୋଳନ ଚାଲିଥିବା ଶୁଣିଲି। ୨୪ ଘଣ୍ଟା ହୋଇଗଲା, ଘରକୁ ଯିବା ପାଇଁ ପିଲାଙ୍କୁ ଧରି ଅପେକ୍ଷା କରିଛି। ଘରୋଇ ବସ୍ ବନ୍ଦ ଯୋଗୁ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛୁ। ପଚାରିଲେ କୁହାଯାଉଛି ଯେ, କେବେ ବସ୍ ଚାଲିବ କହି ହେବନି। ତେଣୁ ବସ୍‌ଷ୍ଟାଣ୍ଡରେ ପଡି ରହିଛୁ। ଖାଇବୁ କେମିତି, ରହିବୁ କେଉଁଠି ତାକୁ ନେଇ ଚିନ୍ତାରେ ରହିଛି।

- କୃପା ମଲ୍ଲିକ, ବସ୍‌ଯାତ୍ରୀ, ବାଲିଗୁଡା

ଲିଫ୍ଟ ମାଗି ବଲାଙ୍ଗୀର ଆସିଲି

ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଛି। ଏଥିଯୋଗୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁରୁବାର ମେଡିସିନ୍ କିଣିବା ପାଇଁ ଆମ ଗାଁ ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକର ଘଣ୍ଟାରପାଲିରୁ ପ୍ରାୟ ୩୦ କିଲୋମିଟର ଦୂର ବଲାଙ୍ଗୀର ସହର ଆସିବାକୁ ମୋତେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ପୂର୍ବାହ୍ନ ୧୧ଟାରୁ ଘରୁ ବାହାରି ଜଣେ ମୋଟର ସାଇକେଲ ଆରୋହୀଙ୍କୁ ଲିଫ୍ଟ ମାଗି ବଲାଙ୍ଗୀର ଆସିଥିଲି। ଅପରାହ୍ନ ୨ଟାରୁ କାମ ସରିଯାଇଥିଲେ ମଧ୍ୟ ବସ୍ ଚଳାଚଳ କରୁ ନ ଥିବାରୁ ଘରକୁ ଫେରି ପାରୁନାହିଁ। ଏବେ ସନ୍ଧ୍ୟା ୬ଟା ହୋଇଗଲାଣି। ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡରେ ସରକାରୀ ବସ୍‌କୁ ଅପେକ୍ଷା କରିଛି। ବସ୍ ଆସିଲେ ଗାଁକୁ ଯିବି।

- ରାମଚନ୍ଦ୍ର ପଧାନ, ଯାତ୍ରୀ, ଘଣ୍ଟାରପାଲି, ସୁବର୍ଣ୍ଣପୁର

ଅପରାଧ

ଏମ୍‌ସିଏଲ୍ ଜିଏମ୍‌ଙ୍କୁ ଗିରଫ କଲା ସିବିଆଇ

ଭୁବନେଶ୍ୱର, ୧୦।୭ (ସତ୍ୟଜିତ୍ ରାଉତ)

୧୦ହଜାର ଟଙ୍କା ନେଇଥିଲେ, ବାକି ୩୦ ହଜାର ଟଙ୍କା ଲାଞ୍ଚ ନେବା ପୂର୍ବରୁ ଫସିଗଲେ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍)ର ସୁନ୍ଦରଗଡ଼ ଜିଲା ବସୁନ୍ଧରା ଏରିଆ ଜେନେରାଲ ମ୍ୟାନେଜର (ଜିଏମ୍) ଅଖିଳେଶ କୁମାର ବର୍ମା। ତାଙ୍କୁ ଗୁରୁବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗିରଫ କରିଛି। ଭୁବନେଶ୍ୱର ସିବିଆଇ ଶାଖା ଟିମ୍ ଅଖିଳେଶଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଖିଳେଶଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଗିରଫ ଏମ୍‌ସିଏଲ୍ ଜିଏମ୍ ଅଖିଳେଶ କୁମାର ବର୍ମା।

- ଘର ଅଧିଗ୍ରହଣ ବାବଦ ଫଣ୍ଡ୍ ରିଲିଜ୍ ଲାଗି ୪୦ ହଜାର ଲାଞ୍ଚ
- ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ ଅଖିଳେଶ

ସିବିଆଇର ଏଫ୍‌ଆଇଆର୍ ଅନୁଯାୟୀ, ଏହି ମାମଲାରେ ଅଭିଯୋଗକାରୀ ହେଲେ ସୁନ୍ଦରଗଡ଼ ଜିଲା ହେମଗିରି ଥାନା ଅନ୍ତର୍ଗତ ଝୁଞ୍ଟୁରୁଙ୍ଗା ଗ୍ରାମର ରଞ୍ଜନ ପ୍ରଧାନ। ରଞ୍ଜନଙ୍କ ସମ୍ପର୍କୀୟ ଅଜା ତଥା ନିଜ ଗ୍ରାମର ସୁଜନ ପଟ୍ଟାଙ୍କ ଘର ଅଧିଗ୍ରହଣ ବାବଦକୁ ଏମ୍‌ସିଏଲ୍ ତରଫରୁ ୧୧ ଲକ୍ଷ ୩୭ ହଜାର ୫୯୫ ଟଙ୍କା ଦିଆଯିବା ପାଇଁ ଧାର୍ଯ୍ୟ ହୋଇଥିଲା। ଏନେଇ କାଗଜପତ୍ର ଦାଖଲ ଲାଗି ସୁଜନଙ୍କ ପାଖକୁ ଚିଠି ଆସିଥିଲା। ସୁଜନଙ୍କ ପରିବାର ଉଚ୍ଚଶିକ୍ଷିତ ହୋଇ ନ ଥିବାରୁ ସମସ୍ତ ଅଫିସିଆଲ୍ କାମ ପାଇଁ ରଞ୍ଜନଙ୍କ ସାହାଯ୍ୟ ନେଇଥିଲେ। ପରେ ସୁଜନଙ୍କ ପୁଅ ନକୁଳଙ୍କୁ ସାଙ୍ଗରେ ନେଇ ରଞ୍ଜନ ବସୁନ୍ଧରା ଏମ୍‌ସିଏଲ୍ ଜିଏମ୍ ଅଫିସ ଯାଇ ଆବଶ୍ୟକ ଦସ୍ତାବିଜ ଦାଖଲ କରି ଆସିଥିଲେ। ଏହାର ଏକ ମାସ ପରେ ମଧ୍ୟ ଟଙ୍କା ନ ଆସିବାରୁ ସେମାନେ ପୁଣି ଜିଏମ୍ ଅଫିସକୁ ଯାଇଥିଲେ। ସେଠାରେ ଜିଏମ୍ ଅଖିଳେଶ ଫାଇଲ୍ କାମ ଓ ପେମେଣ୍ଟ ରିଲିଜ୍ ପାଇଁ ୪୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଟଙ୍କା ନ ଦେଲେ ପେମେଣ୍ଟ ହେବ ନାହିଁ ବୋଲି ସେ ରୋକ୍‌ଠୋକ୍ କହିଦେଇଥିଲେ। ତେବେ ଆଗୁଆ ୧୦ ହଜାର ଟଙ୍କା ଦେଲେ ହିଁ ଫାଇଲ କାମ କରିବେ ବୋଲି ଅଖିଳେଶ କହିଥିଲେ। ବାଧ୍ୟହୋଇ ଜୁଲାଇ ୩ରେ ରଞ୍ଜନ ଓ ଅନ୍ୟମାନେ ଅଫିସକୁ ଯାଇ ଅଖିଳେଶଙ୍କୁ ୧୦ ହଜାର ଟଙ୍କା ଦେଇଆସିଥିଲେ। ଏହାପରେ ଜୁଲାଇ ୪ରେ ସୁଜନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସିଥିଲା। ଉକ୍ତଦିନ ଅଖିଳେଶ ବାରମ୍ବାର କଲ୍ କରି ବଳକା ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସିବିଆଇଙ୍କ ନିକଟରେ ହ୍ୱାଟ୍‌ସଆପ୍ ଜରିଆରେ ରଞ୍ଜନ ଅଭିଯୋଗ କରିଥିଲେ। ଭୁବନେଶ୍ୱର ସିବିଆଇ ଶାଖା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଖିଳେଶଙ୍କୁ ଗିରଫ କରିବାକୁ ଜାଲ ବିଛାଯାଇଥିଲା। ସେପଟେ ସୁନ୍ଦରଗଡ ଚିକିଲିପଡା ବସୁନ୍ଧରା ରେସିଡେନ୍‌ସିଆଲ୍ କଲୋନୀ ପାର୍କସ୍ଥିତ ବାସଭବନକୁ ଆସି ଟଙ୍କା ଦେବାକୁ ଅଖିଳେଶ କହିଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ ରଞ୍ଜନ ଟଙ୍କା ଦେବା ବେଳେ ସିବିଆଇ ଟିମ୍ ଚଢ଼ାଉ କରି ଅଖିଳେଶଙ୍କୁ କାବୁ କରିଥିଲା।

ପୁତୁରାଙ୍କୁ କୋଦାଳରେ ହାଣି ହତ୍ୟା

ଜଗତ୍‌ସିଂହପୁର, ୧୦।୭ (ପ୍ରମୋଦ କୁମାର ନାୟକ)

ଅଭିଯୁକ୍ତ କକାଙ୍କୁ ବାନ୍ଧି ମାଡ଼ ମାରିଲେ ଗ୍ରାମବାସୀ, ଉଦ୍ଧାର କଲା ପୋଲିସ

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଯାହାନପୁର ଗ୍ରାମରେ ଗୁରୁବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି କକାଙ୍କ କୋଦାଳ ଆକ୍ରମଣରେ ପୁତୁରାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁମନ ଦାସ (୨୧)। ଏହି ଘଟଣାର ଅଭିଯୁକ୍ତ କକା ସଞ୍ଜୟ ଦାସଙ୍କୁ ଗ୍ରାମବାସୀ ବାନ୍ଧି ନିଆଁକ ମାଡ଼ ମାରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଉଦ୍ଧାର କରି ପ୍ରଥମେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ସୁମନଙ୍କ ବାପା ଦୁର୍ଗା ଚରଣ ଦାସଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା (ନଂ. ୪୯୫/୨୫) ରୁଜୁ କରାଯିବା ସହ ତଦନ୍ତ ଆରମ୍ଭ ହୋଇଛି ବୋଲି ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି।

ଅଭିଯକ୍ତ ସଞ୍ଜୟ ଦାସଙ୍କୁ ପୋଲିସ ଉଦ୍ଧାର କରି ସାଙ୍ଗରେ ନେଉଛି।

ଅଭିଯୋଗ ଅନୁଯାୟୀ, ସୁମନ ଜଗତ୍‌ସିଂହପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ନାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀର ଛାତ୍ର। ଗୁରୁବାର ସକାଳେ ସୁମନ ଘର ପାଖ ନଳକୂପରେ ସ୍ନାନ କରୁଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି କକା ସଞ୍ଜୟ ତାଙ୍କୁ କୋଦାଳରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସୁମନଙ୍କ ମୁଣ୍ଡ, ବେକ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ସୁମନ ତଳେ ପଡି ଗୁରୁତର ହୋଇଥିଲେ। ପୁଅର ଚିତ୍କାର ଶୁଣି ଦୁର୍ଗାଚରଣ ଓ ପଡ଼ୋଶୀମାନେ ସେଠାରେ ପହଞ୍ଚିଲା ବେଳକୁ ସଞ୍ଜୟ ସେଠାରୁ ଧାଇଁ ପଳାଇଥିଲେ। ସୁମନଙ୍କୁ ତୁରନ୍ତ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସଞ୍ଜୟଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦୁର୍ଗା ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ସାହୁ କହିଛନ୍ତି, ସୁମନ ହେଉଛନ୍ତି ଦୁର୍ଗାଚରଣଙ୍କ ଏକମାତ୍ର ପୁଅ। ଅଭିଯୁକ୍ତ ସଞ୍ଜୟ ଅବିବାହିତ। କିନ୍ତୁ ସେମାନଙ୍କ ଭିତରେ ପାରିବାରିକ ବିବାଦ ଥିବା ସନ୍ଦେହ କରାଯାଉଛି। ଅଧିକ ତଦନ୍ତ ପରେ ତାହା ସ୍ପଷ୍ଟ ହେବ। ସଞ୍ଜୟ ଆକ୍ରମଣ କରି ଫେରାର ହେଉଥିବା ସମୟରେ ଗ୍ରାମବାସୀ ତାଙ୍କୁ କାବୁ କରି ମାଡ଼ ମାରିବା ସହ ବାନ୍ଧି ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ସଞ୍ଜୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଛି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସାହୁ କହିଛନ୍ତି।

HDFC BANK We understand your world

AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

The auction will be conducted at the below mentioned branch/s on 18-Jul-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.

Sl. No	LOAN NO.	BORROWER'S NAME	LOAN AMOUNT	Place of Auction (Branch Address)
1	75282637	IMRAN ALI KHAN	181900	HDFC BANK LTD, 1ST FLOOR, DALA CHHAK, NEAR SBI, JAJPUR ROAD, JAJPUR-755019
2	75646254	CHANDRA MANDAL	46600	HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006
3	4000016607	JAYA KRUSHNA PRADHAN	32900	
4	75687344	ANKIT AGARWALLA	266100	HDFC BANK LTD, AT-KANDASARA, PO-NALCO NAGAR, ANGUL-759145
5	75863703	SUNIL KUMAR LENKA	225000	
6	75556808	KUMUDA CHANDRA BEHERA	183200	
7	75572813	SUNIL KUMAR LENKA	155900	
8	74258725	LIPUN PRADHAN	41800	
9	75673881	RINA DALBEHERA	40300	
10	75585475	DIPTIDATTA SAHOO	210000	HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026
11	75880404	SAKTI DEHURY	78900	
12	75573738	DIPTIDATTA SAHOO	61000	
13	75696727	DIPTIDATTA SAHOO	35000	
14	75154959	SOUBHAGYA DEHURI	31300	
15	75083883	SOUBHAGYA DEHURI	27000	
16	74266368	RUDRA KHILAR	24300	
17	4000015534	N K TAPAN	220700	HDFC BANK LTD, BAJRAKABATI ROAD, CUTTACK-753001
18	75437760	PRIYANKA SAMANTARAY	156700	
19	75053460	CHANDRA NARAYAN NANDI	93800	
20	75599490	PRIYANKA SAMANTARAY	121000	
21	73550116	AMRIK SINGH	300500	HDFC BANK LTD, BARBIL JODA HIGHWAY, KEONJHAR, BARBIL-758035
22	75338299	JHALAK AGARWAL	127500	
23	73541796	ARABINDA KUNDA	73300	
24	75281173	RISHAB OJHA	65700	
25	75653283	NILIMA SETHI	28800	HDFC BANK LTD, BESIDE TAHASIL OFFICE, CHANDINI CHOWK, CUTTACK-753002
26	74815291	ARUN KUMAR BHUNYA	174400	HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004
27	75298121	MANDA KUMARI	80000	
28	75238160	MANDA KUMARI	70000	
29	75894138	NIRANJAN DAS	109600	HDFC BANK LTD, BIBISARAM MARKET CHAK, JAJPUR TOWN, JAJPUR-755001
30	75450298	SWAGATIKA ROUT	91000	HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007
31	75282396	RESHMA JAMUDA	76800	HDFC BANK LTD, BY PASS SQUARE, CHORDHA, JAJPUR MAIN ROAD, JAJPUR-755019
32	73495505	KASINATH PRADHAN	183500	HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001
33	74625159	KALIM KHAN	108000	HDFC BANK LTD, CHANDVALI CHOWK, ATHGARH-754029
34	75948380	CHINMAY KUMAR LENKA	98900	
35	75168414	DHIRA KUMAR BARIK	49200	
36	75486450	TUSHAR LENKA	320400	HDFC BANK LTD, DURGA BAZAR, JAGATSINGHAPUR, ORISSA-754103
37	75231173	MANORANJAN MOHARANA	305700	
38	75683434	GYANA RANJAN BASTIA	194100	
39	75521964	TUSHAR LENKA	188600	
40	75341827	TUSHAR LENKA	164500	
41	75453200	SURYANARAYAN DASH	122000	
42	75290920	TUSHAR LENKA	119700	
43	75377820	PABITRA PANDA	96300	
44	75347916	SUJIT MOHNTY	75800	
45	75517963	GOPAKISAN DAS	62100	
46	75964050	PABITRA PANDA	54900	
47	75453733	DEBENDRANATH BEHERA	18200	
48	75348029	KEDAR SHARMA	197100	HDFC BANK LTD, DWIBEDI BHAWAN, BISRA ROAD, ROURKELA-769001
49	463028699	BIPIN KUMAR SINGH	153300	
50	75167376	BHOLANATH MAHANTA	93300	
51	75647033	RUBINA KHAN

ବାହ୍ୟ ଆକ୍ରମଣ ଓ ବିଦ୍ରୋହ

ଇଆନ ବ୍ରୁମା

ଗତ ମାସରେ ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆମେରିକା ଆକାଶମାର୍ଗରୁ ବୋମା ବର୍ଷଣ କରିଥିଲା ଏବଂ ଏଥିରେ କେତେ କ୍ଷତି ହୋଇଛି, ତାହା ଏବେ ସୁଦ୍ଧା ଆମେ ଜାଣିନୁ। ହୁନ୍‌ରେ ଅନୁଷ୍ଠିତ ନାଟୋ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗର୍ବର ସହିତ କହିଥିଲେ, ''ଏହା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ମୋର ବିଶ୍ୱାସ''। କିନ୍ତୁ ଏହା ପୂର୍ବରୁ ଆମେରିକାର ଏକ ଗୋଇନ୍ଦା ରିପୋର୍ଟ ପ୍ରକାଶ କରିଥିଲା ଯେ, ଇରାନ୍ ପୁଣି କିଛି ମାସ ମଧ୍ୟରେ ଉନ୍ନତ ମାନର ୟୁରାନିୟମ ପ୍ରସ୍ତୁତି ଆରମ୍ଭ କରିପାରେ। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ)ର ନିର୍ଦ୍ଦେଶକ ରାଫେଲ୍ ମାରିଆନୋ ଗ୍ରୋସି ମଧ୍ୟ ସମାନ କଥା କହିଥିଲେ। ତେବେ ଆମେ ଗୋଟିଏ କଥା କହିପାରିବା ଯେ, ଇସ୍ରାଏଲ୍–ୟୁଏସ୍‌ର ବମିଂ ଅଭିଯାନ ଇସ୍‌ଲାମିକ ରିପବ୍ଲିକ ଶାସନ ବିରୋଧରେ କୌଣସି ବିଦ୍ରୋହ ସୃଷ୍ଟି କରିପାରିଲା ନାହିଁ। କିନ୍ତୁ ଏଭଳି ଘଟିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆଶା କରିଥିଲେ। ଏପରିକି ଟ୍ରମ୍ପ୍ ମଧ୍ୟ ଭାବୁଥିଲେ ଯେ, ମେକ୍ ଇରାନ୍ ଗ୍ରେଟ୍ ଏଗେନ୍ (ଏମ୍‌ଆଇଜିଏ)ରେ ଅସମର୍ଥ ହୋଇଥିବା ଏକ ଶାସନର ବିକଳ୍ପ ହେଉଛି ତାହାକୁ ପରିବର୍ତ୍ତନ କରିବା। କିନ୍ତୁ ଏମ୍‌ଆଇଜିଏ ପାଇଁ ଚେଷ୍ଟା ଦେଶ ଭିତରୁ ନା ବାହାରୁ ହେବା ଉଚିତ ନା ନାହିଁ, ତାହା ସେ ସ୍ପଷ୍ଟ କରିନାହାନ୍ତି।

କୌଣସି ଏକ ଦେଶ ଉପରେ ଆକ୍ରମଣ କରି ସେହି ଦେଶର ନାଗରିକଙ୍କ ନୈତିକ ମନୋବଳ ଭାଙ୍ଗିଦେବା ସହ ସେମାନଙ୍କୁ ନିଜ ନେତାଙ୍କ ବିରୋଧରେ ସ୍ୱର ଉଠାଇବା ପାଇଁ ପ୍ରେରିତ କରିବା କଥା ଯାହା ଚିନ୍ତା କରାଯାଉଛି, ତାହା ଏକ ପୁରୁଣା ମାନସିକତା ଓ ପ୍ରାୟତଃ ଗ୍ରହଣୀୟ ନୁହେଁ। ଏହା ସ୍ନେନ ଗୃହଯୁଦ୍ଧ ସମୟରେ ଯେତେବେଳେ ଜର୍ମାନ ଓ ଇଟାଲୀ ଗୁଏର୍‌ନିକା ଉପରେ ୧୯୩୭ରେ ଆକ୍ରମଣ କରିଥିଲେ କିମ୍ବା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯେତେବେଳେ ହିଟ୍‌ଲର ବ୍ରିଟେନ୍ ଉପରେ ଆକ୍ରମଣ କରିଥିଲେ କିମ୍ବା ମିତ୍ର ଦେଶଗୁଡ଼ିକ ନାଜି ଜର୍ମାନୀର ସହରଗୁଡ଼ିକୁ ଧ୍ୱଂସ କରିଥିଲେ, ସେତେବେଳେ ଏହି ସିଦ୍ଧାନ୍ତ କାମ କରି ନ ଥିଲା। ୧୯୬୫–୬୮ ପର୍ଯ୍ୟନ୍ତ ଉତ୍ତର ଭିଏଟ୍‌ନାମରେ ଚାଲିଥିବା ଅପରେଶନ ରୋଲିଂ ଥଣ୍ଡର ମଧ୍ୟ ଏହି ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଥିଲା। ଗାଜା ଉପରେ ଏବେ ଜାରି ରହିଥିବା ଇସ୍ରାଏଲ୍‌ର ଆକ୍ରମଣ କ୍ଷେତ୍ରରେ ମଧ୍ୟ ସେୟା ଘଟିଛି।

ଷ୍ଟ୍ରାଟେଜିକ୍ ବମିଂରେ ଆକାଶମାର୍ଗରୁ ସଂଖ୍ୟାଧିକ ବୋମା ପକାଯାଇ କୌଣସି ଦେଶର ଭିତ୍ତିଭୂମି ଓ ସମ୍ବଳକୁ ଦୁର୍ବଳ କରାଯାଇଥାଏ। ଦୁଇଟି ବିଶ୍ୱଯୁଦ୍ଧରେ ଇଟାଲୀୟ ଜେନେରାଲ ଗିଉଲିଓ ଡୋଉହେଟ ଏହି କୌଶଳ ପ୍ରସ୍ତୁତ କରିଥିଲେ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆକାଶମାର୍ଗରୁ କରାଯାଇଥିବା ଘାତକ ବମିଂରେ ବ୍ରିଟେନ୍‌ର କମାଣ୍ଡର ଇନ୍ ଚିଫ୍, ଆର୍‌ଏଏଫ୍ ବମ୍ବର କମାଣ୍ଡ, ଅର୍ଥୁର ହାରିସ୍ (ବମ୍ବର ହାରିସ୍ ଭାବେ ଜଣାଶୁଣା) ଏବଂ ଆମେରିକା ଏୟାର ଫୋର୍ସ ଜେନେରାଲ କୁରଟିସ୍ ଏମରଶନ୍ ଲିମେ ଜଡ଼ିତ ଥିଲେ। ପରେ ୧୯୪୪–୪୫ରେ ଜାପାନର ସହରଗୁଡ଼ିକୁ ଧ୍ୱଂସ କରି ଅନେକ ହଜାର ନାଗରିକଙ୍କୁ ହତ୍ୟା କରାଯାଇଥିଲା। ସେତେବେଳେ କୁହାଯାଉଥିଲା ଯେ, ଯଦି ଆମେରିକା ହାରିଥାଆନ୍ତା, ତେବେ ଲିମେଙ୍କୁ ଯୁଦ୍ଧ ଅପରାଧୀ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଥାଆନ୍ତା। ଷ୍ଟ୍ରାଟେଜିକ୍ ବମିଂ ସହରାଞ୍ଚଳକୁ ଧ୍ୱଂସ କରିଦେଲା ଏବଂ ସଂଖ୍ୟାଧିକ ବୋକେ (ଜର୍ମାନ୍ ନାଗରିକଙ୍କ ପାଇଁ ଏକ ଉପହାସପୂର୍ଣ୍ଣ ଶବ୍ଦ)ଙ୍କୁ ହତ୍ୟା କରିବାରେ ହାରିସ୍ ତାଙ୍କ ଆଶା ପୂରଣ କଲେ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଷ୍ଟ୍ରାଟେଜିକ୍ ବମିଂକୁ ବ୍ୟାପକ ଭାବେ ବ୍ୟବହାର କଲେ ମଧ୍ୟ ଏହି କୌଶଳ କେବେ ବି ଏକ ବଡ଼ ବିଦ୍ରୋହ ସୃଷ୍ଟି କରିପାରି ନ ଥିଲା। ହିରୋସୀମା ଓ ନାଗାସାକୀ ସହରରେ ପରମାଣୁ ବୋମା ଆକ୍ରମଣର ପରିଣାମ ଯାହା ହୋଇଥାଉନା କାହିଁକି, ଜାପାନରେ ସେଠାକାର ସରକାରଙ୍କ ବିରୋଧରେ କୌଣସି ବିଦ୍ରୋହ ଦେଖାଯାଇ ନ ଥିଲା।

ଏକ ଆକ୍ରମଣ ଲୋକଙ୍କୁ ଭୋକିଲା ରଖିପାରେ, ହେଲେ ଲୋକପ୍ରିୟତା ହରାଇଥିବା ଏକ ସରକାର ପାଇଁ ଏହା ସମର୍ଥନ ଜୁଟାଇବା ସମ୍ଭାବନା ସୃଷ୍ଟି କରେ। ୧୯୪୧ରେ ଲଣ୍ଡନବାସୀଙ୍କ ମନୋବଳ ଭାଙ୍ଗିଦେବା ପାଇଁ ଜର୍ମାନ୍ ପ୍ରଚେଷ୍ଟା କରିଥିଲା। କିନ୍ତୁ ଏହା ଲଣ୍ଡନବାସୀଙ୍କୁ ଅଧିକ ଜିଦିଆ କରିବା ସହ ତାଙ୍କ ସହର ଆକ୍ରମଣର ମୁକାବିଲା କରିପାରିବ ବୋଲି ସେମାନଙ୍କ ମନରେ ଦୃଢ଼ ବିଶ୍ୱାସ ଜନ୍ମାଇଥିଲା। ଅବଶ୍ୟ ସେତେବେଳେ ଔିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ଲୋକପ୍ରିୟତା ଥିଲା। କିନ୍ତୁ ବର୍ଲିନ୍‌ବାସୀଙ୍କ ମଧ୍ୟରେ ଏପରିକି ଯେଉଁମାନେ ହିଟ୍‌ଲରଙ୍କୁ ବିରୋଧ କରୁଥିଲେ, ସେମାନଙ୍କର ମଧ୍ୟ ସମାନ ପ୍ରକାର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିନା ଅଭିଯୋଗରେ ଯନ୍ତ୍ରଣା ସହିବା କିମ୍ବା ସମସ୍ୟାରେ ରହିବାର ମାନସିକତା ଗଣତାନ୍ତ୍ରିକ ଦେଶ ତୁଳନାରେ ଯଥେଷ୍ଟ ଅଧିକ ଅଛି ଏକଚ୍ଛତ୍ରବାଦ ଶାସନରେ। ଉତ୍ତର ଭିଏଟ୍‌ନାମର ଲୋକେ ସେମାନଙ୍କ ନେତାଙ୍କୁ ମାନିବା ପାଇଁ ବାଧ ହୋଇଥିଲେ, କିନ୍ତୁ ଆମେରିକାର ଆକ୍ରମଣ ସେମାନଙ୍କ ନୈତିକ ଅଧୋଗତି ଘଟାଇବା କିମ୍ବା ଏକ ଜନ ବିଦ୍ରୋହ ସୃଷ୍ଟି କରିବାର କୌଣସି ପ୍ରମାଣ ନାହିଁ। ଆମେରିକାର ଯୁଦ୍ଧ ବିମାନରୁ ଆକ୍ରମଣ କରିଥିଲେ ମଧ୍ୟ ଭିଏଟ୍‌ନାମର ନାଗରିକଙ୍କଠାରେ ପ୍ରକୃତ ଦେଶଭକ୍ତି ଥିଲା।

ସତ୍ୟ ହେଉଛି, କୌଣସି ଦେଶରେ ନାଗରିକମାନେ ସେମାନଙ୍କ ନେତାଙ୍କୁ ଯେତେ ଘୃଣା କରନ୍ତୁ ପଛେ, ବିଦେଶୀ ଶକ୍ତିଙ୍କ ଆକ୍ରମଣକୁ ସେମାନେ ସହ୍ୟ କରନ୍ତି ନାହିଁ। ବିଶେଷକରି ଇରାନ୍ ଭଳି ଏକ ଦେଶଭକ୍ତ ଭାବନାରେ ପରିପୂର୍ଣ୍ଣ ତଥା ବୈଦେଶିକ ହସ୍ତକ୍ଷେପର ତିକ୍ତ ଇତିହାସ ସହ ଜଡ଼ିତ ଦେଶରେ ଏହା ସମ୍ଭବ। ୧୯୫୩ରେ ଆମେରିକା ଓ ବ୍ରିଟେନ୍ ସମର୍ଥନରେ ବଳପୂର୍ବକ ପ୍ରତିଶ୍ରୁତିବଦ୍ଧ ଗଣତନ୍ତ୍ରକୁ ହଟାଇ ଦିଆଯାଇଥିଲା। ଏବେ ଏହିସବୁ ପାଶ୍ଚାତ୍ୟ ଦେଶ ପ୍ରତି ଘୃଣାଭାବ କମିଯାଇଥାଇପାରେ, କିନ୍ତୁ ସେମାନଙ୍କ ବିଚାର ତଥା କାର୍ଯ୍ୟକଳାପକୁ ଇରାନୀୟମାନେ ସବୁବେଳେ ସନ୍ଦେହ ଦୃଷ୍ଟିରେ ଦେଖନ୍ତି। ଟ୍ରମ୍ପ୍‌ଙ୍କ ମେକ୍ ଇରାନ୍ ଗ୍ରେଟ୍ ଏଗେନ୍ ଧ୍ୱନିକୁ ଇରାନୀୟମାନେ ସମର୍ଥନ କରିବା କଷ୍ଟକର।

ଏହା ନିଶ୍ଚିତ ଯେ, ଇରାନ୍‌ର ଆଣବିକ କ୍ଷମତା ହ୍ରାସ କରିବା ଏକ ସକାରାତ୍ମକ ପଦକ୍ଷେପ। ଲେବାନନ୍ ଓ ସିରିଆରେ ଇରାନ୍‌ର ସପକ୍ଷବାଦୀ ଉଗ୍ରବାଦୀଙ୍କ ଉପରେ ଇସ୍ରାଏଲ୍‌ର ଆକ୍ରମଣ ମଧ୍ୟ ଏକ ଭଲ ପଦକ୍ଷେପ ହୋଇପାରେ। କିନ୍ତୁ ଏସିଆ ଓ ମଧ୍ୟପ୍ରାଚ୍ୟରେ ଦେଖାଯାଇଥିବା ଅନ୍ୟ ପାଶ୍ଚାତ୍ୟ ସାମରିକ ହସ୍ତକ୍ଷେପ ଗଣତନ୍ତ୍ରକୁ ପରିବର୍ତ୍ତନ କରିପାରିବ ନାହିଁ। ଯେଉଁମାନେ ଇରାନ୍‌ର କଠୋର, ଦମନକାରୀ ଓ କ୍ରୂର ଧର୍ମୀୟ ଶାସନକୁ ହଟାଇପାରିବେ, ସେମାନେ ହେଉଛନ୍ତି ଇରାନ୍‌ର ନାଗରିକ। ଏହି ଶାସନ ଅଧିକ ଲୋକପ୍ରିୟତା ହରାଇଛି ଏବଂ ୮୦ ପ୍ରତିଶତରୁ ଅଧିକ ଇରାନୀୟ ଗଣତାନ୍ତ୍ରିକ ସରକାର ଚାହାନ୍ତି ବୋଲି ୨୦୨୩ର ଏକ ସର୍ଭେରୁ ଜଣାପଡ଼ିଥିଲା। ଇରାନ୍ ଉପରେ ଆକ୍ରମଣ କଲେ ଏହାର ସାମରିକ ଦୁର୍ବଳତା ସାମ୍ନାକୁ ଆଣିଥାଇପାରେ, କିନ୍ତୁ ଶାସନ ବିରୋଧରେ ବଢୁଥିବା ବିରୋଧକୁ ଏହା ନିଶ୍ଚିତ ଭାବେ ହ୍ରାସ କରିଥିବା ଜଣାଯାଏ।

ଇରାନ୍‌ର ଅଭିନେତା ରେଜା କିଆନିଆନ ସରକାରଙ୍କ ଦୃଢ଼ ସମାଲୋଚକ ତଥା ୨୦୨୨ ଶାସନ ବିରୋଧୀ ଆନ୍ଦୋଳନର ଜଣେ ସମର୍ଥକ ଭାବେ ସେ ନିଃସନ୍ଦେହରେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସ୍ୱାଗତ କରିଥାଆନ୍ତେ। କିନ୍ତୁ ଇସ୍ରାଏଲ୍ ଓ ଆମେରିକା ଆକ୍ରମଣ ଆରମ୍ଭ କରିଦେବା ଯୋଗୁ ତାଙ୍କ ଦେଶଭକ୍ତି ବଢ଼ିଗଲା। ଫାଇନାନ୍ସିଆଲ ଟାଇମ୍ସକୁ ସେ ସାକ୍ଷାତ୍‌କାରରେ କହିଥିଲେ ଯେ, ଇରାନ୍ ବାହାରେ ରହିଥିବା ଜଣେ ବ୍ୟକ୍ତି ଦେଶକୁ ଆଗକୁ ବଢ଼ିବା ପାଇଁ କହିପାରିବେ ନାହିଁ। ଇରାନ୍ ହେଉଛି ମୋ ଦେଶ। କ'ଣ କରିବାକୁ ହେବ ମୁଁ ସ୍ଥିର କରିବି। ମୋ ନିଜ ଦେଶରେ ମୁଁ କ'ଣ କରିବି ସେ ସମ୍ପର୍କରେ କାହା କଥାକୁ ଅପେକ୍ଷା କରିବି ନାହିଁ। ବାହ୍ୟ ହସ୍ତକ୍ଷେପ ପ୍ରତି ଏହି ବିମୁଖତା ବା ବିରୋଧାଭାସ ଯୁକ୍ତିଯୁକ୍ତ ମନେହୁଏ ଓ ଏହା ଶୀଘ୍ର ଏକ ନୂଆ ସଙ୍କଳ୍ପର ପଥ ଦେଖାଇପାରେ। ଗୋଟିଏ ଶାସନ ଯେତେବେଳେ ଚାପରେ ରହିଥାଏ, ସେତେବେଳେ କ'ଣ ଘଟିବ କେହି କହିପାରିବେ ନାହିଁ। କିନ୍ତୁ ଇରାନର ଏବକାର ଶାସନ ତଥାକଥିତ ଦେଶଦ୍ରୋହୀ ଏବଂ ଅସନ୍ତୁଷ୍ଟଙ୍କ ସ୍ୱରକୁ ଦୃଢ଼ ହସ୍ତରେ ଦବାଇ ରଖିଛି। ଇରାନର ସାମରିକ ଦୁର୍ବଳତା ହିଁ ଏହାର ନେତାଙ୍କୁ ଏକ ପରମାଣୁ ବୋମା ତିଆରି କରିବା ପାଇଁ ଦୁଇଗୁଣ ପ୍ରେରଣା କରିବାର ସମ୍ଭାବନା ଅଛି।

ପ୍ରତିଷ୍ଠିତ ଲେଖକ

ଦାରୁ ଓ ଦିଘା

ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ

ଦିଘାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେଲା। ଦଇତା ଥିଲେ ଏହାର ମୁଖ୍ୟ ପୁରୋଧା। ମନ୍ଦିରରେ ଦାରୁବ୍ରହ୍ମ ପ୍ରତିଷ୍ଠା ହେଲେ। ପ୍ରତିଷ୍ଠା ସରୁ ନ ସରୁଣୁ ଦିଘା ହୋଇଗଲା 'ପୁରୁଷୋତ୍ତମ ଧାମ'। ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ତ ସାରା ପୃଥିବୀରେ ଚାଲିଛି, ମାତ୍ର ଜଗନ୍ନାଥଧାମ ତିଆରି ହେଲା ଦିଘାରେ କେତେକ ଦଇତାଙ୍କ ଲାଗି। ମନ୍ଦିର ନିର୍ମାଣ ଓ ମହାବିଗ୍ରହ ସ୍ଥାପନ ଭକ୍ତଗଣଙ୍କ ଭାବାବେଗର ସମ୍ଭୁତ। ଛିଦ୍ରାନ୍ୱେଷୀମାନେ କହିଲେଣି ନବକଳେବର ସମୟର ବଳକା ଦାରୁରେ ନୁହେଁ ବରଂ ଶିଳାରେ ମହାପ୍ରଭୁଙ୍କ ସ୍ୱରୂପ ନିର୍ମାଣ କରାଯାଇଛି। ଏହା ସତ ହୋଇଥିଲେ ଦୁଇଟା କଥା ପଦାକୁ ଆସୁଛି। ବଳକା ଦାରୁ ଦଇତା ଯୋଗାଇ ଥାଇପାରନ୍ତି। ଦ୍ୱିତୀୟ କଥା ଯଦି ପାଷାଣ ପ୍ରତିମା ହୋଇଥିବେ ତେବେ ଏହା ଏକ ଭିନ୍ନ ବିଷୟ। କାରଣ ମହାପ୍ରଭୁଙ୍କ ପାଷାଣପ୍ରତିମା ବିଶ୍ୱରେ ବିରଳ। ସିଏ ପାଷାଣ ନୁହନ୍ତି ମଣିଷ। ସିଏ ଦେହତ୍ୟାଗ କରନ୍ତି। ପାଷାଣରେ ଗଢ଼ାଇବା ହିଁ ବିଚିତ୍ରତା। ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବିଧାନ ମୁତାବକ ନବକଳେବର ସମୟରେ ଅଙ୍ଗଲାଗି ସେବକ ଦଇତାପତିମାନେ ବ୍ରହ୍ମ ପରିବର୍ତ୍ତନ କରାଇଥାନ୍ତ,ପୁରାତନ ବିଗ୍ରହରୁ ନୂତନ ବିଗ୍ରହକୁ। ଦାରୁ ପରିବର୍ତ୍ତନଶୀଳ, ବ୍ରହ୍ମ ନୁହେଁ। ମହାପ୍ରଭୁଙ୍କ ଇଚ୍ଛାରେ ତାଙ୍କ ଦାରବତନୁରେ ବ୍ରହ୍ମ ସଂସ୍ଥାପନ ଓ ଜୀବନ୍ୟାସ, ନୀଳକନ୍ଦରରେ ପ୍ରଥମେ ସ୍ୱହସ୍ତରେ ବ୍ରହ୍ମା କରାଇଥିଲେ। ଦାରବତନୁ ନିର୍ମାଣ ପରେ ମହାପ୍ରଭୁଙ୍କ ଆଜ୍ଞାମତେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କ ହସ୍ତରେ ବ୍ରହ୍ମ ସଂସ୍ଥାପନ କରାଇଥିଲେ କେଉଁ ଅଜ୍ଞାତ ସମୟରୁ। ସେଇ ସମୟରୁ ବ୍ରହ୍ମଦାରୁ ଉପାସନା ଚାଲିଛି। ସେବେଠୁ ଶ୍ରୀକ୍ଷେତ୍ର ଶ୍ରୀଧାମ, ପୁରୁଷୋତ୍ତମଧାମ, ମର୍ତ୍ତ୍ୟ ବୈକୁଣ୍ଠଧାମ ଇତ୍ୟାଦି।

ଆମ ପୁରାଣ ଆଧାରରେ କୁହାଯାଇପାରେ ଯେ ଶ୍ରୀକ୍ଷେତ୍ରଧାମ ବା ପୁରୁଷୋତ୍ତମଧାମ ବୈଦିକ ଯୁଗରୁ ଧାମ ବା କ୍ଷେତ୍ର ନାମରେ ବିଖ୍ୟାତ ଥିଲା। ବ୍ରହ୍ମାଙ୍କ ଦ୍ୱାରା ଦାରୁବ୍ରହ୍ମ ସ୍ଥାପନା ପରେ ଏହା ପୁରୁଷୋତ୍ତମ କ୍ଷେତ୍ର ବା ଧାମରେ ପରିଣତ ହୋଇଥିଲା। ସେବେଠୁ ପୁରୁଷୋତ୍ତମଧାମ କ୍ଷେତ୍ର ରାଜ ଅଟନ୍ତି। ଏହାପରେ ବାରମ୍ବାର ବିଧର୍ମୀ ଆକ୍ରମଣ ଓ ଲୁଣ୍ଠନର ଶିକାର ହୋଇଛି ଶ୍ରୀମନ୍ଦିର। ଯବନ ଆକ୍ରମଣ ଫଳରେ ୧୪୪ ବର୍ଷରନ୍ ସିଂହାସନ ଶୂନ୍ୟ ରହିଥିଲା। ଆଦି ଶଙ୍କରଙ୍କ ଆଗମନ ପରେ ପୁନର୍ବାର ୧୪୪ ବର୍ଷ ଅନ୍ତେ ନବକଳେବର କରାଯାଇ ଦାରୁବ୍ରହ୍ମ ସଂସ୍ଥାପିତ ହେଲେ। ସେ ପର୍ଯ୍ୟନ୍ତ ସୁବର୍ଣ୍ଣପୁରରେ ପାତାଳି ହୋଇଥିବା ଦାରୁ ମଧ୍ୟରୁ ବ୍ରହ୍ମ ପଦାର୍ଥଟି ଅକ୍ଷୁଣ୍ଣ ଅଣାଯାଇ ଆଦି ଶଙ୍କରଙ୍କ ଦ୍ୱାରା ନବ କଳେବର ହୋଇଥିଲ। ଅବଶ୍ୟ ବ୍ରହ୍ମପଦାର୍ଥଟି କ'ଣ ତାହା ଏବେ ବି ରହସ୍ୟାବୃତ। ମାତ୍ର ବ୍ରହ୍ମ ପଦାର୍ଥଟିକୁ ଆଦି ଶଙ୍କର ଜାଣିଥିଲେ ଓ ତଦନୁସାରେ ବ୍ୟବସ୍ଥା କରିଥିଲେ। ଭାରତର ଚାରିଦିଗରେ ଧାର୍ମିକ ବାତାବରଣ ବଜାୟ ଓ ସୁରକ୍ଷିତ ରଖିବା ଅଭିପ୍ରାୟରେ ଆଦି ଶଙ୍କର ୪ଟି ଧାମ ପ୍ରତିଷ୍ଠା କରିଥିଲେ। ସେଠାରେ ଶ୍ରେଷ୍ଠ ସଚ୍ଚମାନଙ୍କୁ ନିଜ ପ୍ରତିନିଧି ଭାବେ ଅବସ୍ଥାପିତ କରାଇଥିଲେ। ଏଇ ଚାରିଧାମ ମାଧ୍ୟମରେ ଭାରତର ଧାର୍ମିକ ଗୌରବ ଅକ୍ଷୁଣ୍ଣ ରଖିବାର ଧାରା ଅନୁସୃତ ହୋଇ ଆସୁଅଛି। ଶିବାବତାର ଶଙ୍କର ପୁଣି ଚତୁଃଧାମ ମଧ୍ୟରେ ପୁରୁଷୋତ୍ତମକୁ ଶ୍ରେଷ୍ଠଧାମ ଭାବେ ବିବେଚନା କରିଯାଇଛନ୍ତି।

ପୁରୁଷୋତ୍ତମ ଶ୍ରୀକ୍ଷେତ୍ରର ଧର୍ମୀୟବାତାବରଣ ଓ ଧାମ ସୁରକ୍ଷା ପାଇଁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଗୋବର୍ଦ୍ଧନ ପୀଠ ରହିଛି। ଏହାର ପୀଠାଧୀଶ ମୂଳତଃ ମହାନ ସଚ୍ଚ ନିଶ୍ଚଳାନନ୍ଦ ସରସ୍ୱତୀ।

ଧାମ କିଛି ସାଧାରଣ ଶବ୍ଦଟି ନୁହେଁ।
ଜଗନ୍ନାଥ ଧାମ ସେଇଟି, ଯେଉଁଠି
ଲୋକନାଥ ଶିବଯତ୍ର, ତୀର୍ଥରାଜ ମହୋଦଧି
ବିମଳା ଭୈରବୀ ଯତ୍ର, ଜଗନ୍ନାଥସ୍ୟ ଭୈରବ।

ଅର୍ଥାତ୍ ଲୋକନାଥ, ବିମଳା ଓ ତୀର୍ଥରାଜ ମହୋଦଧି ଯଦି ଦିଘାରେ ଥିବେ ତେବେ ମହାଭୈରବ ଜଗନ୍ନାଥ ସେଠାରେ ଥିବେ। ତେଣୁ ଦିଘା ଧାମ ହେବାରେ ବାଧାନାହିଁ। ଏହା ନାହିଁ ଦୀଘା ଧାମ ହେବ କେମିତି? କଙ୍କଣ ଲୋଭରେ ବାଘକୁ ପଙ୍କରୁ ଉଦ ଧାର କଲାପରେ ପଞ୍ଚତନ୍ତ୍ର କାହାଣୀରେ ବିଚରା ବ୍ରାହ୍ମଣଟି ବାଘର ଆହାର ହୋଇଥିଲା। ତେବେ ଏଠି କ'ଣ ହବ? ଦାରୁ, ଦଇତା, ଦିଘାକୁ ନେଇ ତିଆରି ହୋଇଥିବା ଭୌଗୋଳିକ, ରାଜନୈତିକ, ଆଧାତ୍ମିକ, ମନସ୍ତାତ୍ତ୍ୱିକ, ଅର୍ଥନୈତିକ ତଥା ସାମାଜିକ ନାଟକଟି ସତରେ କିନ୍ତୁ ଏକ ଅନୁସନ୍ଧାନମୂଳକ ନାଟକ। ଉପସଂହାର ଦେଖିବାକୁ ବାକି ରହିଲା।

ମହାସଚିବ, ଗୋବର୍ଦ୍ଧନ ପୀଠ, ପୁରୀ
ମୋ:୯୪୩୭୦୭୭୬୬

ଏଇ ଭାରତରେ

ମହାରାଷ୍ଟ୍ରର ସୁନୀଲ କୋଲ୍‌ପେ ୧୬ଟି ମଇଁଷି କିଣି ଏକ ସ୍ମାର୍ଟ ଡାଇରି ଫାର୍ମ କରିଛନ୍ତି। ସୁନୀଲଙ୍କ ବୟସ ଏବେ ୪୩ ଓ ମହାରାଷ୍ଟ୍ର ଯୁବତମଲ ଜିଲାର ଛୋଟ ସହର ମହାଗାଓଁରେ ରହୁଛନ୍ତି ଏବଂ ଏହାଠାରୁ ତାଙ୍କ ଫାର୍ମ ୧୩ କିଲୋମିଟର ଦୂରରେ ଅଛି। ଏହି ଫାର୍ମ ୨୪ ଏକର ଜମିରେ ହୋଇଛି । ସେ କ୍ଷୀର ବିକ୍ରି କରିବା ପାଇଁ ସ୍ମାର୍ଟ କାର୍ଡଯୁକ୍ତ ମିଳ୍କ ଏଟିଏମ୍, ଆଇସ୍‌କ୍ରିମ ପାର୍ଲର କରିଛନ୍ତି। କ୍ଷୀର ଓ ଏଥିରୁ ପ୍ରସ୍ତୁତ ଉତ୍ପାଦ ବିକ୍ରି କରି ସୁନୀଲ ମାସକୁ ୭୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ଦିନକୁ ଏବେ ୩୫୦ ଲିଟର କ୍ଷୀର ବିକ୍ରି କରୁଛନ୍ତି। କେବଳ ଏଟିଏମ୍ ମାଧ୍ୟମରେ ସେ କ୍ଷୀର ବିକୁନାହାନ୍ତି, ବରଂ ଘରକୁ ଘର ବୁଲି କ୍ଷୀର ଦେଉଛନ୍ତି। ସେ ବୈଜ୍ଞାନିକ ପଦ୍ଧତିରେ ଗୁହାଳ କରିଛନ୍ତି ଓ ଏଥିରେ ୫.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପ୍ରଥମେ ସେ ପନିପରିବା ଚାଷ କରିଥିଲେ। କିନ୍ତୁ ସେଥିରେ କ୍ଷତି ହେବାରୁ ମଇଁଷି ରଖିବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ତାଙ୍କ ଜୀବନର ମୋଡ଼ ହିଁ ବଦଳାଇଦେଇଛି। ସୁନୀଲ ଫାର୍ମରେ ମଇଁଷି ପାଳନ କରିବା ସହିତ ଆଖୁ, ସୋୟାବିନ ଓ କପାଚାଷ ମଧ୍ୟ କରୁଛନ୍ତି।

ମାତୃଭାଷା ବନାମ ବିଶ୍ୱଭାଷା

ରାନୀ ନାୟକ

ଗୋଟିଏ ଜାତିର ପରିଚୟ ହେଉଛି ଭାଷା। ପ୍ରତ୍ୟେକ ଭାଷାର ଏକ ନିର୍ଦ୍ଦିଷ୍ଟ ଇତିହାସ ରହିଛି। ଯଦି ଭାଷାଟିଏ ମରିଯାଏ ତେବେ ଅନେକ କଥା ମରିଯିବାକୁ ହୁଏ। ସେଥିରେ ଥିବା ସାହିତ୍ୟ, ଦର୍ଶନ ନିଶ୍ଚୟ ବଳିପଡିବ ଏବଂ ସେ ଭାଷାର ଶବ୍ଦମାନ ମଧ୍ୟ ଲୋପ ପାଇଥାଏ। ତେଣୁ ଭାଷା ବଞ୍ଚିଲେ ଗୋଟିଏ ଜାତି ଚିରକାଳ ପାଇଁ ଜୀବିତ ରହିପାରିବ। ସେ ଜାତି ସେତେବେଳେ ଯାଇ ବିଶ୍ୱମଣ୍ଡିତ ହେବ ଯେତେବେଳେ ତା' ମାତୃଭାଷା ସମଗ୍ର ପୃଥିବୀ ପୃଷ୍ଠରେ ଆବୃତ ହେବ। ଏହା କେବଳ ସମ୍ଭବ ଗୋଟିଏ ଭାଷାଭାଷୀ ଜନତା ଦଳଗତ ଭାବେ କିମ୍ବା ଶକ୍ତିଶାଳୀ ବ୍ୟକ୍ତିଙ

ବାଇକ୍ ଚୋରି ଅଭିଯୋଗରେ ଯୁବକ ଗିରଫ

କଳିଙ୍ଗନଗର,(ଶୁଭାଶିଷ ରାଉତ): କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରା ଛକରୁ ବାଇକ୍ ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେହେଲେ ବାରଗଡ଼ିଆ ଗାଁର ତ୍ରିନାଥ ନାୟକ(୨୫)। ତାଙ୍କ ନିକଟରୁ ଚୋରି ବାଇକକୁ ପୋଲିସ ଜବତ କରିଛି। ବୁଧବାର ବାଇକଟି ଡୁବୁରା ଛକରୁ ଚୋରି ହୋଇଥିଲା। ଏନେଇ ଥାନରେ ଅଭିଯୋଗ ହେବାପରେ ପୋଲିସ ନଂ.୨୧୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

■ ଥାନା ଭିତରେ ମହିଳା ପୋଲିସ ଅଧିକାରୀ ବି ଅସୁରକ୍ଷିତ

■ ମାସେ ପରେ ବି ଖୋଲାଖୋଲି ବୁଲୁଛନ୍ତି ଅଭିଯୁକ୍ତ

ଯାଜପୁର/କାଏମା(ହର୍ଷବର୍ଦ୍ଧନ ବେହେରା/ଶିବପ୍ରସାଦ ମହାନ୍ତି),୧୦।୭ :

ସରକାର ବଦଳିଲା କିନ୍ତୁ ସୁଧୁରି ପାରିଲାନି ଆଇନ ବ୍ୟବସ୍ଥା । ପୁରୀ ରଥ ଯାତ୍ରା ଘଟଣାଠାରୁ ଆରମ୍ଭ କରି ଗାଁଗଣ୍ଡାରେ ଆଇନଶୃଙ୍ଖଳାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଥିସହିତ ଚୋରି, ରାହାଜାନୀ, ଦାଦାଗିରି ଭଳି ବିଭିନ୍ନ ଘଟଣା ବଢ଼ିବାରେ ଲାଗିଛି। ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଥାନା ଭିତରେ ଯଦି ଦୁର୍ବ୍ୟବହାର କରାଯାଉଛି, ତେବେ ସାଧାରଣ ଜନତା କେତେ ସୁରକ୍ଷିତ ବୋଲି ଜିଲାରେ ଚର୍ଚ୍ଚା ହେଉଛି।

ଏଏସଆଇ ଅରୁଣିମା ମହାପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ଧର୍ମଶାଳା ଥାନାରେ ୬।୬।୨୦୨୫ ସକାଳ ୮ଟାରୁ ୭।୬।୨୦୨୫ ସକାଳ୮ଟା ପର୍ଯ୍ୟନ୍ତ ତାଙ୍କର ଡ୍ୟୁଟି ଥିଲା। ତେବେ ୭।୬।୨୦୨୫ ରାତି ପ୍ରାୟ ୨ଟା୩୦ ମିନି ସମୟରେ ପ୍ରାୟ ୧୫ ଜଣ ଥାନା ଭିତରକୁ ପଶିଥିଲେ। ସେତେବେଳେ ଏଏସଆଇ ଅରୁଣିମା ରିସେପ୍ସନ ଡେସ୍କରେ ବସିଥିଲେ। ଏହି ସମୟରେ ଜଣେ ଅଭିଯୁକ୍ତ ବଳପୂର୍ବକ ଡିସିଓ ଚେୟାରରେ ବସିଥିଲେ। ଏହାଦେଖି ଏଏସଆଇ ଅରୁଣିମା ଡିସିଓ ଚେୟାରରୁ ଉଠି ପଡନ୍ତୁ ବୋଲି କହିବାରୁ ଅଭିଯୁକ୍ତ ଅସଭ୍ୟ ଭାଷା କହି ଚେତାବନୀ ଦେଇଥିଲେ। ଏହାବାଦ ତାଙ୍କ ସାଙ୍ଗରେ ଥିବା ଅନ୍ୟମାନେ ଉଚ୍ଚ ସ୍ୱରରେ ଯୁକ୍ତିତର୍କ କରିଥିଲେ। ଏହାବାଦ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ତେଣୁ ଜଣେ ମହିଳା ଅଧିକାରୀ ଭାବେ ଥାନା ଭିତରେ ତାଙ୍କ ଜୀବନ ଅସୁରକ୍ଷିତ ରହିଛି ବୋଲି ଧର୍ମଶାଳା ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଭାରତୀୟ ସଂହିତା ଆଇନ ୨୯୬/୭୪/୧୨୧/୧୩୨/୩୫୧(୨)/୩୬୫(କେଶ ନମ୍ବର-୩୪୧/୨୦୨୫)ରେ ୧୪ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ତେବେ ଏହି ଘଟଣାକୁ ୧ ମାସରୁ ଊର୍ଦ୍ଧ୍ୱ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କାହାରିକୁ ପୋଲିସ ଗିରଫ କରି ପାରିନାହିଁ। ଯେତେବେଳେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମ ସମ୍ମୁଖରେ କହୁଛନ୍ତି, ପୂର୍ବ ସରକାର ସମୟରେ କୌଣସି ଦୋଷୀକୁ ଗିରଫ କରିବା ପାଇଁ ତୃତୀୟ ମହଲାରୁ ଅନୁମତି ଆଣିବାକୁ ପଡୁଥିଲା । କିନ୍ତୁ ବର୍ତ୍ତମାନ ପୋଲିସ ପ୍ରଶାସନ ସ୍ୱଚ୍ଛତା ଓ ସାମର୍ଥ୍ୟ ସହ ୨୪ରୁ ୪୮ ଘଣ୍ଟାମଧ୍ୟରେ ଅପରାଧୀମାନଙ୍କୁ ଗିରଫ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରୁଛି। କିନ୍ତୁ ଏହାର ବ୍ୟତିକ୍ରମ ଯାଜପୁର ଜିଲା ପୋଲିସ ପ୍ରଶାସନ ପାଖେ ଦେଖିବାକୁ ମିଳୁଛି।

ସେହିପରି ଜିଲାର ଧର୍ମଶାଳା ବ୍ଲକ ପାଟପୁର ପଞ୍ଚାୟତରେ ଥିବା ଐତିହାସିକ ସିଦ୍ଧ ବଳଦେବଜୀଉ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାକୁ ୩ ବର୍ଷ ବିତିଛି। ଆଜି ସୁଦ୍ଧା ଅଷ୍ଟଧାତୁ ମୂର୍ତ୍ତି ମିଳିପାରିନାହିଁ । ସେଥିପାଇଁ କ୍ରମାଗତ ତୃତୀୟ ଥର ପାଇଁ ଶତାଧିକ ବର୍ଷର ଐତିହ୍ୟ ସମ୍ପନ୍ନ ରଥଯାତ୍ରା ଉତ୍ସବ ବନ୍ଦ ରହିଛି। ଯାହା ଫଳରେ ପ୍ରଭାବିତ ହୋଇଛି ଐତିହାସିକ ପରମ୍ପରା। ଏ ବିଷୟରେ ମନ୍ଦିରର ଟ୍ରଷ୍ଟି ବର୍ତ୍ତମାନର ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଠାରୁ ଆରମ୍ଭ କରି ପ୍ରତ୍ନତତ୍ୱ, ସିବିଆଇ, ତାମିଲନାଡୁ ଆଇଡ଼ଲ ଉଇଙ୍ଗ ସିଆଇଡି ଏବଂ କ୍ରାଇମବ୍ରାଞ୍ଚର ଏବଂ ସର୍ବଭାରତୀୟସ୍ତରର ସମସ୍ତ କଷ୍ଟମ ଜୋନର କର୍ତ୍ତୃପକ୍ଷଙ୍କୁ ଇମେଲ ଏବଂ ଫାକ୍ସ ଜରିଆରେ ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ଏହାସହ ଉପ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କ ସହ ସାକ୍ଷାତ କରି ଆଲୋଚନା ମଧ୍ୟ ହୋଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ସଫଳତା ମିଳି ପାରିନାହିଁ। ଏପ୍ରିଲ ୨୬ରେ ଜାରକା ଜାମୁବଣିଆଁ ବାସିନ୍ଦା ଅଜୟ ଜେନାଙ୍କ ପୁଅ ଅରଜିତ ଜେନା ପଦ୍ମାବତୀ କ୍ରଶର କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ମାଡ ମାରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଏଯାଏ ଠାବ କରି ପାରିନାହିଁ। ବରୀ ବିଧାୟକ ଜଣେ ବ୍ଲକ କର୍ମଚାରୀଙ୍କୁ ମାଡ ମାରିଥିବା ପୋଲିସ ସ୍ୱୀକାର କରିବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ପାରିଲାନାହିଁ। କାଳିଆପାଣି ଥାନା ଅଞ୍ଚଳରେ ବନ୍ଦ ଥିବା ଏକ କ୍ରୋମାଇଟ ଖଣିରୁ ବର୍ଷସାରା ଲୁଟ ହେଉଥିଲା। ଅନୁମାନିକ ଭାବେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ରୋମାଇଟ ଚୋରି ହୋଇଛି। ବନ ବିଭାଗ ପକ୍ଷରୁ ଚଢାଉ କରି ଟ୍ରକ ସହ କ୍ରୋମାଇଟ ଜବତ କରିଥିଲା। ଅଭିଯୁକ୍ତମାନଙ୍କ ରାଜନୈତିକ ପତିଆରା ଥିବାରୁ ବନ ବିଭାଗ କିମ୍ବା ପୋଲିସର ସାହାସ ହୋଇ ପାରୁନାହିଁ ବୋଲି ଚର୍ଚ୍ଚା ହେଉଛି। ଏହାବାଦ୍ ସୁକିନ୍ଦା ଅଞ୍ଚଳରେ ସାମାଜିକ କର୍ମୀଙ୍କୁ ହତ୍ୟା ଧମକ ମିଳୁଥିବାବେଳେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଥିବା ବ୍ୟକ୍ତିଙ୍କୁ ପୋଲିସ ସହାୟତାରେ ମାଡ ମରାଯାଉଥିବା ଅଭିଯୋଗ ହେଉଛି। ଏହି ସବୁ ଘଟଣାକୁ ନେଇ ପୋଲିସ ପ୍ରଶାସନ ବଦନାମ ହେବା ସହ ସ୍ଥାନୀୟ ଅଞ୍ଚଳର ବିଧାୟକ ଓ ନୂତନ ସରକାରଙ୍କୁ ଲୋକେ ସମାଲୋଚନା କରୁଛନ୍ତି। ଏହା ଉପରେ ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନରେ ଏହା ପ୍ରତିଫଳନ ହେବ ବୋଲି ଜିଲାସାରା ଚର୍ଚ୍ଚା ହେଉଛି।

ବନ୍ଧୁକ ଦେଖାଇ ହତ୍ୟା ଉଦ୍ୟମ

■ ମାଗାଜିନ ଗଳି ପଡ଼ିବାରୁ ବଞ୍ଚିଗଲା ଜୀବନ

■ ଜଣେ ଅଟକ, ଜଣେ ଫେରାର

ପାଣିକୋଇଲି,୧୦।୭ (ବିକାଶ ମଲ୍ଲିକ):

ପାଣିକୋଇଲି ବଜାରର ମାଛ ମାର୍କେଟରେ ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟା୩୦ରେ ଅର୍ଥନେଣଦେଣକୁ କେନ୍ଦ୍ରକରି ୨ ବ୍ୟକ୍ତିଙ୍କୁ ହତ୍ୟା ଉଦ୍ୟମ କରାଯାଇଛି। ସେମାନଙ୍କୁ ଡାକିଆଣି ଜୀବନରୁ ମାରିଦେବାକୁ ଉଦ୍ୟମବେଳେ ବନ୍ଧୁକରୁ ମାଗାଜିନ ଖସିପଡ଼ିବାରୁ ଦୁଇ ଜଣଙ୍କ ଜୀବନ ବଞ୍ଚିଯାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଧରାପଡ଼ିଛନ୍ତି। ତାଙ୍କ ସହଯୋଗୀ ତଥା ବଡ଼ଭାଇ ଫେରାର ହୋଇଯାଇଛନ୍ତି। ପୋଲିସ ଜଣଙ୍କୁ ଅଟକ ରଖିବା ସହ ବନ୍ଧୁକ, ମ୍ୟାଗାଜିନ ଓ ୨ ବାଇକକୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାଲେଶ୍ୱର ଜିଲା ସୋର ସୁଜନପୁର ଅଞ୍ଚଳର ବିଜୟ ମହାକୁଡ଼ଙ୍କଠାରୁ ତାଙ୍କ ଗ୍ରାମ ନିକଟ ଅଙ୍କ ବରହମପୁର ଗ୍ରାମର ଅମୂଲ୍ୟ ହୋତାଙ୍କ ୨ ପୁଅ ଖଗେନ୍ଦ୍ର ହୋତା ଓ କ୍ଷତିଶ ହୋତା ୨୫ ଲକ୍ଷ ଟଙ୍କା ନେଇଥିଲେ। ଶ୍ରୀରାମ ନାମକ ହୋଟେଲ ଦେବା ପାଇଁ ୫ ଲକ୍ଷ ଓ ଦୁଇଟି ଜମି ପ୍ଲଟ ଦେବା ପାଇଁ ୨୦ ଲକ୍ଷ ନେଇଥିଲେ। ହେଲେ ହୋଟେଲ ଓ ଜମି ନ ଦେବାରୁ ୨୫ ଲକ୍ଷ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ଜୁଲାଇ ୧ରେ ଟଙ୍କା ଦେବାକୁସ୍ଥିର ହୋଇଥିଲା। ମାତ୍ର ଜୁନ ୨୮ରୁ ସେମାନେ ଫେରାର ହୋଇଯାଇଥିଲେ। ତେବେ ସେମାନେ ଭଦ୍ରକ ଜିଲା ଧୁକୁରୀ ଥାନା ଅଞ୍ଚଳରେ ରହୁଥିବା ଖବର ପାଇ ବିଜୟ ତାଙ୍କ ସାଙ୍ଗ ବିଜୟ ବାରିକଙ୍କୁ ଧରି ଧୁକୁରୀ ଅଞ୍ଚଳରେ ତିନି ଦିନ ରହିବା ପରେ ବିଜୟ ୨ ଭାଇଙ୍କୁ ଧରି ଧୁକୁରି ଥାନାକୁ ନେବା ପରେ ଉଭୟଙ୍କ ମଧ୍ୟରେ ଟଙ୍କା ନେଣଦେଣ ନେଇଏକ ଚୁକ୍ତିନାମା ହୋଇଥିଲା। ବିଜୟ ଏଥିରେ ରାଜି ହୋଇଥିଲେ। ପରେ ଦୁଇଭାଇ ଖଗେନ୍ଦ୍ର ଓ କ୍ଷତିଶ ତାଙ୍କ ବାପାଙ୍କ ପାଖକୁ ଯିବାକୁ କହି ବିଜୟଙ୍କୁ ଛତାବର ଆଣିଥିଲେ। ସେଠାରୁ ସଠିପୁରରେ ବାପା ଥିବା କହି ୪ଜଣ ଦୁଇଟି ବାଇକରେ ଆସିଥିଲେ। ମାତ୍ର ପାଣିକୋଇଲି ମାଛ ମାର୍କେଟ ନିକଟରେ ଖଗେନ୍ଦ୍ର ବନ୍ଧୁକ ବାହାର କରି ବିଜୟଙ୍କୁ ଆକ୍ରମଣ କରିବାକୁ ବସିଥିବାବେଳେ ବନ୍ଧୁକରୁ ମ୍ୟାଗାଜିନଟି ଖସି ତଳେ ପଡ଼ିଯାଇଥିଲା। ଏହାପରେ ବିଜୟ ଚୋରଚୋର ବୋଲି ପାଟି ସନ୍ଧ୍ୟାରେ ଭେଟ ହେବ କହିଥିଲେ। ପାଣିକୋଇଲି ଅଞ୍ଚଳରେ ତାଙ୍କ ଜବତ ବନ୍ଧୁକ ଓ ମ୍ୟାଗାଜିନ ।

ଅଟକ ଅଭିଯୁକ୍ତ ।



କରିବାରୁ ଲୋକେ ଦୌଡ଼ି ଆସିଥିଲେ। ଫଳରେ ଘଟଣାସ୍ଥଳରୁ କ୍ଷତିଶ ଫେରାର ହୋଇଯାଇଥିଲେ। ଖଗେନ୍ଦ୍ରଙ୍କୁ ଲୋକେ କାବୁକରି ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ରଞ୍ଜିତ ମହାନ୍ତି ପହଞ୍ଚି ଖଗେନ୍ଦ୍ରଙ୍କୁ ଥାନାକୁ ନେଇ ପଚରାଉଚରା ଚଳାଇଛନ୍ତି। ଏନେଇ ବିଜୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ରାସ୍ତା ଅବରୋଧ କରୁଛନ୍ତି ଗୋରୁପଲ

■ ଯାତାୟାତରେ ସମସ୍ୟା, ବଢୁଛି ଦୁର୍ଘଟଣା

ଚଣ୍ଡିଖୋଲ,୧୦।୭(ପ୍ରଦୀପ୍ତ କୁମାର ପୃଷ୍ଟି):

ଜାତୀୟ ରାଜପଥଠାରୁ ଆରମ୍ଭ କରି ପ୍ରତ୍ୟେକ ମୁଖ୍ୟ ରାସ୍ତାରେ ଶହଶହ ଗୋରୁ ବିଚରଣ କରୁଛନ୍ତି। ଫଳରେ ଦୁର୍ଘଟଣା ବୃଦ୍ଧି ପାଉଛି। ରାସ୍ତା ଦେଇ ଯାତାୟାତ କରୁଥିବା ବାଇକ୍ ଆରୋହୀ ଓ ୪ ଚକିଆ ଯାନ ଚାଳକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୬ନଂ. ଜାତୀୟ ରାଜପଥର ଚଣ୍ଡିଖୋଲଠାରୁ ଛତିଆ ମଧ୍ୟରେ ଦିନରେ ରାସ୍ତା ଉପରେ ଗୋରୁ ପଲ ଶୋଉଥିବା ଦେଖିବାକୁ ମିଳିଛି। ସେହିପରି ବଡ଼ଚଣା–ଦର୍ପଣ ଓ ବଡ଼ଚଣା–ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାରେ ଦିନରେ ଶହଶହ ଗାଈ ଓ ଷଣ୍ଢ ବୁଲୁଛନ୍ତି। ସେମାନେ ରାସ୍ତା ଅବରୋଧ କରି ଠିଆ ହେଉଛନ୍ତି। ହେଲେ ଏଥିପ୍ରତି କାହାରି ଦାୟିତ୍ୱନାହିଁ। ଯେଉଁମାନେ ଏହି ଗୃହ ପାଳିତ ପ୍ରାଣୀଙ୍କୁ ରଖୁଛନ୍ତି ସେମାନେ ବି ଏଥିପ୍ରତି ସଚେତନ ହେଉନାହାନ୍ତି। ଗୁରୁବାର ବଡ଼ଚଣା–ଦର୍ପଣ ରାସ୍ତାର ମହାବିନାୟକ ମନ୍ଦିର ପାଦ ଦେଶ ଦେଇ ଯାଇଥିବା ରାସ୍ତାର ଚଣ୍ଡିମନ୍ଦିର ଓ ମୋଟର ଯାନ ପରୀକ୍ଷଣ କେନ୍ଦ୍ର ନିକଟରେ ଏଭଳି ଅବସ୍ଥା ଦେଖିବାକୁ ମିଳିଥିଲା। ସେହିପରି ବଡ଼ଚଣା–ବାଲିଚନ୍ଦ୍ରପୁର ରାସ୍ତାର ବାରବାଟୀ ନିକଟରେ ଗୋରୁ ପଲ ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଥିଲା। ତେଣୁ ଗୃହ ପାଳିତ ପ୍ରାଣୀଙ୍କୁ ରାସ୍ତା ଉପରକୁ ଛାଡୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ବିକ୍ରୟ ନୋଟିସ୍
(୩୦ ଦିନିଆ ନୋଟିସ୍)
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ଯୁନିୟନ ବ୍ୟାଙ୍କ Union Bank of India
ଭାରତ ସରକାର କା ଉପକ୍ରମ
A Government of India Undertaking

ପୋଲସରା ଶାଖା
ମେନ୍ ରୋଡ୍, ରାଣୀପଡା, ପୋଲସରା, ଗଞ୍ଜାମ, ଓଡିଶା-୭୬୧୧୦୫

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିଜ୍ଞପ୍ତ ନୋଟିସ୍ ଅଟେ)

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା	ସମ୍ପତ୍ତିଗୁଡିକର ବିବରଣୀ	ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ
ଋଣଗ୍ରହୀତାମାନେ: ୧) ମେସର୍ସ ଜୟ ମା ଗୌରୀ କାସ୍ୟୁ ଇଣ୍ଡଷ୍ଟ୍ରି, ସ୍ୱତ୍ୱାଧିକାରୀ: ଶ୍ରୀ ଜୟସେନ ସାହୁ, ପିତା: ଗୋପିନାଥ ସାହୁ, ୨) ଶ୍ରୀ ଜୟସେନ ସାହୁ, ପିତା: ଗୋପିନାଥ ସାହୁ, ମେସର୍ସ ଜୟ ମା ଗୌରୀ କାସ୍ୟୁ ଇଣ୍ଡଷ୍ଟ୍ରିର ସ୍ୱତ୍ୱାଧିକାରୀ /ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସୁନିତା ସାହୁ, ସ୍ୱାମୀ: ଶ୍ରୀ ଜୟସେନ ସାହୁ, ସମସ୍ତଙ୍କ ଠିକଣା- ସା: ପଥରାପଲ୍ଲୀ, ମେନ୍ ରୋଡ୍, ପୋ: ଆଠଗଡପାଟଣା, ଭାୟା: ପୋଲସରା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୦୫	୧) ଶ୍ରୀମତୀ ସୁନିତା ସାହୁ, ସ୍ୱାମୀ: ଶ୍ରୀ ଜୟସେନ ସାହୁଙ୍କ ନାମରେ ଥିବା କାରଖାନା, କଳକବ୍ଜା ଓ ଯନ୍ତ୍ରପାତି ଏବଂ ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୨୪୦ଡିସିମିଲି, ପ୍ଲଟ୍ ନଂ.: ୨୦୮/୧୩୮୮, ଖାତା ନଂ.: ୧୩୪/୨୦, ସା/ମୌଜା: ପଥରାପଲ୍ଲୀ, ମେନ୍ ରୋଡ୍, ପୋ: ଆଠଗଡପାଟଣା, ବାଉଁଶିଆ ଗ୍ରାମପଞ୍ଚାୟତ, ଥାନା/ତହସିଲ: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ସୁନିତା ସାହୁଙ୍କ ଜମି, ପଶ୍ଚିମ: ଇନ୍ଦ୍ରମଣି ମହାନ୍ତିଙ୍କ ଜମି, ଉତ୍ତର: ବାଞ୍ଛାନିଧି ମହାନ୍ତିଙ୍କ ଜମିର ଘାଇ, ଦକ୍ଷିଣ: ପିଡବୁଡି ରାସ୍ତା, ୨) ଶ୍ରୀ ଜୟସେନ ସାହୁ, ପିତା: ଗୋପିନାଥ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଖାଲି ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୯୮୮ଡିସିମିଲି ଯାହା ୪୩,୦୩୭ବର୍ଗଫୁଟ, କ) ପ୍ଲଟ୍ ନଂ.: ୩୦୮, ଖାତା ନଂ.: ୧୩୪/୪୯, କ୍ଷେତ୍ର: ଏକର୦.୨୬୦ଡିସିମିଲି, ଏବଂ ଗ) ପ୍ଲଟ୍ ନଂ.: ୩୦୫, ଖାତା ନଂ.: ୧୩୪/୪୭, କ୍ଷେତ୍ର: ଏକର୦.୧୬୦ଡିସିମିଲି, ସମସ୍ତ ପ୍ଲଟ୍ ଗୋଟିଏ କ୍ଷେତ୍ରରେ ଅବସ୍ଥିତ, ସା/ମୌଜା: ପଥରାପଲ୍ଲୀ, ପୋ: ଆଠଗଡପାଟଣା, ଭାୟା: ପୋଲସରା, ଥାନା/ତହସିଲ: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦାଷ, ପଶ୍ଚିମ: ଶିବରାମ ପ୍ରଧାନ ଏବଂ ଅନ୍ୟମାନଙ୍କ ଜମି, ଉତ୍ତର: ଘାଇ ହୁଡା, ଦକ୍ଷିଣ: ନୀଳକଣ୍ଠ ଚୌଧୁରୀଙ୍କ ଜମି, ୩) ମେସର୍ସ ଜୟ ମା ଗୌରୀ କାସ୍ୟୁ ଇଣ୍ଡଷ୍ଟ୍ରି ଆକାଉଣ୍ଟ ସହିତ ସମ୍ବନ୍ଧିତ ବନ୍ଧକପ୍ରାପ୍ତ କଳକବ୍ଜା ଏବଂ ଯନ୍ତ୍ରପାତି ବନ୍ଧକ ସମ୍ପତ୍ତି ସହିତ ଜଡିତ ଏବଂ ବ୍ୟାଙ୍କର ଆର୍ଥିକ ସହାୟତା ପ୍ରାପ୍ତ	୨୧.୦୨.୨୦୨୫ / ୦୫.୦୫.୨୦୨୫ / ୦୪.୦୬.୨୦୨୫
ଋଣଗ୍ରହୀତାମାନେ: ୧) ମେସର୍ସ ରାଜ କୁମାରୀ କାସ୍ୟୁ ପ୍ରୋସେସିଙ୍ଗ୍ ୟୁନିଟ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସୁନିତା ସାହୁ, ସ୍ୱାମୀ: ଶ୍ରୀ ଜୟସେନ ସାହୁ, ସା: ପଥରାପଲ୍ଲୀ, ପୋ: ଆଠଗଡପାଟଣା, ଭାୟା: ପୋଲସରା, ଥାନା/ତହସିଲ: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୦୫, ୨) ଶ୍ରୀମତୀ ସୁନିତା ସାହୁ, ସ୍ୱାମୀ: ଶ୍ରୀ ଜୟସେନ ସାହୁ, ମେସର୍ସ ରାଜ କୁମାରୀ କାସ୍ୟୁ ପ୍ରୋସେସିଙ୍ଗ୍ ୟୁନିଟ୍‌ର ସ୍ୱତ୍ୱାଧିକାରୀ, ସା: ପଥରାପଲ୍ଲୀ, ମେନ୍ ରୋଡ୍, ପୋ: ଆଠଗଡପାଟଣା, ଭାୟା: ପୋଲସରା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୦୫ / ଗ୍ୟାରେଣ୍ଟିଦାତା: ଶ୍ରୀ ଜୟସେନ ସାହୁ, ପିତା: ଗୋପିନାଥ ସାହୁ, ସା: ପଥରାପଲ୍ଲୀ, ମେନ୍ ରୋଡ୍, ପୋ: ଆଠଗଡପାଟଣା, ଭାୟା: ପୋଲସରା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୦୫	୧) ଶ୍ରୀମତୀ ସୁନିତା ସାହୁଙ୍କ ନାମରେ ଥିବା ଇଣ୍ଡଷ୍ଟ୍ରିଆଲ୍ ଗୃହ (ବିଲ୍ଟି) ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଥରାପଲ୍ଲୀ, ପୋ: ଆଠଗଡପାଟଣା, ଭାୟା: ପୋଲସରା, ଏସ୍‌ଆର୍‌ଓ/ତହସିଲ: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ପ୍ଲଟ୍ ନଂ.: ୨୪୦, ୨୪୧, ୨୪୯, ୨୫୭, ୨୫୯, ୨୬୩, ୨୬୬, ୨୬୭, ୨୬୮, ୨୭୦, ୨୭୧, ୨୭୩ ଏବଂ ୨୭୪, ଖାତା ନଂ.: ୧୩୪/୪୯, ସମୁଦାୟ କ୍ଷେତ୍ର: ଏକର୧.୩୮୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ରଭାକର ଗୌଡଙ୍କ ସମ୍ପତ୍ତି / ପ୍ଲଟ୍ ନଂ.: ୨୭୭,୨୭୬,୨୭୫,୨୮୮, ପଶ୍ଚିମ: ସୁନିତା ସାହୁଙ୍କ ସମ୍ପତ୍ତି / ପ୍ଲଟ୍ ନଂ.: ୨୫୮, ୨୫୫, ଉତ୍ତର: ବାଞ୍ଛା ମହାନ୍ତି ଏବଂ ଅଲେଖ ମହାନ୍ତିଙ୍କ ସମ୍ପତ୍ତି / ପ୍ଲଟ୍ ନଂ.: ୨୩୯, ଦକ୍ଷିଣ: ରାସ୍ତା / ପ୍ଲଟ୍ ନଂ.: ୫୩୩, ୨) ଶ୍ରୀ ଜୟସେନ ସାହୁଙ୍କ ନାମରେ ଥିବା ଖାଲି ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଆମ୍ବଶେଖରପୁର, ଏସ୍‌ଆର୍‌ଓ/ତହସିଲ: କବିସୂର୍ଯ୍ୟନଗର, ନୀଳକଣ୍ଠ ନଗର, ଗୌଡଡିହ, ବ୍ଲକ୍ କାର୍ଯ୍ୟାଳୟ ନିକଟ, କବିସୂର୍ଯ୍ୟନଗର, ଜିଲ

ଅସରାଏ ବର୍ଷାରେ ଗାଁଦାଣ୍ଡରେ ଆଣ୍ଠୁଏ ଉଚ୍ଚର ପାଣି

- ଆଦର୍ଶ ଗାଁ ମଧୁପଡ଼ାର ଦୁଃଖ
- ଜଳୁନି ଷ୍ଟ୍ରିଟ୍‌ଲାଇଟ୍, ଆନ୍ଦୋଳନ ଚେତାବନୀ

ରାଜକନିକା,୧୦।୭ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ଆଦର୍ଶ ଗାଁ ବରାଡ଼ିଆ ପଞ୍ଚାୟତର ମଧୁପଡା। ଗାଁରେ ପ୍ରାୟ ୨ ଶହ ଲୋକ ବସବାସ କରିଥାନ୍ତି। ହେଲେ ଲଗାଣ ବର୍ଷା ଯୋଗୁ ଗାଁ ଦାଣ୍ଡରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ନିଷ୍କାସନ ନ ହୋଇପାରି ଜମି ରହୁଛି। ଗାଁ ଲୋକ ବଜାର, ମେଡିକାଲ, ଥାନା, ତହସିଲ, ବ୍ୟାଙ୍କ ଓ ବ୍ଲକ ଆଦି କାର୍ଯ୍ୟ ପାଇଁ ଆସିଥାନ୍ତି। କୋମଳମତି ଶିଶୁଠାରୁ କଲେଜ ଛାତ୍ରୀଛାତ୍ର ମାସ ମାସ ଧରି ଏହି ଜମି ରହିଥିବା ପାଣିରେ ପଶି ପାଠ ପଢ଼ିବାକୁ ଯାଇଥାନ୍ତି। ଫଳରେ ବିଭିନ୍ନ ପ୍ରକାର ଚର୍ମ ରୋଗ ହେଉଛି। ଜମି ରହୁଥିବା ପାଣି ପଚି ମଶାବଂଶ

ଆଦର୍ଶ ଗାଁ ମଧୁପଡ଼ା ରାସ୍ତା ବର୍ଷା ପାଣି ଜମି ରହିଛି।

ବୃଦ୍ଧି ପାଉଥିବାରୁ ଗାଁରେ ମ୍ୟାଲେରିଆ ଜ୍ୱର ହେବାର ଆଶଙ୍କା ପ୍ରକାଶ ପାଇଛି। ମଧୁପଡା ଗାଁରେ ବର୍ଷାପାଣି ଜଣଙ୍କ ନିଜସ୍ୱ ଜାଗା ଦେଇ ନିଷ୍କାସନ ହେଉଥିଲା। କୌଣସି କାରଣରୁ ବ୍ୟକ୍ତି ଜଣକ ନିଜ ଜାଗାରେ ମାଟି ପକାଇବା ଫଳରେ ଗାଁ ଦାଣ୍ଡରେ ପାଣି ଜମି ରହୁଛି। ଏହି କାରଣରୁ ସମସ୍ୟା ଉପୁଜିଛି। ତେବେ ସମସ୍ୟା ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ବି କେହି ଶୁଣୁନାହାନ୍ତି ବୋଲି ଗାଁର ବାନାୟର କୁଣ୍ଡ, ସୌମ୍ୟରଞ୍ଜନ କୁଣ୍ଡ, ଚିତ୍ତରଞ୍ଜନ ନାୟକ, ସମରେନ୍ଦ୍ର ପଣ୍ଡା, ସନ୍ତୋଷ କୁମାର ପଣ୍ଡା, ଯତୀନ ବିହାରୀ ଭୂୟାଁ, କମଳାକାନ୍ତ ମହାପାତ୍ର, ସୋମନାଥ ମହାପାତ୍ର, ହରିହର ମହାପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ଗାଁ ଲୋକେ କହିଛନ୍ତି, ପ୍ରଶାସନ ପକ୍ଷରୁ କାଗଜକଲମରେ କେବଳ ଆଦର୍ଶ ଗାଁ ବୋଲି ଘୋଷଣା କରାଯାଇ ଦାୟିତ୍ୱ ସାରି ଦିଆଯାଇଛି। ଗାଁରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍‌ଗୁଡିକ ୭ ମାସ ହେବ ଜଳୁନାହିଁ। ଏମିତି ଗାଁରେ ଅନେକ ସମସ୍ୟା ରହିଛି। ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗାଁ ଲୋକ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଦାୟିତ୍ୱରେ ଥିବା କନିକା ତହସିଲଦାର ଭାନୁମତୀ ମାଝୀଙ୍କୁ ପଚାରିବାରେ ନୂଆକରି ଦାୟିତ୍ୱ ନେଇଛି। ଅଭିଯୋଗ ସମ୍ପର୍କରେ ଅବଗତ ନାହିଁ। ତେବେ ତୁରନ୍ତ ସମାଧାନ କରିବାକୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।

ନାମାଚାର୍ଯ୍ୟ ବାୟାବାବାଙ୍କ ଜନ୍ମମାଟିରେ ଗୁରୁପୂର୍ଣ୍ଣିମା

ରାଜନଗର, ୧୦।୭ (ଭାସ୍କର ରାଉତରାୟ)

ବିଶ୍ୱଗୁରୁ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟି ରାଜନଗର ବ୍ଲକ କେରେଡାଗଡ଼ସ୍ଥିତ ବାୟାବାବାଙ୍କ ଆଶ୍ରମରେ ପବିତ୍ର ଗୁରୁପୂର୍ଣ୍ଣିମା ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବା ଭାରତୀୟ ସଂସ୍କୃତି ପରମ୍ପରା ଓ ସନାତନ ଧର୍ମକୁ ସମଗ୍ର ଭାରତ ବର୍ଷରେ ନାମ ସଂକୀର୍ତ୍ତନ ମାଧ୍ୟମରେ ପ୍ରଚାର ପ୍ରସାର କରି ଅମର ହୋଇ ରହିଛନ୍ତି। ଗୁରୁପୂର୍ଣ୍ଣିମା ତିଥିରେ ଆଶ୍ରମରେ ଶ୍ରୀମଦ୍ ବାୟାବାବାଙ୍କ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ବାଲଧୂପ, ଆଶ୍ରମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ୧୦୮ କଳସ ଜଳ ଦ୍ୱାରା ଶ୍ରୀମଦ୍ ବାୟାବାବାଙ୍କ ମହାଭିଷେକ କରାଯାଇଥିଲା। ପରେ ଶ୍ରୀମଦ୍ ବାୟାବାବାଙ୍କ ଜୀବନ ଆଦର୍ଶ ଓ ଦିଗଦର୍ଶନ ମୁଖନିସୃତ ଭଜନ, କଥାମୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସଭାପତି ବ୍ରହ୍ମାନନ୍ଦ ତ୍ରିପାଠୀ, ସମ୍ପାଦକ କପିଳ ଚନ୍ଦ୍ର ଦାସ, ପ୍ରଦୀପ କୁମାର ବିଶ୍ୱାଳ, ସୁଧାକର ପଣ୍ଡା, ରାଧାକୃଷ୍ଣ ପାତ୍ର, ମେଘଶ୍ୟାମ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, କେଦାର ଦାସ, ଅନନ୍ତ ଚରଣ ରାଉତ, ଦୀନବନ୍ଧୁ ବେହେରା, ନଟବର ରାଉତ ପ୍ରମୁଖ ପରିଚାଳନା କରିଥିଲେ। କେରେଡାଗଡ଼, ବାଲିସାହିପାଟଣା, ରାଜପୁର, ବାଲିଚନ୍ଦନପୁର, ରାଜନଗର, ମହିଁଷାସୁର, ଗୁଣ୍ଡୁଦିଆ ସମେତ ଆଖପାଖ ଅଞ୍ଚଳରେ ଶ୍ରଦ୍ଧାଳୁ ଓ ଗୁରୁଭାଇ ଏହି ଉତ୍ସବରେ ଯୋଗଦେଇଥିଲେ।

ଏବିଭିପିର ପ୍ରତିଷ୍ଠା ଦିବସ

ରାଜକନିକା,୧୦।୭(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ରାଜକନିକା ଶାଖା ପକ୍ଷରୁ ବୁଧବାର ସ୍ଥାନୀୟ ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣରେ ପରିଷଦର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ଓ ଓଳାଭର ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଏକତ୍ରିତ ହୋଇ ମା' ସରସ୍ୱତୀ, ସ୍ୱାମୀ ବିବେକାନନ୍ଦ ଓ ଭାରତମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବୈଠକ ଆରମ୍ଭ ହୋଇଥିଲା। ଶୃଙ୍ଖଳିତ ଛାତ୍ର ଜୀବନ ଓ ସୁସ୍ଥ ସମାଜ ଗଠନରେ ଏବିଭିପିର ଭୂମିକା ସମ୍ପର୍କରେ ଉପସ୍ଥିତ ଅତିଥିମାନେ କହିଥିଲେ। ପରିଷଦର କଟକ ବିଭାଗ ସହସଂଯୋଜକ ଜଗନ୍ନାଥ ସାମଲ ଓ ଏସ୍. ଏନ୍. କଲେଜ କ୍ୟାମ୍ପସ୍ ୟୁନିଟ୍ ଉପସଭାପତି ସ୍ମୃତି ପ୍ରିୟଦର୍ଶିନୀ ବାରିକଙ୍କ ସଂଯୋଜନାରେ ପ୍ରତିଷ୍ଠା ଦିବସରେ ପୁରାତନ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ନୂତନ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅମିତ ପାଣ୍ଡବ, ପ୍ରାଚୀସ୍ମିତା ବିଶ୍ୱାଳ, ସୁଦର୍ଶନ ଦାଶ, ବିଶ୍ୱଜିତ ନାୟକ, ସ୍ମୃତି ରଞ୍ଜନ ସାହୁ, ସତ୍ୟଜିତ ମାହଲା, ପ୍ରଭୁପାଦ ଓଝା, ବିଜୟ କୁମାର ସାହୁ, ସତ୍ୟପ୍ରକାଶ ଶତପଥୀ, ଶୁଭେନ୍ଦୁ ସାମଲ, ବିକାଶ ବେହେରା, ସୋମନାଥ ମଲିକ, ସୌମେନ୍ଦ୍ର କୁମାର ଦାସ ଓ ପ୍ରିୟଙ୍କା ନାୟକ ପ୍ରମୁଖ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବଜ୍ୟୋତି ଜେନା, ବିଶ୍ୱଜିତ ନାୟକ, ସୁମନ୍ତ ନାୟକ, ଅକ୍ଷୟ ରାଉତ ଓ ବିଜୟ ସାହୁ ପ୍ରମୁଖ ପୁରାତନ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ପ୍ଲାଣ୍ଟ ଭିତରେ ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ

ତୈଳ ବିଶୋଧନାଗାର ପରିସରରେ ଅଘଟଣ

ପାରାଦୀପ,୧୦।୭(ଶରତ ରାଉତ)

ପାରାଦୀପ ତୈଳବିଶୋଧନାଗାର ପରିସରରେ ଥିବା ଡିଏମ୍ ପ୍ଲାଣ୍ଟରୁ ଗୁରୁବାର ରାତିରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଛି। ଖବରପାଇ ସ୍ଥାନୀୟ ଅଭୟଚାନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ନାମ ଉଲ୍ଲାସ (୩୨)। ତାଙ୍କ ଘର କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଖୁରିସିଆ ଗ୍ରାମରେ। ସେ ଡ୍ୟୁଟି ସମୟରେ ପ୍ଲାଣ୍ଟର ଶେଡ୍ ଲୁହା ପାଇପ୍‌ରେ ରଶି ଲଗାଇ ଝୁଲି ପଡ଼ିଥିବା କୁହାଯାଇଛି। ଏ ସମ୍ପର୍କରେ ଥାନାଧିକାରୀ ସମୀର ରାଉତ କୁହନ୍ତି, ଖବରପାଇ ଘଟଣା ସ୍ଥଳରେ ପହଞ୍ଚିଛୁ। ମାଜିଷ୍ଟ୍ରେଟ ଆସିଲା ପରେ ମୃତଦେହ ଜବତ କରାଯିବ।

ବସନ୍ତପୁର ଶିରିଡ଼ି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ମହୋତ୍ସବ

ପାଟକୁରା,୧୦।୭ (ରବୀନ୍ଦ୍ରନାଥ ବାରିକ)

ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ, ବିଡିଓ ଆଲୋକ ରଞ୍ଜନ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଗରଦପୁର ବ୍ଲକ୍ ଅନ୍ତର୍ଗତ ତେଣ୍ଡାକୁଡ଼ା ପଞ୍ଚାୟତର ବସନ୍ତପୁର ଗ୍ରାମରେ ପ୍ରତିଷ୍ଠିତ ଶ୍ରୀ ଶ୍ରୀଶିରିଡି ସାଇ ମନ୍ଦିରରେ ଗୁରୁବାର ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ସାଢେ ୫ଟାରେ କାକଡ଼ ଆରତି, ସକାଳ ସାଢେ ୬ଟାରେ ବାବାଙ୍କ ସ୍ନାନ ଆରତି, ସକାଳ ୯ ଟାରେ ମହାଭିଷେକ ପୂଜା, ହୋମ ଓ ୧୨ ଟାରେ ମଧ୍ୟାହ୍ନ ଆରତି ଅନୁଷ୍ଠିତ ହୋଇଥିଲା। ଏହି ଗୁରୁପୂର୍ଣ୍ଣିମା ମହୋତ୍ସବରେ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ ଓ ଗରଦପୁର ବିଡିଓ ଆଲୋକ ରଞ୍ଜନ ସେଠୀ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସମ୍ପାଦକ ସୁନୀଲ କୁମାର ମହାନ୍ତି, ଦୀପ୍ତିରଞ୍ଜନ କାନୁନ୍‌ଗୋ, ଧୀରେନ ମିଶ୍ର, ଉମାକାନ୍ତ ପାତ୍ର ପ୍ରମୁଖ ଶତାଧିକ ମହିଳାପୁରୁଷ ଯୋଗଦେଇ ଗୁରୁପୂର୍ଣ୍ଣିମାରେ ବାବାଙ୍କ ଆର୍ଶୀବାଦ କାମନା କରିଥିଲେ। ଶିରିଡି ସାଇ ଟ୍ରଷ୍ଟ ପକ୍ଷରୁ ନଳିନୀକାନ୍ତ ମହାନ୍ତି, କମଳ ମହାନ୍ତି, ଚଣ୍ଡିପ୍ରସାଦ ମହାନ୍ତି ଓ ସଂଯୁକ୍ତା ପ୍ରମୁଖ ମହୋତ୍ସବ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡ. ରୁଦ୍ର ମହାନ୍ତି ଟ୍ରଷ୍ଟ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ନାୟକ ଓ ବିଡିଓ ସେଠୀଙ୍କୁ ପୁଷ୍ପମାଲ୍ୟ, ବାବାଙ୍କ ଅଙ୍ଗବସ୍ତ୍ର, ବାବାଙ୍କ ଫଟୋ ଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଡ୍ରାଇଭର ମହାସଂଘର ଆନ୍ଦୋଳନ ଜାରି

ଧାରଣାରେ ବସିଥିବା ଡ୍ରାଇଭରମାନେ।

ରାଜକନିକା,୧୦।୭ (ସଞ୍ଜୟ କୁମାର ଦାଶ)

ଓଡ଼ିଶା ଡ୍ରାଇଭର ମହାସଂଘ ଆହ୍ୱାନକ୍ରମେ ମଙ୍ଗଳବାରଠାରୁ ସଂଘର ୭ ଦଫା ଦାବି ପୂରଣ ପାଇଁ ରାଜ୍ୟବ୍ୟାପୀ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଜାରି ରହିଛି। କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ଡ୍ରାଇଭର ସଂଘ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଛି। ରାଜକନିକା ବରୁଣାଡିହା ଛକଠାରେ ସଂଘର ଜିଲା ଉପଦେଷ୍ଟା ପରମେଶ୍ୱର ନାୟକଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଗୁରୁବାର ରାସ୍ତାରୋକୋ କରି ଆନ୍ଦୋଳନ ଚଳାଇଛନ୍ତି। ଫଳରେ କଟକ–ଚାନ୍ଦବାଲି ରାଜ୍ୟ ରାଜପଥ (ଏସଏଚ–୯ ଏ) ରାସ୍ତାରେ ଅଖଚକ ବନ୍ଦ ହୋଇଯାଇଛି। ସାଧାରଣ ଲୋକ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଆମ୍ବୁଲାନ୍ସକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏହି ଆନ୍ଦୋଳନରେ ବ୍ଲକ ଡ୍ରାଇଭର ମହାସଂଘର ବ୍ଲକ୍ ଆଡମିନ୍ ସମୀର କୁମାର ମଲିକ, ବିଶ୍ୱଜିତ ସାହୁ, ସୁରେଶ ସାମଲ, ନିରଞ୍ଜନ ନାୟକ ଓ ଜୟରାମ ମହାନ୍ତିଙ୍କ ସମେତ ପଞ୍ଚାୟତ ଆଡମିନ୍ ଏବଂ ସଦସ୍ୟମାନେ ସାମିଲ ହୋଇଥିଲେ। ଏବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳରେ ଥିବାବେଳେ, ଡ୍ରାଇଭରମାନଙ୍କ ଅସୁବିଧାକୁ ନେଇ ବିଧାନସଭାରେ ଦାବି ଉପସ୍ଥାପନ କରିଥିଲେ। ହେଲେ ଦୁଃଖର କଥା ସରକାରକୁ ଆସିବା ପରେ ଆମେ ତାଙ୍କ ବିରୋଧରେ ପ୍ରତିବାଦ କରୁଛୁ। ବୁଧବାର ସୁଦ୍ଧା ଆନ୍ଦୋଳନକୁ ୨ ଦିନ ହୋଇଥିବାବେଳେ, ସାଧାରଣ ଲୋକ ବିଭିନ୍ନ କାର୍ଯ୍ୟ ପାଇଁ ଯାଇ ନ ପାରି ହଇରାଣ ହେଉଛନ୍ତି। ବିଶେଷକରି ବହୁ ଛାତ୍ରୀଛାତ୍ର ଇଣ୍ଟରଭିୟୁ ପାଇଁ ହଇରାଣ ହେଉଛନ୍ତି। ଏପରିସ୍ଥଳେ ରାଜକନିକାରୁ କଟକ–ଭୁବନେଶ୍ୱରକୁ ସରକାରୀ ବସ୍ ଚଳାଚଳ ସୁବିଧା ଯୋଗାଇ ଦିଆଯିବାକୁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଦାବି କରିଛନ୍ତି।

ବ୍ୟାଙ୍କ ଅଫ୍ ବରୋଦା Bank of Baroda

ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା ଭର୍ଟିକାଲ
ବ୍ୟାଙ୍କ ଅଫ୍ ବରୋଦା, ବରୋଦା କର୍ପୋରେଟ୍ ସେଣ୍ଟର, ସି-୨୬, ଜି-ବ୍ଲକ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ-୪୦୦୦୫୧ ଇମେଲ: wfd.bcc@bankofbaroda.co.in

BOB:SAMV:117:1438 Date: 07.07.2025

ଇଚ୍ଛାକୃତ ଋଣ ଖିଲାପୀ ଶ୍ରେଣୀଭୁକ୍ତ: ସମୀକ୍ଷା କମିଟି ନିକଟରେ ବ୍ୟକ୍ତିଗତ ଶୁଣାଣୀ ନିମନ୍ତେ ସୁଯୋଗ

ଆପଣଙ୍କ ନିକଟକୁ ପ୍ରେରିତ ତା.୦୩.୦୨.୨୦୨୫ରିଖ କାରଣ ଦର୍ଶାଅ ନୋଟିସ ଦ୍ରଷ୍ଟବ୍ୟ। ପୁନଶ୍ଚ ଆପଣଙ୍କ ଇଚ୍ଛାକୃତ ଋଣ ଖିଲାପୀ ଶ୍ରେଣୀଭୁକ୍ତ ପାଇଁ ଇଚ୍ଛାକୃତି ଋଣ ଖିଲାପୀକାରୀମାନଙ୍କ ଚିହ୍ନଟ କମିଟି ସମୀକ୍ଷା କମିଟିକୁ ସୁପାରିଶ କରିଛନ୍ତି ଏବଂ ତା.୧୨.୦୫.୨୦୨୫ରିଖ ଚିଠି ଯୋଗାଯୋଗ ନିମନ୍ତେ ଆପଣଙ୍କ ନିକଟକୁ ପ୍ରେରଣ କରାଯାଇଛି। ବର୍ତ୍ତମାନ ଆପଣଙ୍କୁ ପରାମର୍ଶ କି ଆପଣ ତା.୧୮.୦୭.୨୦୨୫ରିଖରେ ସମୀକ୍ଷା କମିଟି ନିକଟରେ ବ୍ୟକ୍ତିଗତ ଭାବେ ହାଜିର ହେବା ନିମନ୍ତେ ଏହା ଏକ ସୁଯୋଗ ଅଟେ। ଆପଣଙ୍କ ଉପସ୍ଥିତି ନିଶ୍ଚିତ କରିବା ପାଇଁ ତା.୧୪.୦୭.୨୦୨୫ରିଖ ପୂର୍ବରୁ ଇ-ମେଲ କିମ୍ବା ଚିଠି ମାଧ୍ୟମରେ ଜଣାନ୍ତୁ। ଯଦି ଆପଣ ସମୀକ୍ଷା କମିଟି ନିକଟରେ ଉପସ୍ଥିତ ନ ହୁଅନ୍ତି ତେବେ ସମୀକ୍ଷା କମିଟି ଆପଣଙ୍କୁ ଇଚ୍ଛାକୃତ ଋଣ ଖିଲାପୀ ଶ୍ରେଣୀଭୁକ୍ତ କରିବାର ସ୍ୱତନ୍ତ୍ର ଅଧିକାର ରଖିଛି। ଉପସ୍ଥିତି ହେବାର ସ୍ଥାନ ଓ ତାରିଖ ନିମ୍ନମତେ:

କ୍ର.ନଂ.	ଆକାଉଣ୍ଟର ନାମ	ବ୍ୟକ୍ତିଙ୍କ ନାମ	ଶୁଣାଣୀ ତାରିଖ, ସମୟ, ସ୍ଥାନ ଏବଂ ମାଧ୍ୟମ
୧.	ମେସର୍ସ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିମିଟେଡ୍	ଶ୍ରୀ ମହେନ୍ଦ୍ର କୁମାର ଗୁପ୍ତା ଶ୍ରୀ ଜିତେନ୍ଦ୍ର ମୋହନ ଗୁପ୍ତା ଶ୍ରୀ ଅଭିଷେକ ଗୁପ୍ତା ଶ୍ରୀ ପ୍ରବିଣ କୁମାର ଅଗ୍ରୱାଲ	ଶୁଣାଣୀ ତାରିଖ: ୧୮.୦୭.୨୦୨୫, ସମୟ: ମଧ୍ୟାହ୍ନ ୧୨.୦୦ ଘଟିକା (୧୫ ମିନିଟ୍ ପୂର୍ବରୁ ଉପସ୍ଥିତ), ସ୍ଥାନ: ବ୍ୟାଙ୍କ ଅଫ୍ ବରୋଦା, କ୍ଷେତ୍ରୀୟ କାର୍ଯ୍ୟାଳୟ, ବିଭବ କମ୍ପ୍ଲେକ୍ସ, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର, ମାଧ୍ୟମ: ଭିଡିଓ କନ୍‌ଫରେନ୍ସ

ସ୍ୱା/- ମହାପ୍ରବନ୍ଧକ

ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ମାଧ୍ୟମରେ କାର୍ଯ୍ୟତ କ୍ଷେତ୍ର ପ୍ରବନ୍ଧକ, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂର ଦୁଇ-ବିଡ୍ ପ୍ରଣାଳୀ ଜରିଆରେ ଖୋଲା ଟେଣ୍ଡର ଆହ୍ୱାନ କରୁଛି: ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଆରସି-ସି-ଇଟିଡ଼ବ୍ଲ୍ୟୁ୨-ତା-୦୯-୦୭-୨୫; କାର୍ଯ୍ୟର ନାମ: "ଦୁଇ ବର୍ଷ ଅବଧି ପାଇଁ" ଏସ୍‌ଆରସି କୋଚିଂ ଡିପୋଠାରେ ଡି-୩ ସମୟସୂଚୀ ଅବଧିରେ ଏଡି କରେଣ୍ଟ ଆରେ' (ଇସିଏ) କୌଶଳ ଦ୍ୱାରା ଏଲ୍‌ଏଚ୍‌ବି କୋଚ୍‌ଗୁଡ଼ିକର ଚକରେ ପୃଷ୍ଠଭାଗ ତ୍ରୁଟି ଚିହ୍ନଟାଇରଣ। ଟେଣ୍ଡର ମୂଲ୍ୟ: ₹୧,୭୦,୯୩,୬୧୨.୧୬; ଇଏମ୍‌ଡି: ₹୨,୩୫,୫୦୦.୦୦। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୧୦,୦୦୦.୦୦ (ଅଣ-ଫେରସ୍ତଯୋଗ୍ୟ); ଟେଣ୍ଡର ବନ୍ଦ ହେବାର ତାରିଖ: ତା୧୧୮।୨୦୨୫ରିଖ ୧୨.୦୦ ଘଟିକା। ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ଉପରବର୍ଣ୍ଣିତ ବିବରଣୀ ଅନୁଯାୟୀ କେବଳ www.ireps.gov.in ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍ ଜରିଆରେ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି। କୌଣସି ଅଫ୍‌ଲାଇନ୍ ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ। ବିବରଣୀ ପାଇଁ ଦୟାକରି ଚତୁର୍ଥମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ।

(PR-376)

ପୂର୍ବ ତଟ ରେଳପଥ

ଟେଣ୍ଡର ସୂଚନା ସଂ. 18-SBP-TRD-OT-2025-26, ତା.07.07.2025ରିଖ

କାର୍ଯ୍ୟର ନାମ : 2 ବର୍ଷର ସମୟାବଧି ନିମନ୍ତେ ଟାୱାର କାର୍ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତି।

ଆନୁମାନିକ ମୂଲ୍ୟ : ₹ 6,54,05,542.06, EMD : ₹ 4,77,000/-, ଶେଷ ହେବା ଅବଧି: 24 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.07.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାଉନଲୋଡିୟର/ଫାଟ୍ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅପର ଗୃହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅପରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଦ୍ୟବଦ୍ଧ ରୂପେ ନାଳକ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ

ଗଜପତିନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁପୂର୍ଣ୍ଣିମା

ବ୍ରହ୍ମପୁର,୧୦।୭(ସ୍ମୃତି ରଞ୍ଜନ ମହାଲିକ) ଗଜପତିନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ସଭାପତି ସୂର୍ଯ୍ୟକାନ୍ତ ମହାନ୍ତି ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ କୈଳାସ ଚନ୍ଦ୍ର ଦାଶ ଯୋଗ ଦେଇ ଶିଶୁଙ୍କୁ ବେଦବ୍ୟାସଙ୍କ ମହତବାଣୀ ଶୁଣାଇଥିଲେ। ଆଚାର୍ଯ୍ୟ ଗୋକୁଳ ଚନ୍ଦ୍ର ପ୍ରହରାଜ ବେଦବ୍ୟାସଙ୍କ ଆଦର୍ଶବୋଧକୁ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ପରିଚାଳନା ସମିତିର ଉପସଭାପତି ନରେଶ ଚନ୍ଦ୍ର ପଟ୍ଟନାୟକ, ଯୁଗ୍ମ ସଂପାଦିକା ସାବିତ୍ରୀ ମହାପାତ୍ର, କୋଷାଧ୍ୟକ୍ଷ କବିରାଜ ସାହୁ ଉପସ୍ଥିତ ଥିଲେ। ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ମୁନୀ ଅତିଥି ପରିଚୟ ଦେଇଥିଲେ। ମମତା ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା ଓ ସସ୍ମିତା ପାତ୍ର ପରିଚାଳନା କରିଥିଲେ ।

ଗଞ୍ଜାମ ଜିଲ୍ଲା: ୭ ଶିକ୍ଷକଙ୍କ ଦିନକର ଦରମା ବନ୍ଦ

ବ୍ରହ୍ମପୁର,୧୦।୭(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଜିଲ୍ଲାରେ କେତେଜଣ ଶିକ୍ଷକ ଓ କର୍ମଚାରୀ ଠିକ୍ ସମୟରେ ସ୍କୁଲକୁ ଆସୁନାହାନ୍ତି। ଏହି କାରଣରୁ ଗୁରୁବାର ଜିଲ୍ଲାର ୭ଜଣ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ କରାଯାଇଥିବା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ.ପ୍ରଭାତି କୁମାରୀ ମହାପାତ୍ର ସୂଚନା ଦେଇଛନ୍ତି। ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ବି.ମୂଆଗାଁ ସ୍ଥିତ ବଲ୍ଲଭ ନାୟକ ଉଚ୍ଚ ବିଦ୍ୟାଳୟକୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅଚାନକ ପରିଦର୍ଶନ କରିବା ସମୟରେ ବିଦ୍ୟାଳୟର ରହିଥିବା ନିର୍ଦ୍ଦିଷ୍ଟ ସମୟରେ କେତେଜଣ ଶିକ୍ଷକ ଆସିନଥିବା ଦେଖିଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ୨ଜଣ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ କରିଥିବା ସେ କହିଛନ୍ତି। ସେହିପରି ଛତ୍ରପୁର ବ୍ଲକ ଅନ୍ତର୍ଗତ ରଘୁନାଥପୁର ସ୍ଥିତ ସରସ୍ୱତୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀ ସ୍ମିତ ପାତ୍ରଙ୍କ ପରିଦର୍ଶନ ସମୟରେ ୫ଜଣ ଶିକ୍ଷକ ଓ ଜଣେ କିରାଣି ବିଳମ୍ବରେ ଆସିଥିବା କାରଣରୁ ଗୋଟିଏ ଦିନର ଦରମା ବନ୍ଦ କରାଯାଇଥିବା ସୂଚନା ମିଳିଛି। ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର କହିଛନ୍ତି, ଆଗାମୀ ଦିନରେ ବିଦ୍ୟାଳୟ ଗୁଡିକରେ ଶିକ୍ଷକମାନଙ୍କର ଠିକ ସମୟରେ ଉପସ୍ଥାନ ପାଇଁ କଡା ପଦକ୍ଷେପ ଗ୍ରହଣ କରାଯିବ।

ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

ପାତ୍ରପୁର,୧୦।୭(ଉମା ଚରଣ ନେପାକ): ଜରଡ଼ା ଥାନା ଗୁଣ୍ଡୁରା ପଞ୍ଚାୟତ ଲକ୍ଷ୍ମୀପୁର ଗ୍ରାମରେ ଗୁରୁବାର ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଏସ. ସୁଶୀଳା ପାତ୍ର(୫୫) । ସୁଶୀଳା ଘର ପାଣିମୋଟର ଲଗାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ଗୁରୁତର ଆହତ ହୋଇପଡ଼ିଥିଲେ। ଗ୍ରାମ ଲୋକେ ତାଙ୍କୁ ଅଚେତ୍ ଅବସ୍ଥାରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ ।

ଡ୍ରାଇଭର ସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

ଅକଥନୀୟ ଦୁର୍ଦ୍ଦଶା।

ବ୍ରହ୍ମପୁର,୧୦।୭(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସହରରେ ପେଟ୍ରୋଲ ପମ୍ପ ବନ୍ଦ ରହିଛି।

■ ଯାତ୍ରୀ ଭଡ଼ା ଅହେତୁକ ବୃଦ୍ଧି
■ ପେଟ୍ରୋଲର ଅଭାବ

ଡ୍ରାଇଭର ସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନ ଫଳରେ ସହରରେ ଯାତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗିଛନ୍ତି। ପେଟ୍ରୋଲ ପମ୍ପ ଗୁଡିକରେ ପେଟ୍ରୋଲ ଓ ଡିଜେଲର ଅଭାବ ଦେଖାଦେଇଥିବାରୁ ସହରବାସୀଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇପଡିଛି। ସହରର ସିଟି ବସ୍ ଷ୍ଟାଣ୍ଡରେ ବସ ଚଳାଚଳ ବନ୍ଦ ଥିବା ବେଳେ ଯାତ୍ରୀ ଅଟୋରେ ଯାତ୍ରା କରିବାକୁ ବାଧ ହେଉଛନ୍ତି। ଏଭଳି ସ୍ଥଳେ ଅଟୋ ଡ୍ରାଇଭରମାନେ ବସ୍ ଅପେକ୍ଷା କିଲୋମିଟର ପିଛା ଅଧିକ ଭଡ଼ା ନେଉଥିବା ଅଭିଯୋଗ ହେଉଛି। ଫଳରେ ବହୁ ଯାତ୍ରୀ ନିଜ ଅଂଚଳକୁ ଯିବା ପାଇଁ ଅଧିକ ପରିମାଣର ଭଡା ଦେବା ପାଇଁ ବାଧ ହେଉଛନ୍ତି। ଯଦ୍ୱାରା ଶ୍ରମିକ ଶ୍ରେଣୀର ପରିବାର ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥଳେ ସହରରେ ରହିଥିବା ପେଟ୍ରୋଲ ପମ୍ପ ଗୁଡିକରେ ମଧ୍ୟ ଆନ୍ଦୋଳନର ପ୍ରଭାବ ପଡିଛି। ଆନ୍ଦୋଳନ କାରଣରୁ ବହୁ ପେଟ୍ରୋଲ ପମ୍ପରେ ତେଲର ଅଭାବ ଦେଖାଦେଇଛି। ଫଳରେ ସହରରେ କିଛି ପେଟ୍ରୋଲ ପମ୍ପ ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ପ୍ରତ୍ୟେକ ପେଟ୍ରୋଲ ପମ୍ପକୁ ୨ରୁ ୪ ଟ୍ୟାଙ୍କର ପେଟ୍ରୋଲ ଆସୁଥିଲା। କିନ୍ତୁ ଆନ୍ଦୋଳନ ଜାରି ରହିଥିବା କାରଣରୁ ଗାଡି ଆସିପାରୁ ନାହିଁ। ବିଶେଷକରି ସହରରୁ ଜଟଣୀ ଓ ପାରାଦ୍ୱୀପ ଭଳି ତେଲ ଡିପୋରୁ ପେଟ୍ରୋଲ ଆସିଥାଏ। କିନ୍ତୁ ବର୍ତ୍ତମାନ ଗାଡି ଆସୁ ନ ଥିବା କାରଣରୁ ପମ୍ପ ବନ୍ଦ ରହୁଥିବା ପେଟ୍ରୋଲ ପମ୍ପ ମାଲିକମାନେ କହିଛନ୍ତି। ଅନ୍ୟପଟେ ପୂର୍ବରୁ ତେଲ ଗଚ୍ଛିତ ରଖିଥିବା ପେଟ୍ରୋଲ ପମ୍ପ ଗୁଡିକରେ ନାହିଁ ନ ଥିବା ଭିଡ ଜମୁଛି। ପେଟ୍ରୋଲ ପମ୍ପ ଗୁଡିକରେ ଲମ୍ବା ଧାଡି ଦେଖିବାକୁ ମିଳୁଛି। ସହରର ଟାଉନ ହଲ ନିକଟରେ ଥିବା ୨ଟି ପେଟ୍ରୋଲ ପମ୍ପ ବନ୍ଦ ଥିବା କାରଣରୁ ସାଧାରଣ ଲୋକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପମ୍ପ ବନ୍ଦ ଥିବା ବେଳେ ପେଟ୍ରୋଲ ବିକ୍ରି କଳା ବଜାରୀ ବୃଦ୍ଧି ପାଇଛି। କିଛି ଅସାଧୁ ବ୍ୟବସାୟୀ ଅପମିଶ୍ରିତ ପେଟ୍ରୋଲକୁ ଚଢା ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଯଦ୍ୱାରା ସାଧାରଣ ଲୋକେ ଠକାମୀର ଶୀକାର ହେବା ସହ ଅଧିକ ଖର୍ଚ୍ଚାନ୍ତ ହେଉଥିବା କହିଛନ୍ତି। ଏଣୁ ପ୍ରଶାସନ ପକ୍ଷରୁ ପେଟ୍ରୋଲ ପମ୍ପ ଗୁଡିକରେ ଯାଂଚ କରାଯିବା ସହ ଅସାଧୁ ବ୍ୟବସାୟୀଙ୍କ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏପରି ସ୍ଥଳେ ଅନେକ ଲୋକ ନୂଆ ବସ୍‌ଷ୍ଟାଣ୍ଡକୁ ଆସିଥିବାବେଳେ ବସ୍ ବନ୍ଦ ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ବହୁ ଦୂରଦୁରାନ୍ତରୁ ଟ୍ରେନ ଯୋଗେ ଏଠାକୁ ଆସି ନିଜ ଗାଁକୁ ଯିବାକୁ ଚାହୁଁଥିବାବେଳେ ବସ୍ ବନ୍ଦ ସେମାନଙ୍କୁ ଦୁର୍ଦ୍ଦଶାଗ୍ରସ୍ତ କରି ଦେଇଛି। ଏଠି ରହିବୁ କେମିତି, ଯିବୁ କେମିତି ତାକୁ ନେଇ ସେମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି।

ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ଗିରଫ

ଗାଡ଼ିରୁ ୩ ଲକ୍ଷ ଜବତ ଘଟଣା

ବ୍ରହ୍ମପୁର/ଛତ୍ରପୁର,୧୦।୭(ସୁବାସ ଚନ୍ଦ୍ର ପାଢ଼ୀ/ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡାଙ୍କ ସରକାରୀ ଗାଡିରୁ ବୁଧବାର ବ୍ରହ୍ମପୁର ଭିଜିଲାନ୍ସ ଟିମ ୩ ଲକ୍ଷ ଟଙ୍କା ଜବତ କରିଥିଲା। ପରେ ତାଙ୍କର ଛତ୍ରପୁର ଅଫିସ, ଛତ୍ରପୁର ଭଡାଘର ଓ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ପୈତୃକ ବାସଭବନରେ ଚଢାଉ କରାଯାଇଥିଲା। ଭବାନୀପାଟଣାରେ ତାଙ୍କର ୫ ହଜାର ବର୍ଗଫୁଟରେ ନିର୍ମିତ ତିନି ମହଲା ଅଟ୍ଟାଳିକା, ବାସଉପଯୋଗୀ ଫ୍ଲାଟ, ଭବାନୀପାଟଣା ନିକଟରେ ୧୯ ଏକର ଜମିରେ ଥିବା ୧୦ଟି ଫ୍ଲାଟ, ଚାରିଚକିଆ ଯାନ, ୨ଟି ଦୁଇଚକିଆ ଯାନ, ଗୋଟିଏ ଦୁଇ ଚକିଆ ଯାନ (ଯାହାକି ଜଣେ ସ୍ଥାନୀୟ ଚାଉଳ ମିଲ ମାଲିକଙ୍କ ନାଁରେ ପଞ୍ଜୀକୃତ) ଥିବା ଜଣାପଡିଛି। ଏହାର ଅଧିକ ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗାଡିରୁ ଜବତ ଟଙ୍କାର ସେ ହିସାବ ଦେଇପାରି ନ ଥିଲେ। ଭିଜିଲାନ୍ସ ମାମଲା ନଂ ୧୧/୨୫ ରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ତାଙ୍କର ଜାମିନ ପିଟିଶନର ଶୁଣାଣି ପାଇଁ ଶୁକ୍ରବାର ଦିନ ଧାର୍ଯ୍ୟ ହୋଇଥିବା ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ବୁଧବାର ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ଛତ୍ରପୁର ବ୍ୟାଙ୍କ କଲୋନୀ ସ୍ଥିତ ଆଶୀର୍ବାଦ ଆପାର୍ଟମେଣ୍ଟରୁ ସରକାରୀ ଗାଡିରେ ଅଫିସ ଯାଉଥିଲେ। କଲେଜ ଛକ ନିକଟରେ ଭିଜିଲାନ୍ସ କର୍ମଚାରୀ ପୁଷ୍ପା ମୁଣ୍ଡାଙ୍କ ଗାଡି ଡିକିରୁ ୩ ଲକ୍ଷ ଟଙ୍କା ଜବତ କରିଥିଲେ। ଏହାପରେ ଭିଜିଲାନ୍ସ ଟିମ ମୁଖ୍ୟ ଯୋଗାଣ ଅଧିକାରୀ ରହୁଥିବା ଆପାର୍ଟମେଣ୍ଟରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ତାଙ୍କୁ ତାଙ୍କର ଅଫିସକୁ ନେଇ ତଦନ୍ତ କରିଥିଲା। ଅଫିସର କର୍ମଚାରୀ, ରାତ୍ର ଜଗୁଆଳିଙ୍କ ସମେତ ସୁରକ୍ଷାକର୍ମୀଙ୍କୁ ବିଭିନ୍ନ ଦିଗ ଉପରେ ପଚରାଚରା କରାଯାଇଥିଲା। ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ପ୍ରଧାନ ବିଭିନ୍ନ ଦିଗ ଉପରେ ଛାନଭିନ କରିଥିଲେ। ସୂଚନାଯୋଗ୍ୟ, ଭାରପ୍ରାପ୍ତ ଯୋଗାଣ ଅଧିକାରୀ ପୁଷ୍ପାଙ୍କୁ ନୂଆପଡ଼ା ଜିଲ୍ଲାକୁ ମୁଖ୍ୟ ଯୋଗାଣ ଅଧିକାରୀ ଭାବେ ବଦଳି ହୋଇଥିଲା। ସେ ଦୁଇରୁ ତିନିଦିନ ମଧ୍ୟରେ ଏଠାରୁ ରିଲିଭ ହୋଇ ଯାଇଥାନ୍ତେ।

ଗୋପାଳପୁର କଲେଜରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କଲେଜ ଅଧ୍ୟକ୍ଷ ଉଦବୋଧନ ଦେଉଛନ୍ତି।

ବ୍ରହ୍ମପୁର,୧୦।୭(ସୁବାସ ଚନ୍ଦ୍ର ପାଢ଼ୀ)

ଗୋପାଳପୁର କଲେଜରେ ଗୁରୁବାର ଯୁକ୍ତ ୩ କଳା,ବାଣିଜ୍ୟ,ବିଜ୍ଞାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷ ଡ଼.ରାମ ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କଲେଜର ନୀତି ନିୟମ ସହ ସମସ୍ତଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଡ଼.କୈଳାସ ଚନ୍ଦ୍ର ତ୍ରିପାଠୀ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। କଲେଜ ଏକାଡେମିକ ଅଧିକାରୀ ଉମାକାନ୍ତ ସାହୁ ଯୋଗ ଦେଇ ଜାତୀୟ ଶିକ୍ଷାନିତି ୨୦୨୦ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଶାସନିକ ଅଧିକାରୀ ତଥା ବାଣିଜ୍ୟ ବିଭାଗର ପ୍ରାଧାପକ ଡ଼.ମନୋଜ ପଟ୍ଟନାୟକ ନବାଗତ ମାନଙ୍କୁ ଅନୁଷ୍ଠାନର ଅନୁ ଶାସନ ସମ୍ପର୍କରେ କହିଥିଲେ। ପରୀକ୍ଷା ନିୟନ୍ତ୍ରକ ଡ଼.ମାନସ ରଞ୍ଜନ ମିଶ୍ର ପରୀକ୍ଷା ସମ୍ବନ୍ଧରେ ତଥ୍ୟ ବୁଝାଇଥିଲେ। ସମ୍ପ୍ରସାରଣ ଅଧିକାରୀ ଅଧ୍ୟାପିକା ନିହାରିକା ପାଢ଼ୀ ଏନ ଏସ ଏସ,ଏନ ସି ସି,ସ୍କାଉଟ ଏଣ୍ଡ ଗାଇଡ,ୟୁବ ରେଡ୍‌କ୍ରସ ଉପରେ ସୂଚନା ପ୍ରଦାନ କରିଥିଲେ । ଡ଼.ପ୍ରଦୀପ କୁମାର ପଟ୍ଟନାୟକ ଆର୍ଥିକ ଏବଂ ଛାତ୍ର,ଛାତ୍ରୀଙ୍କ ବୃତ୍ତି ଉପରେ ସୂଚନା ଦେଇ ଥିଲେ। ଓଡ଼ିଆ ବିଭାଗର ଡ଼.ରାଜେନ୍ଦ୍ର କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଦେବୀ ପ୍ରସାଦ ପାଢ଼ୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ନବାଗତ ଛାତ୍ରୀଛାତ୍ର ଓ ଅଭିଭାବକ, କଲେଜ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ ।

ଓଲଟିଲା ତେଲ ଟ୍ୟାଙ୍କର,୫ ଘଣ୍ଟା ରାସ୍ତାବନ୍ଦ

ବେଲଗୁଣ୍ଠା,୧୦।୭(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ଗାଙ୍ଗପୁର ଥାନା ଅନ୍ତର୍ଗତ କେଶରାପଲି ଗ୍ରାମ ନିକଟରେ ଗୁରୁବାର ଏକ ତେଲ ଟ୍ୟାଙ୍କର୍ ଓଲଟି ପଡିବାରୁ ୫ ଘଣ୍ଟା ଧରି ରାସ୍ତା ବନ୍ଦ ରହିଥିଲା । ସୂଚନା ଅନୁସାରେ, ପାରାଦୀପରୁ ନାୟାରା କମ୍ପାନୀର ୨୫ ଜହାର ଲିଟର୍ ତେଲ ନେଇ (ଓଡ଼ି୦୪ ଏନ୍ ୪୨୩୦) ଟ୍ୟାଙ୍କର୍ ଦାରିଙ୍ଗବାଡ଼ି ଅଭିମୁଖେ ଯାଉଥିଲା। ଟ୍ୟାକ୍ଟି ଓଲଟି ପଡ଼ିବା ଫଳରେ ରାସ୍ତା ସାରା ତେଲ ଭାସିବା ସହିତ ରାସ୍ତାଟି ଏକ ପ୍ରକାର ଅବରୋଧ ହୋଇପଡ଼ିଥିଲା ଖବର ପାଇ ଗାଙ୍ଗପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ କରିଥିଲା। ସନ୍ଧ୍ୟାରେ ଟ୍ୟାଙ୍କରକୁ ରାସ୍ତାରୁ ହଟାଯିବା ପରେ ଯାତାୟତ ସ୍ୱାଭାବିକ ହୋଇଛି।

ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ମାଧ୍ୟମରେ କାର୍ଯ୍ୟରତ କ୍ଷେତ୍ର ପ୍ରବନ୍ଧକ, ସାମ୍ବାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ନିମ୍ନବର୍ଣ୍ଣିତ ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂର ଦୁଇ-ବିଡ୍ ପ୍ରଣାଳୀ ଜରିଆରେ ଖୋଲା ଟେଣ୍ଡର ଆହ୍ୱାନ କରୁଛି: ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଆଇ୍‌ସି-ସି-ଇଟିଚିଖ୍ୱାଇ୭-ତା-୦୯-୦୭-୨୫; କାର୍ଯ୍ୟର ନାମ: ''ଦୁଇ ବର୍ଷ ଅବଧି ପାଇଁ'' ଏସ୍‌ଆର୍‌ସି କୋଚିଂ ଡିପୋଠାରେ ଡି-୩ ସମୟସୂଚୀ ଅବଧିରେ ଏଣ୍ଟି କରୋଜ୍ ଆରେ' (ଇସିଏ) କୌଶଳ ଦ୍ୱାରା ଏଲ୍‌ଏଚ୍‌ବି କୋଚ୍‌ଗୁଡ଼ିକର ଚକରେ ପୃଷ୍ଠଭାଗ ଚୁଟି ଚିହ୍ନଟୀକରଣ। ଟେଣ୍ଡର ମୂଲ୍ୟ: ₹୧,୭୦,୯୩,୬୧୨.୧୬; ଇଏମ୍‌ଡି: ₹୨,୩୫,୪୦୦.୦୦ । ଟେଣ୍ଡର ବସ୍ତୁବିନ୍ଧି ମୂଲ୍ୟ: ₹୧୦,୦୦୦.୦୦ (ଅଣ-ଫେରସ୍ତଯୋଗ୍ୟ); ଟେଣ୍ଡର ବନ୍ଦ ହେବାର ତାରିଖ: ତା୦୧।୦୮।୨୦୨୫ରିଖ ୧୨.୦୦ ଘଣ୍ଟିକା । ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ଉପରବର୍ଣ୍ଣିତ ବିବରଣୀ ଅନୁଯାୟୀ କେବଳ www.ireps.gov.in ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍ ଜରିଆରେ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି । କୌଣସି ଅଫ୍‌ଲାଇନ୍ ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ବରାଦରି ଡକ୍ୟୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ବସ୍ତୁବିଜ୍ଞ ପଢ଼ନ୍ତୁ ।

(PR-376)

ପୂର୍ବ ତଟ ରେଳପଥ

ଟେଣ୍ଡର ସୂଚନା ସଂ. 18-SBP-TRD-OT-2025-26, ତା.07.07.2025ରିଖ

କାର୍ଯ୍ୟର ନାମ : 2 ବର୍ଷର ସମୟାବଧି ନିମନ୍ତେ ଟାଓ୍ୱାର ଜାର୍ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତି ।

ଆନୁମାନିକ ମୂଲ୍ୟ : ₹ 6,54,05,542.06, EMD : ₹ 4,77,000/-, ଟେଣ୍ଡର ବୈଧତା ଅବଧି: 24 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.07.2025ରିଖ 1530 ଘଣ୍ଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଜାରାଜୋରିୟରାଫାକ୍ସ ଜରିଆରେ ଦିଆ ବାଣ୍ଡିଲ ବିନା ପ୍ରସ୍ତାବଗୁଡ଼ିକୁ କୌଣସି ମାମୁଲୀ ତ୍ରୁଟିର ପ୍ରସ୍ତାବ ଅପରା ତ୍ରୁଟିଯୋଗୁ ବାତିଲ କରିଦିଆଯିବ ଏବଂ ତା.୧୮.୦୭.୨୦୨୫ରିଖରେ ଦିଆ ଯୋଗାଯୋଗ ନିମନ୍ତେ ଆବାଦିତ ନିବେଦନ ପ୍ରସ୍ତୁତ ହୋଇଯାଇଛି। ବର୍ତ୍ତମାନ ଆମକୁ ପରାମର୍ଶ ଦି ଆମର ଜାର୍ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ନିମନ୍ତେ ଆପଣଙ୍କ ଦର ଉଦ୍ଧୃତିକୁ ବିଚାର କରିବା ପାଇଁ ତା.୧୮.୦୭.୨୦୨୫ରିଖରେ ସେମାନଙ୍କ ଦର ଉଦ୍ଧୃତି ଦାଖଲ କରିବାକୁ ଅନୁରୋଧ କରାଯାଇଛି। ଉଦ୍ଧୃତି ହେବାର ସ୍ଥାନ ଓ ତାରିଖ ନିମ୍ନପ୍ରକାର:

କ୍ର.ନଂ.	ଆକାଉଣ୍ଟର ନାମ	କର୍ମକ୍ଷିକ ନାମ	ଶୁଣାଣୀ ତାରିଖ, ସମୟ, ସ୍ଥାନ ଏବଂ ମାଧ୍ୟମ
୧.	ମେକର୍ସ ସୁପ୍ଲା ପାୱାର ଇକ୍ୱିପମେଣ୍ଟ୍ ପ୍ରାଇଭେଟ୍ ଲିମିଟେଡ୍	ଶ୍ରୀ ମହେନ୍ଦ୍ର କୁମାର ସୁପ୍ଲା ଶ୍ରୀ ଜିତେନ୍ଦ୍ର ମୋହନ ସୁପ୍ଲା ଶ୍ରୀ ଅଭିଷେକ ସୁପ୍ଲା ଶ୍ରୀ ପ୍ରବିଣ କୁମାର ଅଗ୍ରୱାଲ	ଶୁଣାଣୀ ତାରିଖ: ୧୮.୦୭.୨୦୨୫, ସମୟ: ମଧ୍ୟାହ୍ନ ୧୨.୦୦ ଘଟିକା (୧୫ ମିନିଟ୍ ପୂର୍ବରୁ ଉପସ୍ଥିତି), ସ୍ଥାନ: କାର୍ଯ୍ୟାଳୟ ପରିସର, ବିକାଶ ନଗର, ମେକ୍ସେସ ପାର୍କ, ନୟାପଲ୍ଲୀ, ଭୁବନେଶ୍ୱର, ମାଧ୍ୟମ: ଭିଡିଓ କନ୍‌ଫରେନ୍ସ

ସ୍ୱା/- ମାନସ୍‌ପ୍ରତିମ ଦାଶ

ମହାନିଦେଶକ एवं पुलिस महानिरीक्षक का कार्यालय, झारखण्ड,राँची

सूचना पट निविदा आमंत्रण सूचना सं0–08 / 2025–26

Render Safe Procedure (RSP) Kit- 12 Nos. की आपूर्ति हेतु GST निबंधित स्थानीय फर्मो से **दिनांक 24.07.2025 को समय 16:00 बजे तक** मुहरबन्द निविदाएं आमंत्रित की जाती है।

नियम एवं शर्तें :–

1. ईच्छुक फर्म अपने लेटर पैड पर निविदा दो भागों -- तकनीकी एवं वित्तीय भाग में देंगे। तकनीकी भाग में GST, पैन नम्बर तथा पूर्व में किसी सरकारी संस्थानों में समान/समरूप उपकरण की आपूर्ति संबंधी प्रमाण प्रत्र की छाया प्रति संलग्न करना अनिवार्य होगा।
2. **परिशिष्ट–01 के रूप में संलग्न विहित प्रपत्र के अनुसार वित्तीय भाग समर्पित करेंगे।** वित्तीय भाग में अंकित दर अंको/अक्षरों में होगी और उसमें कोई कटींग अथवा ओभर राईटींग मान्य नहीं होगा। ऐसी निविदा को अस्वीकृत कर दिया जायेगा।
3. Render Safe Procedure (RSP) Kit का **Specifications परिशिष्ट–02 के रूप

ସଂକ୍ଷେପରେ

ମାଳଆନନ୍ଦପୁର କୃଷି ସମବାୟ ସମିତିରୁ ଚୋରି

ପାଣିକୋଇଲି,୧୦।୭(ବିକାଶ ମଲ୍ଲିକ):

ଯାଜପୁର ସଦର ଥାନା ମାଳଆନ୍ଦପୁର ପଞ୍ଚାୟତରେ ଥିବା ପ୍ରାଥମିକ କୃଷି ସମବାୟ ସମିତିରୁ ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସମିତି ସହସମ୍ପାଦକ ସତ୍ୟଜିତ ସାହୁଙ୍କ ଅଭିଯୋଗ ମୁତାବକ, ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ କାର୍ଯ୍ୟାଳୟ ତାଲାଭାଙ୍ଗି ଏକ ହାଲୋଜିନ ଲାଇଟ, ୨ ପ୍ରିଣ୍ଟର, ୨ ମନିଟର, ୨ ସିପିୟୁ, ଗୋଟିଏ ଲ୍ୟାପଟପ, ସିସିଟିଭି ମନିଟର, ଷ୍ଟାଣ୍ଡ ଫ୍ୟାନ, ୭ଟା ସିସି କ୍ୟାମେରା, ଧଳା ଓ କଳା ପାଲ ୪ଟା ଚୋରି କରି ନେଇଛନ୍ତି। ଖୋଜାଖୋଜି ପରେ ଭଗବାନ ବେହେରାଙ୍କ ଇଟାଭାଟି ପାଲ ତଳୁ ହାଲୋଜିନ ଲାଇଟ ଓ ସିସିଟିଭି ମନିଟର ମିଳିଛି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ମାଙ୍କଡ଼ ଆକ୍ରମଣରେ ୬ ଆହତ

ଚଣ୍ଡିଖୋଲ,୧୦।୭(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ପଞ୍ଚାୟତରେ ଏକ ମାଙ୍କଡ଼ ଉତ୍ପାତ ଆରମ୍ଭ କରିଛି। ଏପରି କି ମାଙ୍କଡ଼ଟି ବଡ଼ଚଣା ଗ୍ରାମରେ ଦୁଇ ଦିନ ମଧ୍ୟରେ ୬ ଜଣଙ୍କୁ କାମୁଡ଼ି ଆହତ କରି ସାରିଲାଣି। ଆହତମାନେ ହେଲେ ବଡ଼ଚଣା ଗ୍ରାମର ଗଣେଶ୍ୱର ଲେଙ୍କା, ସାବିତ୍ରୀ ଲେଙ୍କା ଓ ନାରାୟଣ ସାହୁ ପ୍ରମୁଖ। ମାଙ୍କଡ଼ ହଠାତ ତେଇଁ ଆସି କାମୁଡ଼ି ଦେଉଛି। ଲୋକେ ଘର ବାହାରେ ଥିବାବେଳେ କିମ୍ବା ରାସ୍ତାରେ ଗଲାବେଳେ ମାଙ୍କଡ଼ ଆକ୍ରମଣ କରୁଛି। ଗୋଡ଼ାଇଲେ ସେ ଗଛ ଡାଳରେ ଲୁଚିଯାଉଛି। ଏନେଇ ସ୍ଥାନୀୟ ଲୋକେ ବନ ବିଭାଗକୁ ଅବଗତ କରିଛନ୍ତି। ବନ ବିଭାଗ ପକ୍ଷରୁ ମାଙ୍କଡ଼କୁ କାବୁ କରିବା ପାଇଁ ଉଦ୍ୟମ ଜାରି ରହିଛି।

ଲିଖିତ ପ୍ରତିଶ୍ରୁତିକୁ ଅପେକ୍ଷା।

ତୃତୀୟ ଦିନରେ ଡ୍ରାଇଭର ମହାସଂଘର ଆନ୍ଦୋଳନ

ରସୁଲପୁର,୧୦।୭(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମୂଳାପାଳ ଛକଠାରେ ୩ଦିନ ହେଲା ଡ୍ରାଇଭର ସଂଘ କର୍ମକର୍ତ୍ତା ଧାରଣାରେ ବସି ରହିଛନ୍ତି। ସେମାନଙ୍କ ଆନ୍ଦୋଳନ ଯୋଗୁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ୍ ବୃଦ୍ଧି ପାଇବାରେ ଲାଗିଲାଣି। ମୁନାଫାଖୋର ବ୍ୟବସାୟୀ ଆନ୍ଦୋଳନକୁ ଢାଲକରି କୃତିମ ଭାବରେ ଦରଦାମ ବଢ଼ାଇବା ଆରମ୍ଭ କଲେଣି। ଗାଡ଼ି ଚଳାଚଳ ବନ୍ଦ ଯୋଗୁ ପରିବା ଦର ବଢ଼ିବାରେ ଲାଗୁଛି। ଆନ୍ଦୋଳନର ଅବଧି ବଢ଼ିଲେ ଆଗକୁ ଭୟଙ୍କର ସ୍ଥିତି ଉପୁଜିବ ବୋଲି ବୁଦ୍ଧିଜୀବୀ ଆକଳନ କରୁଛନ୍ତି। ଏଭଳି ସ୍ଥିତିରେ ଡ୍ରାଇଭର ସଂଘ ଓ ସରକାରଙ୍କ ମଧ୍ୟରେ ଏକ ପ୍ରକାର ଛକାପଞ୍ଝା ସ୍ଥିତି ଲାଗି ରହିଛି। ସଂଘ ସରକାରଙ୍କ ଲିଖିତ ପ୍ରତିଶ୍ରୁତିକୁ ଅପେକ୍ଷା କରିଥିବା କହିଛି।

ରାଜ୍ୟ ସଂଘର ଡାକରା କ୍ରମେ ବିଭିନ୍ନ ସ୍ଥାନରେ ମଙ୍ଗଳବାରଠାରୁ ଡ୍ରାଇଭରମାନେ ଷ୍ଟିୟରିଂ ଛାଡ଼ି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପ୍ରଥମ ଦିନ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାଜ୍ୟ ସଂଘର ନେତାମାନଙ୍କ ସହ ଆଲୋଚନା କରିଥିଲେ। ସଂଘ ପକ୍ଷରୁ ଦିଆଯାଇଥିବା ୭ଦଫା ଦାବିକୁ ସରକାର

ଆନ୍ଦୋଳନରେ ସାମିଲ ହୋଇଥିବା ଡ୍ରାଇଭରମାନେ ।

ମାନିନେଲେ ବୋଲି ମନ୍ତ୍ରୀ କହିଥିଲେ। ହେଲେ ମନ୍ତ୍ରୀ ଲିଖିତ ଭାବରେ ପ୍ରତିଶ୍ରୁତି ଦେବାକୁ ସଂଘ ପକ୍ଷରୁ ଆଲୋଚନାରେ ଅଂଶଗ୍ରହଣ କରିଥିବା ପ୍ରତିନିଧି ଦଳ ଦାବି କରିଥିଲେ। ମାତ୍ର ମନ୍ତ୍ରୀ ଲିଖିତ ପ୍ରତିଶ୍ରୁତି ନ ଦେବାରୁ ସଂଘର ଆନ୍ଦୋଳନ ଅବ୍ୟାହତ ରହିଛି। ଏଦିଗରେ ସଂଘର ରସୁଲପୁର ବ୍ଲକ ଶାଖା ସଭାପତି ପ୍ରଦୀପ୍ତ ଦାଶ କହିଛନ୍ତି, ପୂର୍ବ ସରକାର ସମୟରେ ଆନ୍ଦୋଳନ କରାଯାଇଥିଲା। ସେତେବେଳେ ସରକାର ମୌଖିକ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ତାହା କାର୍ଯ୍ୟକାରୀ ହୋଇ ନ ଥିଲା। ସେତେବେଳେ ବିରୋଧୀ ଦଳ ଭୂମିକା ନିର୍ବାହ କରୁଥିବା ଭାଜପା ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରି ଡ୍ରାଇଭରଙ୍କ ଦାବିକୁ ଯୁକ୍ତିଯୁକ୍ତ ଦର୍ଶାଇଥିଲା। ଉକ୍ତ ଦାବିଗୁଡ଼ିକୁ ତୁରନ୍ତ ସରକାର ମାନି ନିଅନ୍ତୁ ବୋଲି ବିରୋଧୀ ଦଳ ପକ୍ଷରୁ ତତ୍କାଳୀନ ସରକାରଙ୍କ ଉପରେ ଚାପ ପକାଯାଇଥିଲା। ଏବେ ରାଜ୍ୟରେ ଭାଜପା ସରକାର ଚାଲିଛି। ହେଲେ ସେମାନେ ଦାବିକୁ ମାନି ନେବାରେ ଟାଳଟୁଳନୀତି ଅବଲମ୍ବନ କରୁଛନ୍ତି। ସରକାର ଯେପର୍ଯ୍ୟନ୍ତ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇନାହାନ୍ତି ସେଯାଏ ଆନ୍ଦୋଳନ ଜାରିରହିବ ବୋଲି ପ୍ରଦୀପ୍ତ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଏବେ ବିରୋଧୀ ଦଳର ନେତାମାନେ ଏଭଳି ସ୍ଥିତିରୁ ଫାଇଦା ନେବାକୁ ପ୍ରୟାସ କରୁଛନ୍ତି। ସେମାନେ ବିଭିନ୍ନ ସମୟରେ ଆନ୍ଦୋଳନ ସ୍ଥଳକୁ ପରିଦର୍ଶନ କରି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରୁଛନ୍ତି। ସଂଘର ଦାବିକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇ ଆନ୍ଦୋଳନକୁ ସମର୍ଥନ କରୁଛନ୍ତି। ମାତ୍ର ଆନ୍ଦୋଳନକୁ ନେଇ ରାଜନୀତି ନ କରି ଡ୍ରାଇଭରଙ୍କ ମୌଳିକ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ସଂଘ ସମ୍ପାଦକ ରଞ୍ଜିତ ଓଝା, ସହ ସମ୍ପାଦକ ଅଧୀର ସେଠୀ, ପ୍ରହ୍ଲାଦ ଦାଶ ଓ ଭାସ୍କର ବେହେରା ପ୍ରମୁଖ ଦାବି କରିଛନ୍ତି।

ସାହିତ୍ୟିକ ରାଜକିଶୋର ପାଢ଼ୀ ସମ୍ବର୍ଦ୍ଧିତ

ଧର୍ମଶାଳା,୧୦।୭(ବଟକୃଷ୍ଣ ପରିଡ଼ା):

କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କୁ ଧର୍ମଶାଳା ଦାମୋଦର ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦ ଓ ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅଦ୍ୟ୍ୟତପୁରସ୍ଥିତ ଦାମୋଦର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପୁରାତନ ଛାତ୍ର ସଂସଦ ସଭାପତି ପ୍ରଶାନ୍ତ ଗନ୍ତାୟତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରତ୍ନାକର ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ତନୁଜା ଦାଶ, ପ୍ରଧାନଶିକ୍ଷୟତ୍ରୀ ମନୋସ୍ୱିନୀ ଆଇଚ, ସାମାଜିକ କର୍ମୀ କାହ୍ନୁଚରଣ ଦାଶ ଯୋଗଦେଇ ପାଢ଼ୀଙ୍କ ଜୀବନଆଦର୍ଶ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ମହାନ୍ତି ଡ. ପାଢ଼ୀଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଅଶୋକ ବେହେରା ସୂଚନା ପ୍ରଦାନ କରିଥିଲେ। ଛାତ୍ର ସଂସଦର ବରିଷ୍ଠ ସଦସ୍ୟ ତଥା ଶିଶୁ ସାହିତ୍ୟିକ ଦୀନବନ୍ଧୁ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ସଂସଦ ସଦସ୍ୟ ସରୋଜ ପାଢ଼ୀ, ଦିଗ୍‌ବିଜୟୀ ରାଉତ, ଜୟପ୍ରକାଶ ରାଉତ, ରାମଚନ୍ଦ୍ର ସେଠୀ, ପ୍ରକାଶ ଶତପଥୀ ପ୍ରମୁଖ ମଞ୍ଚ ପରିଚାଳନାରେ ସହାୟତା କରିଥିଲେ।

ସେହିପରି ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସଂଘ ସଭାପତି ଆଶାତରୁ ନାୟକ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନ ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ ପାଢ଼ୀଙ୍କ ସାହିତ୍ୟ କୃତୀ ଉପରେ ସୂଚନା ପ୍ରଦାନ କରିଥିଲେ। ସଭାରେ ଜିଲ୍ଲା ସମ୍ପାଦକ ବିବେକାନନ୍ଦ ନାୟକ ଅତିଥିଭାବେ ଯୋଗ ଦେଇଥିଲେ। ପୀତବାସ ପାତ୍ର ଧନ୍ୟବାଦ ଦେଇଥିଲେ।

କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କେଲୁଅ ନଦୀରୁ ମୃତଦେହ ଜବତ

ଚଣ୍ଡିଖୋଲ,୧୦।୭(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ସାଉଡିଆ ନିକଟ କେଲୁଅ ନଦୀରୁ ଗୁରୁବାର ସକାଳେ ଏକ ମୃତଦେହ ଜବତ ହୋଇଛି। ବୁଧବାର ରାତିରେ ନଦୀରେ ମୃତଦେହ ଭାସୁଥିବା ସାଉଡିଆ ଗ୍ରାମର କେତେଜଣ ଯୁବକ ଦେଖି ବାଲିଚନ୍ଦ୍ରପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ସକାଳେ ପହଞ୍ଚି ଚଣ୍ଡିଖୋଲ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ପରେ ପୋଲିସ ତାହାକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୩/୨୫ ରୁଜୁ ହୋଇଛି।

ବ୍ୟାସନଗର ମହାବିଦ୍ୟାଳୟରେ ଗୁରୁପୂର୍ଣ୍ଣିମା

ଗୁରୁପୂର୍ଣ୍ଣିମାରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

ଯାଜପୁରରୋଡ୍,୧୦।୭
(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉତ୍ସବ ସମିତିର ଅଧ୍ୟକ୍ଷ କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମହର୍ଷି ବ୍ୟାସଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ହୋମଯଜ୍ଞ କରାଯାଇଥିଲା। ଏହି ଦିନ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷର ପାଠ୍ୟକ୍ରମ ଆରମ୍ଭ କରାଯାଇଥିବାରୁ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଅଧ୍ୟକ୍ଷ ଶରତ କୁମାର ମଲ୍ଲିକ ତାଙ୍କ ବାର୍ତ୍ତା ରଖିଥିଲେ। ସୁରେନ୍ଦ୍ର କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମିତିର ସଭ୍ୟା ପ୍ରଜ୍ଞାପ୍ରବର୍ତ୍ତିକା ଦାଶ, ରାଜେଶ କୁମାର ସାହୁ, ରଞ୍ଜନ କୁମାର ମଲ୍ଲିକ ଓ ତନ୍ମୟ ପୃଷ୍ଟି ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଉତ୍ସବରେ ଉପସ୍ଥିତ ଥିଲେ।

ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା

ଯାଜପୁର ଟାଉନ,୧୦।୭
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଅଭିଜିତ ପଲେଇ ମାମଲାର ବିଚାର କରି ଦୋଷୀ ସୁବ୍ରତ ବେହେରାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫୦ ହଜାର ଟଙ୍କାର ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି। ସେହିପରି ପୀଡ଼ିତାଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ୧୭।୦୨।୨୦୨୨ ସନ୍ଧ୍ୟାରେ ବରୀ–ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ୧୩ ବର୍ଷୀୟା ନାବାଳିକା ନଦୀଘାଟକୁ ବାସନ ଓ ଲୁଗା ସଫା କରିବା ପାଇଁ ଯାଇଥିବା ବେଳେ ନିଖୋଜ ହୋଇଯାଇଥିଲେ। ପରିବାର ପକ୍ଷରୁ ତାଙ୍କୁ ଦୀର୍ଘ ସମୟ ଖୋଜାଖୋଜି କରାଯାଇଥିଲେ ମଧ୍ୟ ପତ୍ତା ମିଳି ନ ଥିଲା। ପରଦିନ ସକାଳୁ ନଦୀଘାଟରେ ସଂପୃକ୍ତ ନାବାଳିକାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ଗଳା କଟାଯିବା ସହ ନଦୀ ପାଣିରେ ମୁଣ୍ଡ ଥିବା ବେଳେ ବାକି ଶରୀରର ନଦୀ

ଦୋଷୀ ସୁବ୍ରତ ବେହେରାଙ୍କୁ ହାଜତକୁ ନିଆଯାଉଛି ।

ପଠାରେ ପଡ଼ିଥିଲା। ଏହି ଘଟଣାକୁ ଦେଖି ତାଙ୍କ ପରିବାରବର୍ଗ ଓ ଗ୍ରାମବାସୀ ହତଚକିତ ହୋଇଯାଇଥିଲେ। ଏହାପରେ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ବ୍ୟବଚ୍ଛେଦ ରିପୋର୍ଟ ମିଳିବାପରେ ଥାନାର ତତ୍କାଳୀନ ଏସ୍‌ଆଇ ତଥା ଭାରପ୍ରାପ୍ତ ଥାନାଧିକାରୀ ନାରାୟଣ ପ୍ରସାଦ ବେହେରା ନିଜ ତରଫରୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ନାବାଳିକାଙ୍କ ଗ୍ରାମର ସୁବ୍ରତ ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ପ୍ରମାଣ ପାଇଥିଲା। ଏହାପରେ ପୋଲିସ ଅଭିଯୁକ୍ତଙ୍କୁ ବାଙ୍ଗାଲୋରରୁ ଗିରଫ କରି ଯାଜପୁର କୋର୍ଟଚାଲାଣ କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତ ଓ ତାଙ୍କ ପରିବାରବର୍ଗ ଏହି ହତ୍ୟାକାଣ୍ଡକୁ ଯାଜପୁର କୋର୍ଟରେ ସ୍ୱୀକାର କରିଥିଲେ। ଅଭିଯୁକ୍ତ ପ୍ରଥମେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ତେବେ ନାବାଳିକା ଘଟଣା ପ୍ରଘଟ କରିଦେବା ଆଶଙ୍କା କରି ଅଭିଯୁକ୍ତ ଏକ ବ୍ଲେଡରେ ତାଙ୍କ ବେକ କାଟି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ମାମଲାର ବୃତ୍ତାନ୍ତ ଶୁଣାଣି କରି ମୋଟ୍ ୩୭ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରୁଥିଲେ।

ଅସହାୟ ବନ୍ଧୁ ସେବା ସଂଗଠନ ପକ୍ଷରୁ ଚାରାରୋପଣ

କାଏମା,୧୦।୭(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅସହାୟ ବନ୍ଧୁ ସେବା ସଂଗଠନ ପକ୍ଷରୁ ଗୁରୁବାର କାଏମା ଶିଶୁ ମନ୍ଦିର ପରିସରରେ ଚାରାରୋପଣ କରାଯିବା ସହିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ରୀତାରାଣୀ ସ୍ୱାଇଁ, ଗୁରୁମାଗୁରୁଜୀ ଏବଂ ଛାତ୍ରୀଛାତ୍ରଙ୍କ ସହଯୋଗରେ ଚାରାରୋପଣ କରାଯାଇଥିଲା। ସଂଗଠନର ସମ୍ପାଦକ ଗଣେଶ୍ୱର ନାୟକ ଚାରାରୋପଣର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ପରେ ଶିଶୁ ମନ୍ଦିରରୁ ଏକ ସଚେତନତା ଶୋଭାଯାତ୍ରା କାଏମା ବଜାର ଅଭିମୁଖେ ବାହାରିଥିଲା। ଏଥିରେ ଲୋକଙ୍କୁ ଚାରାରୋପଣ କରିବାକୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ସତ୍ୟାନନ୍ଦ ସାହୁ, ଅଜୟ ସେଠୀ, ତପନ ସାହୁ, ଜ୍ୟୋତିର୍ମୟୀ ପଣ୍ଡା, ବିଶ୍ୱଜିତ ପ୍ରଧାନ, ବିଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

କାଏମା ଶିଶୁ ମନ୍ଦିର ପରିସରରେ ଚାରାରୋପଣ କରାଯାଉଛି ।

ବେଦବ୍ୟାସଙ୍କ ଜନ୍ମୋତ୍ସବ ପାଳିତ

ବେଦବ୍ୟାସଙ୍କ ଜନ୍ମୋତ୍ସବରେ ଯୋଗଦେଇଥିବା ବ୍ୟାସ ଭୂମି ଅନୁଷ୍ଠାନର କର୍ମକର୍ତ୍ତା।

ଯାଜପୁରରୋଡ୍,୧୦।୭
(ପବିତ୍ର ରଞ୍ଜନ ମହାନ୍ତି):

ସ୍ଥାନୀୟ ବ୍ୟାସ ସରୋବର ରାଘୁଜୀ ଗୋସାଇଁଙ୍କ ପୀଠରେ ମହର୍ଷି ବେଦବ୍ୟାସଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। 'ବ୍ୟାସ ଭୂମି' ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜ୍ଞାନରଞ୍ଜନ ରାଉତ ସଂଯୋଜନା କରିଥିଲେ। ଶିକ୍ଷାବିତ ଦୁଷ୍ମନ୍ତ ନାୟକ, ଆଡଭୋକେଟ ରଜତ କୁମାର ରାଉତ, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଗୟାଧର ନନ୍ଦ, ଖବରଦାତା ନିତ୍ୟାନନ୍ଦ ମହାଳିକ, ଅଶୋକ ବୋଷ, ଅବସରପ୍ରାପ୍ତ ସେନା ଅଧିକାରୀ ଅଶୋକ କୁମାର ପତି, ମାନବାଧିକାର କର୍ମୀ ସୁରେଶ କୁମାର ହୋତା, ବିଶ୍ୱମ୍ଭର ରାଉତ ଓ ଲକ୍ଷ୍ମୀଧର ଦାସଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ବେଦବ୍ୟାସଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ମନ୍ଦିର ପୂଜକ ଗୋବିନ୍ଦ ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।

ରାକେଶ ସାହୁ ପିସିସି ମିଡିଆ ପ୍ୟାନେଲିଷ୍ଟ ମନୋନୀତ

ପାଣିକୋଇଲି,୧୦।୭(ବିକାଶ ମଲ୍ଲିକ):

ପାଣିକୋଇଲିର ଯୁବନେତା ରାକେଶ ସାହୁ ପ୍ରଦେଶ କଂଗ୍ରେସ କମିଟିର ମିଡିଆ ପ୍ୟାନେଲିଷ୍ଟ ଭାବେ ମନୋନୀତ ହୋଇଛନ୍ତି। କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଣିକୋଇଲି ଗ୍ରାମର ରାକେଶଙ୍କ ଜଣେ ଆଇନଜୀବୀ, ଦକ୍ଷଯୁବନେତା ଓ ଯୁବ ସାମାଜିକ କର୍ମୀଭାବେ ଖ୍ୟାତି ରହିଛି। ରାକେଶ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମିଡିଆ ପ୍ୟାନେଲିଷ୍ଟ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହି ନିଯୁକ୍ତି ପରେ ସେ ପିସିସି ସଭାପତି ଭକ୍ତ ଚରଣ ଦାସ, ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ରାଷ୍ଟ୍ରୀୟ ମିଡିଆ ଅଧ୍ୟକ୍ଷ ପବନ ଖେରା, ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ସୁଧାଂଶୁ ଦେଓଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ

ଯାଜପୁର ସଦର,୧୦।୭(ସମର ବିଜୟ ଶରଣ):

ଯାଜପୁର ଜିଲା ସଦର ମହକୁମାସ୍ଥିତ ମିଶନ ଶକ୍ତି ଭବନଠାରେ ଜିଲାସ୍ତରୀ

ମହାନଦୀ ପାଣିକୁ ଡରିଲେଣି ଦ୍ୱୀପାଞ୍ଚଳର ୧୩ ଗାଁ

କେନ୍ଦ୍ରାପଡ଼ା, ୧୦।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ମଙ୍ଗଳବାର ରାତିରୁ ମୌସୁମୀ ବର୍ଷାର ପ୍ରଭାବ ପଡ଼ିଛି। ଲଗାଣବର୍ଷା ଜାରି ରହିଛି। ଉପରମୁଣ୍ଡରେ ଅଧିକ ବର୍ଷା ପରେ ହୀରାକୁଦର ଗେଟ୍ ଖୋଲା ହୋଇଛି। ଏଥିପାଇଁ ଜିଲାରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି। ଅଧିକ ବନ୍ୟାଜଳ ଆସିଲେ ଜିଲାର ଲୁଣା ଓ କରାଣ୍ଡିଆ ଦ୍ୱୀପାଞ୍ଚଳରେ ଥିବା ୧୩ ରାଜସ୍ୱ ଗ୍ରାମବାସୀଙ୍କ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହେବ ବୋଲି ସ୍ଥାନୀୟ ଲୋକ ଆଶଙ୍କା କରିଛନ୍ତି। ବର୍ଷବର୍ଷ ଧରି ମୌଳିକ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକ ଲଢୁଥିବାବେଳେ ଲୁଣା ନଦୀର ଦକ୍ଷିଣ ପାର୍ଶ୍ୱବନ୍ଧ ବହୁସ୍ଥାନରେ ଦୁର୍ବଳ ଥିବାରୁ ବନ୍ୟା ସମ୍ଭାବନା ଥିବା ପ୍ରକାଶ କରିଛନ୍ତି। ସେହିପରି କରାଣ୍ଡିଆ ଆଡିବନ୍ଧର ମରାମତି ଅଧା ଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ଆୟତିପୁରର ପିନାକୀ ସାମନ୍ତରାୟ କହିଛନ୍ତି, ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏହି ୧୩ଗାଁ ଅବହେଳିତ ଅବସ୍ଥାରେ ଅଛି। ଏ ନେଇ ଦ୍ୱୀପାଞ୍ଚଳବାସୀ ବାରମ୍ବାର ରାଜନେତା ଓ ପ୍ରଶାସକଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିନାହିଁ। ସହରଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ଏହି ଦ୍ୱୀପାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳଯୋଗାଣ ଆଦି ମୌଳିକ ସମସ୍ୟା ଲାଗିରହିଛି। ଦ୍ୱୀପାଞ୍ଚଳର ୧୩ ଗ୍ରାମ ଏବେ ୩ ବ୍ଲକ ଅଧୀନସ୍ଥ ୫ ପଞ୍ଚାୟତରେ ଅଛି। ମାର୍ଶାଘାଇ ବ୍ଲକ ଆଇତିପୁର ପଞ୍ଚାୟତର ଆଇତିପୁର, ବଳରାମପୁର, ବାଲିସିଂ, ଜଳପୋକ ପଞ୍ଚାୟତ ଅଧୀନରେ ଥିବା ଡିହଜଳପୋକ, ପକ୍ଷଟ, କଣିବାଙ୍କ ସହ ଡେରାବିଶ ବ୍ଲକର ବସପୁର ପଞ୍ଚାୟତ ଅଧୀନରେ ଥିବା ଡିହବସୁପୁର ଓ ଇନ୍ଦାଳୋ ପଞ୍ଚାୟତ ଅଛି। ସେହିପରି ଏଠାରେ ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତର ସାନସଲାର, ଶିଶୁଆ ଓ ସଠିଲୋ ଗ୍ରାମ ରହିଛି। ଏହି ୧୩ ରାଜସ୍ୱ ଗ୍ରାମର ଗୋଟିଏ ପାର୍ଶ୍ୱରେ କରାଣ୍ଡିଆ ନଦୀ ଓ ଅନ୍ୟପାର୍ଶ୍ୱରେ ଲୁଣାନଦୀ ପ୍ରବାହିତ ହେଉଛି। ସଠିଲୋ ନିକଟରୁ ଏହି ଦ୍ୱୀପାଞ୍ଚଳ ଆରମ୍ଭ ହୋଇ ଡିହବଳରାମପୁରରେ ଶେଷ ହୋଇଛି। ଗ୍ରାମବାସୀଙ୍କ ମୁଖ୍ୟ ଜୀବିକା ପନିପରିବା ଚାଷ ହୋଇଥିବାବେଳେ ଜଳସେଚନ ଓ ଉଠାଜଳସେଚନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପ ଶେଷ ହୋଇ ନ ଥିବା ସେ କହିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ରମେଶ ଚନ୍ଦ୍ର ବାରିକ କହିଛନ୍ତି, ବେଆଇନ ବାଲି ଚାଲାଣ ନଦୀ ବନ୍ଧକୁ ଦୁର୍ବଳ କରିଛି। କରାଣ୍ଡିଆ ନଦୀ ଉପରେ ଏକ ପଥର ଆଡ଼ିବନ୍ଧ ନିର୍ମାଣ ଅଧାରେ ଅଟକି ଯାଇଛି। ଲୁଣାନଦୀର ବାମପାର୍ଶ୍ୱ ସୁଦୃଢ଼ ହେଉଥିବାବେଳେ ଦକ୍ଷିଣପାର୍ଶ୍ୱ ବନ୍ଧର ବହୁ ସ୍ଥାନ ଦୁର୍ବଳ ଅଛି। ମହାନଦୀ ସିଷ୍ଟମରେ ବନ୍ୟାଜଳ ପ୍ରବାହିତ ହେଲେ ଦ୍ୱୀପାଞ୍ଚଳବାସୀଙ୍କ ପାଇଁ ବିପଦ ଘନାଇ ଆସୁଛି। ସେହିପରି ଡିହବଳରାମପୁର ଗ୍ରାମର ରମେଶ ଚନ୍ଦ୍ର ସାହାଣୀ କହିଛନ୍ତି, ଦ୍ୱୀପାଞ୍ଚଳରେ ଲୁଣାନଦୀ ବାମପାର୍ଶ୍ୱ ବନ୍ଧର ଲମ୍ବ ୫ କିଲୋମିଟର। ଏଥିରୁ ପ୍ରଥମ ୨ କିଲୋମିଟର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବାବେଳେ ଅବଶିଷ୍ଟ ବନ୍ଧ ଜଳସମ୍ପଦ ବିଭାଗ ଅଧୀନରେ ଅଛି। ବିଭିନ୍ନ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନଦୀବନ୍ଧ ନିର୍ମାଣ ପାଇଁ ଟେଣ୍ଡର ହେଉଥିଲେ ମଧ୍ୟ ପ୍ରକଳ୍ପ ଅଧାପନ୍ତରିଆ ରହୁଛି। ଅପରପକ୍ଷରେ ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେହିପରି ଏହି ଦ୍ୱୀପାଞ୍ଚଳରେ ମୌଳିକ ସୁବିଧା ମିଳୁ ନ ଥିବା ଗ୍ରାମବାସୀ ମତ ଦେଇଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଅଧୀକ୍ଷକ ଯନ୍ତ୍ରୀ ଉମେଶ କୁମାର ସେଠାଙ୍କୁ ପଚାରିବାରେ ଚିନ୍ଟ ହୋଇଥିବା ଦୁର୍ବଳ ନଦୀବନ୍ଧର ମରାମତି ହୋଇଛି। ସମ୍ଭାବ୍ୟ ବନ୍ୟାରେ ସ୍ଥାନୀୟ ଅଞ୍ଚଳର କ୍ଷତି ନ ହେବା ପାଇଁ ବିଭାଗୀୟ ବ୍ୟବସ୍ଥା ହୋଇଛି ବୋଲି ସେ କହିଛନ୍ତି।

ବର୍ଷାରେ ଲୁଣା ନଦୀ ବନ୍ଧ ରାସ୍ତା କାଦୁଅ।

- କରାଣ୍ଡିଆ ଆଡିବନ୍ଧ ଅଧାରୁ ଅଟକିଛି
- ଲୁଣା ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ବହୁ ସ୍ଥାନରେ ଦୁର୍ବଳ
- ବର୍ଷବର୍ଷ ଧରି ମୌଳିକ ସମସ୍ୟା ଲାଗି ରହିଛି

୩ ଅଭିଯୁକ୍ତ କୋର୍ଟ ଚାଲାଣ

ହତ୍ୟା ଘଟଣାରେ ଗିରଫ ହୋଇଥିବା ୩ ଅଭିଯୁକ୍ତ।

ରାଜକନିକା, ୧୦।୭(ସଞ୍ଜୟ କୁମାର ଦାଶ)

ରରାଜକନିକା ଥାନା ହାଟସାହି ଗାଁର ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ରାଉତଙ୍କ ହତ୍ୟା ଘଟଣାର ଅଭିଯୁକ୍ତମାନଙ୍କୁ ଗିରଫ ପରେ ଗୁରୁବାର କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ହତ୍ୟାକାଣ୍ଡରେ ୪ ଜଣଙ୍କ ନାମରେ ଅଭିଯୋଗ ହୋଇଥିଲା। ସେମାନଙ୍କ ମଧ୍ୟରୁ ମେ ୩ ତାରିଖରେ ହାଟସାହି ଗାଁର ଅଜୟ ନାୟକ(୩୨)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ଗୁରୁବାର ଅନ୍ୟ ୩ ଜଣ ଅଭିଯୁକ୍ତ ଅହମ୍ମଦପୁର ଗାଁର ବୈଦ୍ୟନାଥ ମଲ୍ଲିକ(୭୧), ରଞ୍ଜିତ ମଲ୍ଲିକ(୨୨) ଓ ବିଭୂତି ଭୂଷଣ ମଲ୍ଲିକ(୨୩)ଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ନଂ. ୨୮୧/୨୫ରେ ମାମଲା ରୁଜୁ ହୋଇଛି।

ହାଟସାହି ଗାଁରେ ମେ ୩ ତାରିଖ ଅପରାହ୍ନ ୩ଟାରେ ଗାଁର ଜଣେ ଯୁବକଙ୍କ ସହିତ କୌଣସି ଏକ କଥାକୁ ନେଇ ଅଜୟ ନାୟକଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା। ଏହି ସମୟରେ ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ସେଠାକୁ ଯାଇ ଉଭୟପକ୍ଷଙ୍କୁ ବୁଝାଶୁଝା କରୁଥିଲେ। ହେଲେ ଉତ୍ତ୍ୟକ୍ତ ଯୁବକଙ୍କ ମାଡ଼ରେ ବାସୁଦେବ ଗୁରୁତର ହୋଇ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏ ନେଇ ବାସୁଦେବଙ୍କ ପୁଅ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଜଣେ ଅଭିଯୁକ୍ତଙ୍କୁ ସେହିଦିନ ଗିରଫ କରିଥିବାବେଳେ ଅନ୍ୟମାନେ ଖସି ଯାଇଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଥାନା ସମ୍ମୁଖରେ ବାସୁଦେବଙ୍କ ମୃତଦେହ ରଖି ଧାରଣା ଦେଇଥିଲେ। ପୋଲିସ ବୁଝାଶୁଝା କରିବା ସହ ୩ ଦିନ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣାରୁ ଗ୍ରାମବାସୀ ଉଠିଥିଲେ। ୩ମାସ ପରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି।

ଅବସରପ୍ରାପ୍ତ ଶିକ୍ଷକ ବାସୁଦେବଙ୍କ ହତ୍ୟା ଘଟଣା

କର୍ତ୍ତବ୍ୟରତ ହୋମଗାର୍ଡଙ୍କ ସନ୍ଦେହଜନକ ମୃତ୍ୟୁ

କେନ୍ଦ୍ରାପଡ଼ା,୧୦।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପୋଲିସରେ କାର୍ଯ୍ୟରତ ହୋମ୍‌ଗାର୍ଡ ଟାଉନ ଥାନା ଅନ୍ତର୍ଗତ ମୀରପାଟଣା ଗ୍ରାମର ହିମାଂଶୁ ସେଠୀ(୩୨)ଙ୍କ ବୁଧବାର ବିଳମ୍ବିତ ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ହିମାଂଶୁ ଜିଲା ପୋଲିସର ଡିଆଇବିରେ ବୁଧବାର ରାତିରେ କାର୍ଯ୍ୟ କରୁଥିଲେ। ମାତ୍ର ଗୁରୁବାର ସକାଳେ ତାଙ୍କ ମୃତ୍ୟୁ ହୋଇଯାଇଥିବା ଖବର ପ୍ରଚାରିତ ହୋଇଥିଲା, ଯାହାକୁ ନେଇ ନାନା ସନ୍ଦେହ ପ୍ରକାଶ ପାଇଛି। ତେବେ ହିମାଂଶୁ ରାତିରେ ହୃଦ୍‌ଘାତର ଶିକାର ହୋଇଥିଲେ। ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ, ପରେ କଟକ ବଡ଼ ଡାକ୍ତରଖାନାକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ହିମାଂଶୁଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ସୂଚନା ମିଳିଛି।

ଦିନରେ ପରିବାର ଲୋକଙ୍କୁ ବାନ୍ଧି ସଶସ୍ତ୍ର ଡକାୟତି

ଡେରାବିଶ, ୧୦।୭ (ବେବର୍ତ୍ତା ଅଜୟ ଦାସ)

ପ୍ରାୟ ଦେଢ଼ ଲକ୍ଷ ଟଙ୍କା, ୨୦ ଭରି ସୁନା ଗହଣା, ୩ ମୋବାଇଲ ନେଇଗଲେ

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ପରିବାର ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଏକ ଘରେ ପୂରାଇ ବାନ୍ଧି ଲକ୍ଷାଧିକ ଟଙ୍କା ସହ ସୁନା ଗହଣା, ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଡକାୟତମାନେ ନେଇଯାଇଛନ୍ତି।

ପୋଲିସ ସୂଚନା ମୁତାବକ, ଥାନା ଅଧୀନ ଚାଟରାଚକଡ଼ା ପଞ୍ଚାୟତର ଓଲଡ଼ି ଗ୍ରାମର ଅବସରପ୍ରାପ୍ତ ଡା. ଜଲିଲ ଅହେମ୍ମଦ ଖାନ୍ ଗୁରୁବାର ନିଜ ପରିବାର ସହ ଘରେ ଥିଲେ। ଅପରାହ୍ନ ୩ଟାରେ ବାଇକ୍ ଯୋଗେ ୬ଜଣ ଯୁବକ ହଠାତ୍ ତାଙ୍କ ଘର ଭିତରକୁ ପଶି ଯାଇଥିଲେ। ସେମାନେ ଭିଜିଲାନ୍ସ ଅଫିସରୁ ଆସିଥିବା କହି ଡାକ୍ତର ଜଲିଲ, ତାଙ୍କ ସ୍ତ୍ରୀ ଓ ପୁଅ ଡା. ଜାହିଦ ଅହେମ୍ମଦଙ୍କୁ ନିସ୍ତୁକ ମାଡ଼ମାରି ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇଥିଲେ। ପରେ ସେମାନଙ୍କୁ ବାନ୍ଧି ଏକ ଘରେ ପୂରାଇ ବାହାର ପଟୁକବାଟ ବନ୍ଦ କରି ଦେଇଥିଲେ। ପରେ ଡକାୟତମାନେ ଘରେ ଥିବା ନଗଦ ଦେଢ଼ ଲକ୍ଷ ଟଙ୍କା ସହ ୨୦ ଭରିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର, ବ୍ୟାଙ୍କ ଏଟିଏମ୍ କାର୍ଡ ଓ ୩ଟି ମୋବାଇଲ ନେଇ ଚମ୍ପଟ୍ ମାରିଥିଲେ। ଏଥିସହ ଘରେ ଲାଗିଥିବା ସିସି କ୍ୟାମେରାର ହାର୍ଡ ଡିସ୍କକୁ ମଧ୍ୟ ଡକାୟତମାନେ ନେଇ ଯାଇଥିଲେ। ତେବେ ଜଲିଲଙ୍କ ପାଟି ଶୁଣି ପଡ଼ୋଶୀମାନେ ବନ୍ଦ କୋଠରିରୁ ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣା ସମ୍ପର୍କରେ ଡା. ଜଲିଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଦିନରେ ଗ୍ରାମ ମଧ୍ୟରୁ ଏପରି ଏକ ବଡ଼ ଧରଣର ଡକାୟତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଥାନାରେ ନଂ. ୧୧୧/୨୫ରେ ମାମଲା ରୁଜୁ ହୋଇଛି।

ବିଦ୍ୟୁତ୍ ଆଘାତରେ ଠିକା କମ୍ପାନୀ କର୍ମଚାରୀ ମୃତ

ମାର୍ଶାଘାଇ,୧୦।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣର ଠିକା ନେଇଥିବା ରାଜବୀର କନ୍‌ଷ୍ଟ୍ରକ୍‌ଶନ କମ୍ପାନୀର ଜନୈକ କର୍ମଚାରୀଙ୍କ ଗୁରୁବାର ସକାଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ମୃତକ ହେଲେ ପୁରୀ ଜିଲା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ବିଜୟ ଦାସ (୩୨)। ସୂଚନା ମୁତାବକ, ବିଜୟ ଜାତୀୟ ରାଜପଥର ହଳଦିଆଗଡ଼ା ନିକଟରେ ରଡ଼ବନ୍ଧା କାମରେ ବ୍ୟସ୍ତ ଥିଲେ। କୌଣସି କାରଣରୁ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲେ। ଘଟଣାସ୍ଥଳରେ ଛଟପଟ ହୋଇ ପଡ଼ି ଯାଇଥିଲେ। କେତେଜଣ କର୍ମଚାରୀ ତାଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଥାନା ପରିସରରେ ରଖିଛି। ପରିବାର ଲୋକଙ୍କୁ ଖବର ଦିଆଯାଇଛି। କମ୍ପାନୀ କର୍ମଚାରୀମାନଙ୍କୁ ଥାନାକୁ ଡକାଯାଇଛି। ସନ୍ଧ୍ୟା ସୁଦ୍ଧା ଏ ସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

ଡେରାବିଶ ମହାବିଦ୍ୟାଳୟ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଉତ୍ସବରେ ମଞ୍ଚାସୀନ ଅତିଥି।

ଡେରାବିଶ, ୧୦।୭ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ମହାବିଦ୍ୟାଳୟ ଯୁକ୍ତ ୩ ଶ୍ରେଣୀର ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକଙ୍କ ପୌରୋହିତ୍ୟରେ ଏକ ସ୍ୱାଗତ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୋଷଣ କରି ଦୃଢ଼ ସଂକଳ୍ପ ନେଇ କଠିନ ପରିଶ୍ରମ କଲେ ଭବିଷ୍ୟତରେ ନିଶ୍ଚିତ ସଫଳତା ପାଇବେ ବୋଲି ଅଧ୍ୟକ୍ଷ ନାୟକ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅଧ୍ୟାପକ ସଞ୍ଜୟ କୁମାର ମିଶ୍ର ନୂତନ ଶିକ୍ଷାନୀତିର ପାଠ୍ୟ ଖସଡ଼ା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବୃନ୍ଦାବନ ଦାସ, ନଗେନ୍ଦ୍ରନାଥ ପାଣି, ଗୁରୁଚରଣ ସେଠୀ, ଅଭିଜିତ ପ୍ରଧାନ, ଅଧ୍ୟାପିକା ଡ. ପ୍ରଜ୍ଞା ପଟ୍ଟନାୟକ, ଡ. ସୁଶ୍ରୀ ପ୍ରିୟଦର୍ଶିନୀ ପଣ୍ଡା, ସୁଭାଶିନୀ ମିଶ୍ର, ଡ. ଭାଗ୍ୟଲକ୍ଷ୍ମୀ ସାହୁ ଓ ଶ୍ରଦ୍ଧାଞ୍ଜଳି ମଲିକ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ଡ. ରୁଦ୍ରାଙ୍ଗୀ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଡ. କିଶୋର କୁମାର ବେଦାନ୍ତ ଧନ୍ୟବାଦ ଦେଇଥିଲେ।

ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ଜୟନ୍ତୀ

ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଗୁରୁ ଓ କଳାକାରମାନେ।

କେନ୍ଦ୍ରାପଡ଼ା, ୧୦।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରସ୍ଥ ଯମୁନା ସେଲିବ୍ରେଶନ୍ ପରିସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ପାୟଲ ମ୍ୟୁଜିକ୍ ସ୍କୁଲର ମିଳିତ ସହଯୋଗରେ ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଓଡ଼ିଶୀ ସଙ୍ଗୀତଗୁରୁ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭ୍ୟ ରବୀନ୍ଦ୍ର ନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବାଣୀକଣ୍ଠଙ୍କ ସଙ୍ଗୀତ ଜଗତ ପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ସଙ୍ଗୀତ ପରିବେଷଣ କରିବା ଶୈଳୀ ବିଷୟରେ ବକ୍ତବ୍ୟ ରଖିଥିଲେ। କଟକ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ଡା. ଜ୍ଞାନପ୍ରିୟ କାନୁନ୍‌ଗୋ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଣୀକଣ୍ଠ ତାଙ୍କ ସଙ୍ଗୀତ ଜଗତର ଉଥାନପତନ ଓ ବିଭିନ୍ନ ସଫଳତା ବିଷୟରେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଜୟନ୍ତୀ ସମାରୋହରେ ଅବସରପ୍ରାପ୍ତ ପ୍ରଫେସର ଚାରୁଚନ୍ଦ୍ର ହାଜରା ସଭାପତି ଥିଲେ। ପାୟଲ ମ୍ୟୁଜିକ୍ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଙ୍ଗୀତ ଗୁରୁ ଭାସ୍କର ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠାନର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଓ ବାଣୀକଣ୍ଠ ନିମାଇଁ ଚରଣ ଗାଇଥିବା ସଙ୍ଗୀତ ପରିବେଷଣ କରି ଉପସ୍ଥିତ ଥିବା ଦର୍ଶକମାନଙ୍କୁ ମୋହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଓଡ଼ିଶୀ ନୃତ୍ୟଗୁରୁ ଦୀପକ ନନ୍ଦି, ତବଲା ଗୁରୁ ବାଲ୍ମୀକି ଦାସ ଓ ଅମୃତ ରଞ୍ଜନ ଦାସ, ଚିତ୍ରକଳା ଗୁରୁ ବିକାଶ କୁମାର ସାହୁ, ଆଧୁନିକ ନୃତ୍ୟ ଗୁରୁ ବିକ୍ରମ ସିଂହ, ସ୍ୱାଧୀନ ବାଳା ପ୍ରିୟଦର୍ଶିନୀ ନାୟକ, ସତ୍ୟବ୍ରତ ଘଡ଼ାଇ ଓ ଅନୁଷ୍ଠାନର ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶେଷରେ ପ୍ରଦୀପ ଦାସ ଧନ୍ୟବାଦ ଦେଇଥିଲେ।

ବନ୍ୟା ପ୍ରତିରୋଧ ବନ୍ଧ କାର୍ଯ୍ୟ ତ୍ୱରାନ୍ୱିତ

ମାର୍ଶାଘାଇ,୧୦।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ନିକଟରେ ପ୍ରବାହିତ ଲୁଣା ନଦୀରେ ଜଳ ସ୍ତର ବୃଦ୍ଧି ହେବା କାରଣରୁ ଘାଇ ସୃଷ୍ଟି ହେବାର ସମ୍ଭାବନା ଥିଲା। ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କୁ ଜଣାଇବା ପରେ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଗୁରୁବାର ତତ୍‌ପରତା ପ୍ରକାଶ ପାଇଛି। ବିଧାୟକ ନଦୀବନ୍ଧ ବିପଦସଙ୍କୁଳ ଥିବାବେଳେ ଏହାର ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ତୁରନ୍ତ ପୂର୍ତ୍ତ ବିଭାଗ ଓ ଜଳସେଚନ ବିଭାଗର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଏହାର ମରାମତି କାର୍ଯ୍ୟ କରୁଛନ୍ତି। ଯାହାଦ୍ୱାରା ସମ୍ଭାବ୍ୟ ବନ୍ୟାରୁ ଏକ ବିପଦ ଟଳି ଯାଇଛି। ତୁରନ୍ତ ବନ୍ଧର କାର୍ଯ୍ୟ ମଜଭୁତ କରିବା ସହ ଆଗକୁ ପୁଣି ବନ୍ୟା ଆସିଲେ କିପରି ତାହାର ମୁକାବିଲା କରାଯିବ ବିଧାୟକ ନାୟକ ଜଳସମ୍ପଦ ଏବଂ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ଅଧିକାରୀମାନେ ଲୁଣା ନଦୀ ବନ୍ଧ କାମକୁ ତଦାରଖ କରୁଛନ୍ତି।

କଂଗ୍ରେସର ମୁଖପାତ୍ର ହେଲେ ବିଭୂତି ଭ

ମିଳୁନି ପେଟ୍ରୋଲ କି ଜାଳେଣି ଗ୍ୟାସ୍ ସିଲିଣ୍ଡର

ନୟାଗଡ଼,୧୦।୭(ଲୋକନାଥ ମିଶ୍ର)

ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ଏଭଳିସ୍ଥଳେ ପେଟ୍ରୋଲ ଓ ଜାଳେଣି ଗ୍ୟାସ୍ ସିଲିଣ୍ଡର ମିଳୁନି। ଘରୋଇ ସିଲିଣ୍ଡର ପିଛା ୧୨୦୦ରୁ ୧୫୦୦ ଟଙ୍କା ଓ ପେଟ୍ରୋଲ ଲିଟର ୧୫୦ ଟଙ୍କା ବିକ୍ରି ହେଉଛି। କେତେକ ପେଟ୍ରୋଲ ଟାଙ୍କିରେ ତେଲ ପାଇଁ ଲାଇନ ଦେଖିବାକୁ ମିଳୁଛି। ଜଣକୁ ୧୦୦ ଟଙ୍କାର ପେଟ୍ରୋଲ ମିଳୁଥିବାରୁ ଗ୍ରାହକଙ୍କ ଟେନଶନ ବଢ଼ିଛି। ଅନ୍ୟପକ୍ଷେ କଳାବଜାରରେ ପେଟ୍ରୋଲ ଓ ଗ୍ୟାସ ସିଲିଣ୍ଡର ଅବାଧରେ ବିକ୍ରି ହେଉଥିଲେ ମଧ୍ୟ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କି ଧରପଗଡ଼ କରାଯାଉନାହିଁ। ସେପଟେ ବଜାରରେ ପନିପରିବା ଦର ହୁଡୁ ହୋଇ ବଢ଼ି ଚାଲିଛି। ସାଧାରଣ ଲୋକେ ହଇରାଣ ହେବା ଆରମ୍ଭ ହୋଇଛି।

ଏନେଇ ନୟାଗଡ଼ର ଶ୍ରୀନିବାସ ସାହୁ କୁହନ୍ତି, ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ସାଧାରଣ ଲୋକ ଅଭଶପ୍ତ ଜୀବନ ବିତାଇବା ଆରମ୍ଭ ହୋଇଛି। ଗ୍ୟାସ ସିଲିଣ୍ଡର ଆସୁନି କହି ଏଜେନ୍ସି ଫେରାଇ ଦେଉଛି। ସେପଟେ କଳାବଜାରରେ ୧୨୦୦ରୁ ୧୫୦୦ ଟଙ୍କାରେ ଗ୍ୟାସ ସିଲିଣ୍ଡର ମିଳୁଛି। ଖୋଲାରେ ୧ କେଜି ଗ୍ୟାସ୍ କିଣିଲେ ଦେଢ଼ ଶହ ଟଙ୍କା ଦେବାକୁ ପଡୁଛି। ଅନ୍ୟପଟେ ପେଟ୍ରୋଲ ମିଳୁନ ଥିବାରୁ ବାଇକ କିପରି ଚାଲିବ ଚିନ୍ତା ବଢ଼ିଲାଣି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଦରକାର ବୋଲି ସେ କହିଛନ୍ତି। ଭାପୁରର ସୁଦାମ ସ୍ୱାଇଁ ଓ ଖଣ୍ଡପଡ଼ର ବିନୋଦିନୀ ମହାନ୍ତି କୁହନ୍ତି, ଲୋକଙ୍କ ପେଟ୍ରୋଲ ନିହାତି ଦରକାର। ପେଟ୍ରୋଲର ଯେଉଁଭଳି ଅଭାବ ଦେଖା ଗଲାଣି ପିଲେ ସ୍କୁଲକୁ ଯାଇ ପାରିବେ ନାହିଁ। ରୋଗୀ ଡାକ୍ତରଖାନା ଯାଇ ପାରିବେ ନାହିଁ। ଘରକୁ ପନିପରିବା ଆସିବ ନାହିଁ। ସବୁ ପ୍ରକାରର ଅସୁବିଧା ଦେଖା ଦେବା ଆରମ୍ଭ ହେଲାଣି। ଜିଲା ଓ ବ୍ଲକ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ଦରକାର ବୋଲି ସେ କହିଛନ୍ତି। ଗଣିଆର ସୁଦାମ ପ୍ରଧାନ କୁହନ୍ତି, ଗ୍ୟାସ ଓ ପେଟ୍ରୋଲର ଜାଣିଶୁଣି କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି। ଗ୍ୟାସ ଏଜେନ୍ସି ଓ ପେଟ୍ରୋଲ ଟାଙ୍କି କର୍ତ୍ତୃପକ୍ଷ କଳାବଜାରରେ ସଂପୃକ୍ତି ରହି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ସେପଟେ ବର୍ଷା ଯୋଗୁ ପନପରିବା ଦର ବଢୁଥିବାବେଳେ ଯାନବାହାନ ନ ଚାଲିବା ଓ ପେଟ୍ରୋଲ ଦର ବଢ଼ିବା ଏହା ଉପରେ ପ୍ରଭାବ ପକାଇବା ଆରମ୍ଭ କଲାଣି। ସରକାର ଭାଷଣବାଜି ଛାଡି ପ୍ରଶାସନ ପକ୍ଷରୁ ଚଢ଼ାଉ କରିବାକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଅନ୍ତୁ। ଡ୍ରାଇଭରଙ୍କ ଆନ୍ଦୋଳନ ଚାଲୁ ରହିଲେ ସାଧାରଣ ଲୋକ ଆହୁରି ହଇରାଣ ହେବେ ବୋଲି ଆଗୁଆ ଜଣାପଡିଲାଣି। ଦଶପଲ୍ଲାର ମାଧବ ବେହେରା କୁହନ୍ତି, ପେଟ୍ରୋଲ ପାଇଁ ମାରପିଟ୍ ହୋଉଛି। କିଛି ସ୍ଥାନରେ ଧାଡିକରି ୧୦୦ରୁ ୨୦୦ ଟଙ୍କାର ପେଟ୍ରୋଲ ଟାଙ୍କି ପକ୍ଷରୁ ଦିଆଯାଉଛି। ଆବଶ୍ୟକ ଅନୁସାରେ ପେଟ୍ରୋଲ ମିଳୁ ନ ଥିବାରୁ ବହୁ ଗାଡ଼ି ଘରେ ଥୁଆ ହେବା ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ଜିଲା ଯୋଗାଣ ଅଧିକାରୀ ମୁରଲୀ କ୍ରିଷ୍ଣା କହିଛନ୍ତି, ପେଟ୍ରୋଲ ଓ ଗ୍ୟାସ ଉପରେ ନଜର ରଖାଯାଇଛି। ଲୋକେ ଯେପରି ଠିକରେ ପେଟ୍ରୋଲ ଓ ଗ୍ୟାସ ପାଇବେ ସେନେଇ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

ତେଲ ପାଇଁ ପେଟ୍ରୋଲ ପମ୍ପରେ ଭିଡ଼ ।

- କଳାବଜାରରେ ପେଟ୍ରୋଲ ଲିଟରକୁ ଦେଢ଼ଶହ ଟଙ୍କା
- ଘରୋଇ ଏଲ୍‌ପିଜି ସିଲିଣ୍ଡର ୧୨ଶହରୁ ୧୫ଶହ ଟଙ୍କା
- ବଢ଼ୁଛି ପନିପରିବାର ଦର

ଉପଜିଲାପାଳଙ୍କୁ ଫେରାଦ ହେଲା ବିଜୁ ଛାତ୍ର ଜନତା ଦଳ

ଉପଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେବାକୁ ଆସିଥିବା ବିଜୁ ଛାତ୍ର ଜନତା ଦଳ କର୍ମକର୍ତ୍ତା ।

ନୟାଗଡ଼,୧୦।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ବ୍ଲକ ନୋତର ପଞ୍ଚାୟତ ବଉଳିସାହି କଲେଜରେ ବୁଧବାର ଭାଜପା ପକ୍ଷରୁ ରାଜନୈତିକ ସଭା କରାଯାଇଥିବା ନେଇ ଗୁରୁବାର ବିଜୁ ଛାତ୍ର ଜନତା ଦଳ ଉପ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛି। ଉକ୍ତ କଲେଜର ଅଧକ୍ଷ ନିଜେ ଏହି ସଭା ଆୟୋଜନ କରିଥିବା ଏବଂ ଅଧ୍ୟାପକମାନେ ସହଯୋଗ କରିଥିବା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଭାଜପା ଜିଲା ସଭାପତି ତାପସ କୁମାର ମାଥାଙ୍କ ଉପସ୍ଥିତି ଓ ତତ୍ତ୍ୱାବଧାନରେ ଏହି ସଭା ଆୟୋଜନ କରାଯାଇଥିଲା। ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ନୀଳମାଧବ ପଣ୍ଡାଙ୍କ ନେତୃତ୍ୱରେ ଉପ ଜିଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରାଯାଇଛି। ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଦୁର୍ଯ୍ୟୋଧନ ବେହେରା ଏବଂ ଅନେକ ଛାତ୍ରନେତା ଦାବିପତ୍ର ପ୍ରଦାନ କରିବା ସହ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ୨୪ ଘଣ୍ଟା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବଉଳିସାହି କଲେଜର ମୁଖ୍ୟ ଫାଟକ ତାଲା ପକାଇ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏନେଇ କଲେଜ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ବୁଧବାର ଆମ ବସ ଉଦଘାଟନ କାର୍ଯ୍ୟକ୍ରମ ଥିଲା। ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଏହାକୁ ଉଦ୍‌ଘାଟନ କଲେ। ଏମ୍‌ପିଙ୍କ ସହ କେଉଁମାନେ ଆସିଥିଲେ ଆମକୁ ଜଣାନାହିଁ। ତେବେ ଏହାକୁ ରାଜନୈତିକ ସଭା କହି ଆମକୁ ବିବାଦ ଭିତରକୁ ଟଣା ନ ଯାଉ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର କର୍ମଚାରୀ କହି ଠକେଇ

ମାନସ ରାଉତ

ନୟାଗଡ଼,୧୦।୭(ଲୋକନାଥ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ଦର୍ଶାଇ ଠକେଇ କରିବା ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ଇଟାମାଟି ଥାନା ମେଳାମ୍ୟ ଗାଁର ମାନସ ରାଉତ(୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ମାନସଙ୍କୁ ନୟାଗଡ଼ ଜିଲା ଜେଲକୁ ପଠାଇ ଦିଆଯାଇଛି । ମାନସଙ୍କଠାରୁ ଜାଲ ସାର୍ଟିଫିକେଟ ଓ ପରିଚୟ ପତ୍ର ଜବତ କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ମାନସ ନିଜକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଭିଯୋଗ ଶୁଣାଣୀ ସେଲର କର୍ମଚାରୀ କହି ଠକେଇ କରୁଥିଲେ । ସେ ନୟାଗଡ ସଦର ଥାନା ବରପଲ୍ଲୀ ଗାଁର ମନୋଜ କୁମାର ଜେନାଙ୍କୁ ସେକ୍ରେଟାରୀଏଟ୍‌ରେ ନିଯୁକ୍ତି ଦେବ ଦର୍ଶାଇ ୨ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୮୩/୨୫) ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ମାନସଙ୍କୁ ଗିରଫ କରିବା ପରେ ନକଲି କର୍ମଚାରି ବୋଲି ଜଣାପଡିଥିଲା । ଅନ୍ୟପକ୍ଷେ ସେ ଚତୁର୍ଥ ଶ୍ରେଣୀ କର୍ମଚାରୀଠାରୁ ଆରମ୍ଭ କରି ପୋଲିସ ପର୍ଯ୍ୟନ୍ତ ବଭନ୍ନ କର୍ମଚାରୀଙ୍କ ନାମରେ ପିଟିସନ ଦଖଲ କରିବା ପାଇଁ ଭୟ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି।

- ଚାକିରି ଦେବା ନାଁରେ ଲୁଟିଥିଲେ ଲକ୍ଷାଧିକ ଟଙ୍କା
- ଅଭିଯୁକ୍ତ ଗିରଫ, ଜାଲ୍ ସାର୍ଟିଫିକେଟ, ପରିଚୟପତ୍ର ଜବତକଲା ପୋଲିସ

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରା ରୋପଣ

ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

ଦଶପଲ୍ଲା,୧୦।୭(ପ୍ରକାଶ କୁମାର ପାଣି)

ଟାକରାସ୍ଥିତ ମଣିନାଗ ବହୁମୁଖୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଏକ ମେଗା ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନପାଳ ରାଜ କୁମାର ଶତପଥୀ, ବିଦ୍ୟାଳୟର ଅଧ୍ୟକ୍ଷ ରାଧାମୋହନ କର୍ମୀଙ୍କ ସମେତ ସମସ୍ତ ଅଧ୍ୟାପକ ଯୋଗଦେଇଥିଲେ। ଫାଉଣ୍ଡେସନ ଚେୟାରମ୍ୟାନ ପ୍ରିୟବ୍ରତ ଆଚାର୍ଯ୍ୟ, ସମ୍ପାଦକ ନହାର ରଞ୍ଜନ ମହାନ୍ତ, ମନ୍ମଥ କୁମାର ସାହୁ, ଚନ୍ଦନେଶ୍ୱର ଦାସ, ସନ୍ତୋଷ କୁମାର ସାହୁପ୍ରମୁଖ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ । ଶତାଧିକ ଛାତ୍ରୀଛାତ୍ର ଏଥିରେ ଯୋଗଦେଇଥିଲେ। ବନପାଳ ଶତପଥୀ ଚାରା ରୋପଣ ହେଉଥିବା ପରିବେଶ ସୁରକ୍ଷା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରାଧାମୋହନ କର୍ମୀ ଧନ୍ୟବାଦ ଦେଇଥିଲେ।

୨ ବାଇକ୍ ଧକ୍କା, ଦୁଇ ଗୁରୁତର

ଖଣ୍ଡପଡା,୧୦। ୭ (ଅଜୟ କୁମାର ମହାରଣା)

ଗୁରୁବାର ସନ୍ଧ୍ୟାରେ କଣ୍ଟିଲୋରୁ ଭାପୁର ବ୍ଲକ ରାଣୀଛେଳି ପଞ୍ଚାୟତର ସୁଶାନ୍ତ ବେହେରା ଓ ପ୍ରକାଶ ପ୍ରଧାନ ବାଇକ୍‌ରେ ଯାଉଥିଲେ। ସେମାନେ କଣ୍ଟିଲୋ ନିକଟସ୍ଥ କମେଇ ସେତୁରୁ ଡାହାଣ ପାର୍ଶ୍ୱ ରାସ୍ତାକୁ ଯାଉଥିଲେ। ସେହିରାସ୍ତାରେ କଣ୍ଟିଲୋରୁ ଏକ ବୁଲେଟରେ ବାଉଁଶବାଟି ପଞ୍ଚାୟତ ଅନ୍ତର୍ଗତ ନଟବରପୁର ଗ୍ରାମର ୩ ଯୁବକ ଗୁଡୁ ଭୋଳ, ସିପୁ ଭୋଳ ଏବଂ ପିଙ୍କୁ ଜେନା ନିଜ ଗ୍ରାମ ନଟବରପୁରକୁ ଯାଉଥିଲେ। ହେଲେ ଅଚାନକ ଉଭୟ ଗାଡ଼ି ମଧ୍ୟରେ ଧକ୍କା ହୋଇଥିଲା। ଉଭୟ ଗାଡ଼ିରେ ଥିବା ବ୍ୟକ୍ତିମାନେ ରାସ୍ତାରେ ଛିଟିକି ପଡିଥିଲେ। ସେଠାରେ ଉପସ୍ଥିତ ଥିବା ଯୁବକମାନେ ସମସ୍ତଙ୍କୁ କଣ୍ଟିଲୋ ଡାକ୍ତରଖାନା ଆଣିଥିଲେ। ଏହି ଦୁର୍ଘଟଣାରେ କଳଙ୍ଗି ଗ୍ରାମର ସୁଶାନ୍ତ ବେହେରା. ଓ ନଟବରପୁରୁ ଗ୍ରାମର ସିପୁ ଭୋଳଙ୍କ ଅବସ୍ଥା ଗୁରୁତର ରହିଛି ବୋଲି ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱ ଥିବା ଭେଷଜ ବିଜ୍ଞାନୀ ତଥା ଫାର୍ମାସିଷ୍ଟ ମାନସ କୁମାର ସାହୁ କହିଛନ୍ତି।

କୈବଲ୍ୟଗିରି ମଠରେ ଗୁରୁପୂଜନ

ଗୁରୁପୂଜନ ଅବସରରେ ଚାରାରୋପଣ କରାଯାଉଛି।

ଦଶପଲ୍ଲା,୧୦।୭(ପ୍ରକାଶ କୁମାର ପାଣି)

ଗୁରୁବାର ଗୁରୁ ପୂର୍ଣ୍ଣିମା ଉପଲକ୍ଷେ ଗୁରୁ ପୂଜନ କାର୍ଯ୍ୟକ୍ରମ ଦଶପଲ୍ଲା କୈବଲ୍ୟ ଗିରି ମଠରେ ଜଗତ ଗୁରୁ ଶ୍ରୀଶଙ୍କରାଚାର୍ଯ୍ୟ ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ ଦଶପଲ୍ଲା, ନୟାଗଡ଼ ଶାଖା ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁ ପୂଜନ ଓ ଚାରା ରୋପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଆଦିତ୍ୟ ବାହିନୀର କ୍ଷେତ୍ରୀୟ ସମ୍ପାଦକ ଚିତ୍ରସେନ ପାତ୍ର , ଆଦିତ୍ୟ ବାହିନୀ ସେବା କ୍ଷେତ୍ରର ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ସଦସ୍ୟ କିଶୋର ଚନ୍ଦ୍ର ଦଳବେହେରା,ଶାଖାର ସଦସ୍ୟ ରଘୁ ଭାଇ, ଲିପୁ , ତ୍ରିନାଥ , କୈବଲ୍ୟ ଗିରି ମଠ ବାବା ଆଦି ଉପସ୍ଥିତ ରହି ଗୁରୁ କୃପା ଲାଭ କରିଥିଲେ।

ଖଣ୍ଡପଡ଼ା ଉପକାରାଗାର ମିଶ୍ରଣ ପ୍ରକ୍ରିୟାକୁ ବିରୋଧ

ଖଣ୍ଡପଡ଼ା,୧୦।୭
(ଅଜୟ କୁମାର ମହାରଣା)

ନୟାଗଡ଼ କାରାଗାର ସହ ଖଣ୍ଡପଡ଼ା ଉପକାରାଗାରର ମିଶ୍ରଣ ପ୍ରକ୍ରିୟାକୁ ବିରୋଧ କରି ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ଗୁରୁବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସାମାଜିକ କର୍ମୀ ତଥା ଭାଜପା ନେତା ବିଧାନ ପ୍ରଧାନଙ୍କ ଆବାହାକତ୍ୱରେ ଆୟୋଜିତ ସମ୍ମିଳନୀରେ ଖଣ୍ଡପଡ଼ା ଉପକାରାଗାର ମିଶ୍ରଣ ପ୍ରକ୍ରିୟାକୁ ବିରୋଧ କରାଯିବା ସହ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ମତ ଦେଇଥିଲେ । ଖଣ୍ଡପଡ଼ାବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ାରେ ଉପକାରାଗାର ଯେପରି ପୂର୍ବପରି କାର୍ଯ୍ୟ କରିବ ସେ ନେଇ ସମସ୍ତ ଚେଷ୍ଟା ଜାରି ରହିବ ବୋଲି ପ୍ରଧାନ ପ୍ରକାଶ କରିଥିଲେ । ଅଞ୍ଚଳବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଖୁବଶୀଘ୍ର ସେ ଭେଟି ଏ ସମ୍ପର୍କରେ ଆଲୋଚନା କରିବେ ବୋଲି କହିଛନ୍ତି ।


ଖବରଦାତା ସମ୍ମିଳନୀରେ ଭାଜପା ନେତା ବିଧାନ ପ୍ରଧାନ ଓ ଅନ୍ୟମାନେ ।

ସମିତି ବୈଠକରେ ରାଗିଗଲେ ଦଶପଲ୍ଲା ବିଧାୟକ

ବିଧାୟକ କାଗଜ ଫୋପାଡୁଛନ୍ତି।

ନୟାଗଡ଼,୧୦।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ସଭାଗୃହରେ ବୁଧବାର ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ଉନ୍ନୟନ କାମ ବର୍ଷେ ହେଲା ବନ୍ଦ ହୋଇ ଯାଇଥିବା ଦର୍ଶାଇ ହୋହଲ୍ଲା ଓ ପାଟି ତୁଣ୍ଡ ହୋଇଥିଲା । ଏଭଳି ସମୟରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ରାଗି ଯାଇ କାଗଜ ଫୋପାଡି ଥିଲେ । ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ବିଧାୟକ ଉତ୍ତେଜିତ ହୋଇ ବିଡିଓଙ୍କ ଉପରେ ରାଗିଯାଇ ହାତରେ ଧରିଥିବା କାଗଜକୁ ଆଗକୁ ଫୋପାଡି ଦେଇଥିଲେ। ଏପରିକି ନିଜ ସିଟ୍‌ରୁ ଉଠି ପଳାଇ ଯାଇ ପୁଣି ସମ୍ମୁଖ ଟେବୁଲକୁ ପିଟିଥିଲେ। କାଗଜ ଫୋପାଡିବା ଓ ଟେବୁଲ ବାଡେଇବା ସମୟରେ ନୂଆଗାଁ ବିଡିଓଙ୍କ ଉପରେ ବିରକ୍ତି ହେଉଥିବା ଦେଖାଯାଉଥିଲା। ବିଧାୟକଙ୍କ କାଗଜ ଫୋପାଡିବା ଓ ବିଡିଓଙ୍କୁ ଚାହିଁ ଉତ୍ତେଜିତ କଥା କହିବାର ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଏନେଇ ସୋସିଆଲ ମିଡିଆରେ ସମାଲୋଚନା ବି ଚାଲିଛି। ଘଟଣା ସମ୍ପର୍କରେ ନୂଆଗାଁ ବିଡିଓ ମୁହଁ ଖୋଲୁ ନାହାନ୍ତି। ଏଭଳି ଘଟଣା ପରେ ଓଏଏସ୍ ସଂଘ ଏହି ଘଟଣାକୁ ଆଗକୁ ନେବ ନା ଚୁପ ରହିବ ସମୟ କହିବ ବୋଲି ଲୋକଙ୍କ ଭିତରେ ଆଲୋଚନା ହେଉଛି ।

କାଗଜ ଫୋପାଡ଼ିବାର ଭିଡିଓ ଭାଇରାଲ

ବାପାଙ୍କ ମୃତଦେହ ମେଡିକାଲ କଲେଜକୁ ଦାନକଲେ ପୁଅ

ଶରଣକୁଳ,୧୦।୭(ଦୀପକ କର)

ମଣିଷର ପରଲୋକ ଘଟିଲେ ଅନ୍ତିମ ସଂସ୍କାର କରିବାର ପ୍ରଥା ପୂର୍ବ ପୁରୁଷରୁ ରହି ଆସିଛି। ଆଜି ବି ସମସ୍ତେ ଏହାକୁ ପାଳନ କରି ଆସୁଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ଆତ୍ମା ଶାନ୍ତି ପାଇବ ନାହିଁ ବୋଲି ବିଶ୍ୱାସ ରହିଛି। କିନ୍ତୁ ଏହାକୁ ଭୁଲ ପ୍ରମାଣିତ କରିଛନ୍ତି ଶରଣକୁଳ କଟରାଝରୀ ଗ୍ରାମର କୃଷକ ନେତା ପବିତ୍ର କୁମାର ଇନ୍ଦ୍ରଜିତ୍। ବୁଧବାର ସକାଳ ୭ଟାରେ ତାଙ୍କ ବାପା ହଜାରୀ ବରାଡଙ୍କ (୮୬) ପରଲୋକ ଘଟିଥିଲା। ହେଲେ ପବିତ୍ର ବାପାଙ୍କ ମର ଶରୀରକୁ ଗାଁ ଶ୍ମଶାନରେ ଦାହ ନ କରି ଛାତ୍ରୀଛାତ୍ରଙ୍କ ପାଠପଢା ପାଇଁ କଟକ ବଡ଼ ମେଡିକାଲ କଲେଜକୁ ପ୍ରଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଏହାଦ୍ୱାରା ଡାକ୍ତରୀ ଛାତ୍ରୀଛାତ୍ରମାନେ ପରୀକ୍ଷା, ନିରୀକ୍ଷା କରି ରୋଗର ନିରାକରଣ କରିପାରିବେ। ମୃତବ୍ୟକ୍ତିଙ୍କ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ନେଇ ଛାତ୍ରୀଛାତ୍ରମାନେ ଗବେଷଣା କରିବେ। ଏଥିରେ ସଫଳ ହେଲେ ବିଭିନ୍ନ ମାରାତ୍ମକ ରୋଗ କିମ୍ବା ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତି ଭଲ ହୋଇପାରିବ ବୋଲି ପବିତ୍ର କହିଛନ୍ତି।

ଶ୍ରୀଗୋକୁଳାନନ୍ଦଜୀଉଙ୍କ ପୀଠରେ ଗୁରୁପୂର୍ଣ୍ଣିମା

ଖଣ୍ଡପଡ଼ା,୧୦।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମସ୍ଥିତ ପ୍ରଭୁ ଶ୍ରୀଗୋକୁଳାନନ୍ଦଜୀଉଙ୍କ ପୀଠରେ ଗୁରୁବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ପୀଠର ପ୍ରତିଷ୍ଠାତା ସ୍ୱାମୀ ରାମଲକ୍ଷଣ ଦାସଜୀ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଭଜନ, ନାମ ସଂକୀର୍ତ୍ତନ, ଭାଗବତ ପାଠ ଆଦି ମାଙ୍ଗଳିକ କାର୍ଯ୍ୟ କରାଯାଇଥିଲା। ପ୍ରଭୁ ଶ୍ରୀଗୋକୁଳାନନ୍ଦଜୀଉଙ୍କ ପୀଠ ପରିଚାଳନା କମିଟିର ସମ୍ପାଦକ ଚନ୍ଦ୍ର ଶେଖର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

ସେହିପରି ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଖଣ୍ଡ କାର୍ଯ୍ୟବାହ ଜ୍ଞାନ ରଞ୍ଜନ ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଖଣ୍ଡ ସଂଘ ଚାଳକ ହେମନ୍ତ ଖୁଣ୍ଟିଆ ଏବଂ ସହ ବିଭାଗ ବୌଦ୍ଧିକ ପ୍ରମୁଖ ଭଗବାନ ଦେହୁରୀ ଯୋଗଦେଇ ମହର୍ଷି ବ୍ୟାସଦେବଙ୍କ ନୀତି ଓ ଆଦର୍ଶ ଉପରେ ଆଲୋଚନା କରିବା ସହିତ ଗୁରୁ ପୂର୍ଣ୍ଣିମାର ମହତ୍ୱ ସମ୍ପର୍କରେ ସମସ୍ତଙ୍କୁ ବୁଝାଇଥିଲେ। ଅପରପକ୍ଷେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଗୁରୁ ପୂର୍ଣ୍ଣିମା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ

ଦୁର୍ନୀତିରେ ବୁଡ଼ିଛି ୬ ପାକ୍ସ

- ବଡ଼ଚଣା ବିଧାୟକଙ୍କ ଅଭିଯୋଗ ପରେ ଚର୍ଚ୍ଚା
- ସମବାୟ ସମିତି ନିବନ୍ଧକଙ୍କ ତଦନ୍ତ ନିର୍ଦ୍ଦେଶ
- କାର୍ଯ୍ୟାନୁଷ୍ଠାନ ନେଇ ଆଶାବାଦୀ ପ୍ରଭାବିତ ଚାଷୀ

ଯାଜପୁର,୧୦।୭(ହର୍ଷବର୍ଦ୍ଧନ ବେହେରା) :

କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟରତ ଯାଜପୁର ଜିଲାର ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ଗୁଡିକ ମଧ୍ୟରୁ ଅଧିକାଂଶ ଦୁର୍ନୀତିରେ ବୁଡି ରହିଛି। ଏ ସଂକ୍ରାନ୍ତରେ ପ୍ରଭାବିତ ଚାଷୀକୂଳ ବିଭିନ୍ନ ସମୟରେ ଅଭିଯୋଗ କରିଛନ୍ତି। ହେଲେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଏକାଧିକ ତଦନ୍ତ ନିର୍ଦ୍ଦେଶ କେବଳ ପତ୍ରରେ ସୀମିତ ରହିଛି। ଏବେ ୬ ପାକ୍ସ ଦୁର୍ନୀତି ଓ ଆର୍ଥିକ ଅନିୟମିତତାରେ ଛନ୍ଦି ହୋଇପଡିଛି । ଏ ସଂକ୍ରାନ୍ତରେ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ଅଭିଯୋଗ ପରେ ରାଜ୍ୟ ସେବା ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ବିଧାୟକ ନାୟକଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଅଣକା, ଚାରିନଙ୍ଗଳ, ଭରତପୁର, ସାଉଡିଆ, ରଇପୁର ଓ ଗୋପାଳପୁର ପାକ୍ସ କର୍ତ୍ତୃପକ୍ଷ


SHRI AMAR KUMAR NAYAK, M.L.A
BADACHANA
ODISHA LEGISLATIVE ASSEMBLY
Mob: 8755800000
9937163088
Email ID: amar.k.nayak73@gmail.com
Ref. No. 2C/ 80825
Date 05/04/25
The Hon'ble Minister,
Co-operation, Handlooms, Textiles & Handicrafts Deptt.
Govt. Odisha, Bhubaneswar
Subject: Allegations of Corruption and Financial Irregularities in Primary Agricultural Credit Societies (PACS)
Respected Sir,
I am writing to bring to your immediate attention serious concerns raised by the members of following Primary Agricultural Credit Societies (PACS) operating under the Central Cooperative Bank, regarding widespread allegations of corruption and financial irregularities. These irregularities have been allegedly carried out under the administration of the current Executive Officer, who is said to have fabricated documentation, resulting in significant losses to the poor farmer members of these societies. Whose members are being harassed and severely impacted by the ongoing malpractices, are as follows:
Sl.No. Name of the PACS
01 Anaka Agricultural Credit Societies (PACS)
02 Charinangal Agricultural Credit Societies (PACS)
03 Bhusandpur Agricultural Credit Societies (PACS)
04 Saudia Agricultural Credit Societies (PACS)
05 Raipur Agricultural Credit Societies (PACS)
06 Gopalpur Agricultural Credit Societies (PACS)
It has come to light that these societies are facing severe distress due to these corrupt practices, which are not only damaging the trust of the members but also threatening the financial stability of the societies involved. The financial irregularities include manipulation of records, false documentation, and unlawful withdrawals, among other forms of corruption. These actions are further causing emotional and financial turmoil to the poor farmer members, who depend on these societies for their livelihood.
Given the gravity of the situation and the suffering endured by the affected members, I kindly urge your esteemed office to take immediate and decisive action by conducting a thorough, impartial investigation into the functioning of these PACS under the current Executive Officer. It is essential that the investigation is carried out transparently and effectively to uncover the truth and restore the credibility of the cooperative system.
Furthermore, I request that an interim administration be appointed to oversee the operations of these societies until the investigation is concluded, and accountability is established. This will ensure that the operations continue smoothly without further exploitation of the members, and justice is served to those who have been wronged.
With Regards.
Yours Sincerely,
(Amar Kumar Nayak)
ବିଧାୟକ, ବଡ଼ଚଣା
MLA, Badachana

ବିଧାୟକ ମନ୍ତ୍ରୀଙ୍କୁ ଲେଖିଥିବା ଚିଠି ।


OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR
PT2-RCSO-BANK3-MISC-0076/2024 12316 BK-10/Date 9.7.25
To
The Deputy Registrar of Cooperative Societies, Jajpur Division, Jajpur.
Sub: Allegation petitions of Sri Amar Kumar Nayak, Hon'ble MLA, Badachana regarding corruption and financial irregularities in the PACS.
Sir,
Enclosed, please find herewith a copy of the allegation petition of Sri Amar Kumar Nayak, Hon'ble MLA, Badachana regarding corruption and financial irregularities in 6 nos. PACS under DRCS Jajpur, received from the Hon'ble Minister, Cooperation, Odisha, which is self-explanatory.
In this context, I am directed to request you to inquiry into the matter and take appropriate action as per law and submit the inquiry report/action taken report to this Directorate at the earliest.
Yours faithfully,
Asst. Registrar
Cooperative Societies (Credit-1)
Memo No. 12317 /Dt. 9.7.25
Copy along with copy of the enclosure forwarded to the Sr. ARCS Jajpur Circle, Jajpur for information and necessary action.
Asst. Registrar
Cooperative Societies (Credit-1)
Memo No. 12318 /Dt. 9.7.25
Copy along with copy of the enclosure forwarded to the CEO, Cuttack CCB, Cuttack for information and necessary action.
Asst. Registrar
Cooperative Societies (Credit-1)
Memo No. 12319 /Dt. 9.7.25
Copy submitted to the P.S. to Hon'ble Minister, Cooperation for kind information of Hon'ble Minister with reference to Dy. No.67/VIP/MSCHT&H dated.15.04.2025 & Dy. No.78/VIP/MSCHT&H dated.25.04.2025.
Asst. Registrar
Cooperative Societies (Credit-1)
PT2-RCSO-BANK3-MISC-0076-2024/3/2025

ତଦନ୍ତ ପାଇଁ ଆସିଥିବା ଚିଠି ।

ଦୁର୍ନୀତି ଏବଂ ଆର୍ଥିକ ଅନିୟମିତତାରେ ବୁଡି ରହିଛନ୍ତି। ଏହି ଅନିୟମିତତାଗୁଡ଼ିକ ବର୍ତ୍ତମାନର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଇଙ୍ଗିତରେ କରାଯାଉଛି, ଯାହାଙ୍କ ପାଖରେ ସମସ୍ତ ଜାଲ କାଗଜପତ୍ର ଅଛି ବୋଲି ଅଭିଯୋଗ ହୋଇଛି। ଏଥିଯୋଗୁ ଏହି ପାକ୍ସ ଅଧୀନରେ ଥିବା ଗରିବ ଚାଷୀମାନେ ପ୍ରଭାବିତ ହେବା ସହ କ୍ଷତି ସହୁଛନ୍ତି। ଏହାବାଦ୍ ଉକ୍ତ ପାକ୍ସଗୁଡ଼ିକ ଗୁରୁତର ଅସୁବିଧାର ସମ୍ମୁଖୀନ ହେଉଛି, ଯାହା କେବଳ ଚାଷୀଙ୍କ ବିଶ୍ୱାସକୁ କ୍ଷତି ପହଞ୍ଚାଉ ନାହିଁ ବରଂ ସମ୍ପୃକ୍ତ ପାକ୍ସଗୁଡ଼ିକର ଆର୍ଥିକ ସ୍ଥିରତାକୁ ମଧ୍ୟ ବିପଦରେ ପକାଇଛି। ଆର୍ଥିକ ଅନିୟମିତତା ମଧ୍ୟରେ ରେକର୍ଡ ହେରଫେର, ମିଥ୍ୟା କାଗଜପତ୍ର ଏବଂ ବେଆଇନ ଉଠାଣ ଅନ୍ତର୍ଭୁକ୍ତ। ତେଣୁ ଏକ ସମ୍ପୂର୍ଣ୍ଣ, ନିରପେକ୍ଷ ତଦନ୍ତ କରି ତୁରନ୍ତ ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି। ସତ୍ୟ ଉନ୍ମୋଚନ ଏବଂ ସମବାୟ ବ୍ୟବସ୍ଥାର ବିଶ୍ୱସନୀୟତା ଫେରାଇ ଆଣିବା ପାଇଁ ସ୍ୱଚ୍ଛ ଏବଂ ପ୍ରଭାବଶାଳୀ ଭାବେ ତଦନ୍ତ କରାଯିବା ଅତ୍ୟନ୍ତ ଜରୁରୀ। ଏହିକ୍ରମରେ ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ଏହି ସୋସାଇଟିଗୁଡ଼ିକର କାର୍ଯ୍ୟ ତଦାରଖ କରିବା ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ପ୍ରଶାସକ ନିଯୁକ୍ତ କରାଯାଉ ବୋଲି ବିଧାୟକ ନାୟକ ଦାବି କରିଛନ୍ତି।

ଏହାପୂର୍ବରୁ ୨୦୨୧ରେ ବଡଚଣା ପାକ୍ସରେ ପୈତୃକ ଚାଷଜମିକୁ ଜାଲିଆତି କରି କେତେଜଣ ଲୋକଙ୍କ ନାମରେ ଅଦ୍‌ଲାଇନ କରାଇ ସେମାନଙ୍କଠାରୁ ଧାନ କିଣାଯାଇଥିଲା। ସମିତିରୁ ଟୋକନ ପାଇ ଧାନ ବିକ୍ରି କରିଥିବା ବ୍ୟକ୍ତିମାନେ ଏହି ଜମି ମାଲିକଙ୍କ ନାତି, ପୁତୁରା ଆଦି ସମ୍ପର୍କ ଥିଲା ବୋଲି ୧୫ ଜଣ ଚାଷୀ ଅଭିଯୋଗ କରିଥିଲେ। ଏନେଇ ସେତେବେଳେ ରାଜ୍ୟ ସେବା ସମୟ ସମିତି ପକ୍ଷରୁ ତଦନ୍ତ ନିର୍ଦ୍ଦେଶରେ ସୀମିତ ରହିଥିଲା। ଜିଲାର ମାର୍କଣ୍ଡପୁର, ମହିଶରା, ବନ୍ଦାଳୋ ଇତ୍ୟାଦି ପାକ୍ସରେ ଏଭଳି ଧାନ କିଣାରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇ ଆସୁଛି। ୨୦୨୨ରେ ୧୧ ପାକ୍ସରେ ଧାନ କିଣାରେ ଭେଣ୍ଡର ରସିଦ ଜାଲିଆତି କରି ହେରାଫେରି ହୋଇଥିଲା। ଏଥିରେ ବିନା ଧାନରେ ଅଗ୍ରୀମ ଭେଣ୍ଡର ରସିଦ ପ୍ରସ୍ତୁତ କରି ସମୁଦାୟ ୨୦,୬୯୭ କୁଇଣ୍ଟାଲ ଧାନ କିଣାଯାଇଥିଲା। ଦୁଇଟି ପର୍ଯ୍ୟାୟରେ ହୋଇଥିବା ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ ରିପୋର୍ଟରେ ଏହା ସ୍ପଷ୍ଟ ହୋଇଥିଲା। ଜିଲାରେ ଏଭଳି ଶତାଧିକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ତେଣୁ ବର୍ତ୍ତମାନ ୬ ପାକ୍ସରେ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ଅଭିଯୋଗ ଉପରେ ଜଣେ ଜନପ୍ରତିନିଧି ତଥା ଦାୟିତ୍ୱବାନ ବିଧାୟକଙ୍କ ନିବେଦନ ନିହାତି ପକ୍ଷେ କାର୍ଯ୍ୟକାରୀ ହେବ ବୋଲି ଚାଷୀମାନେ ଆଶାବାଦୀ ଅଛନ୍ତି।

୩ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଯାଜପୁର ଟାଉନ,୧୦।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଗିରଫ ଅଭିଯୁକ୍ତ ।

ଯାଜପୁର ଅବକାରୀ ଥାନା ପୋଲିସ ଚଢ଼ାଉ କରି ୩୨ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଆଙ୍ଗୁଳା ଗ୍ରାମର ପରମେଶ୍ୱର ପଣ୍ଡା। ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ମକେଇପୁର ନିକଟରେ ପରମେଶ୍ୱରଙ୍କୁ ସନ୍ଦେହରେ ଅଟକାଇ ପଚରାଉଚରା କରିବା ସହ ଯାଞ୍ଚ କରିଥିଲା। ଏହି ସମୟରେ ତାଙ୍କ ନିକଟରୁ ବ୍ରାଉନସୁଗର ମିଳିଥିଲା। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ଥାନାଧିକାରୀ ପ୍ରଦୀପ କୁମାର ରଥ ସୂଚନା ଦେଇଛନ୍ତି। ଚଢ଼ାଉରେ ଏଏସ୍‌ଆଇ ସରୋଜ କୁମାର, ରାକେଶ ମୁର୍ମୁ, ଏସ୍‌ଆଇ ଶୁଭଶ୍ରୀ ଚକ୍ର, ରାମେଶ୍ୱର ମହାନ୍ତି ଓ ସ୍ୱର୍ଣ୍ଣଲତା ଦାସ ପ୍ରମୁଖ ସାମିଲ ହୋଇଥିଲେ।

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାରପିଟ, ୨ ଗିରଫ

ରସୁଲପୁର,୧୦।୭(ରଞ୍ଜିତ ରାଉତ):

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କୁଆଖିଆ ଥାନା ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତରେ ବୁଧବାର ରାତିରେ ୨ଟି ପରିବାର ମଧ୍ୟରେ ମାରପିଟ ହୋଇଛି। ଉକ୍ତ ଗଣ୍ଡଗୋଳରେ ଉଭୟ ପକ୍ଷରୁ ୨ଜଣ ଲେଖାଏ ୪ଜଣ ଆହତ ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଉଭୟ ପକ୍ଷରୁ ଜଣେ ଲେଖାଏ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ରସାନନ୍ଦ ବେହୁରା(୪୬) ଓ ଚନ୍ଦ୍ରଶେଖର ବେହୁରାୟ(୩୬)।

ବାସନ୍ତି ବେହୁରାୟ ପରିବାର ଓ ରସାନନ୍ଦ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାରୁ ବଚସା ହୋଇଥିଲା। ପରେ ମାରିପିଟ ହୋଇଥିଲା। ଏଥିରେ ବାସନ୍ତି ଓ ତାଙ୍କ ପୁଅ ଚନ୍ଦ୍ରଶେଖର ବେହୁରାୟ, ପ୍ରତିପକ୍ଷ ରସାନନ୍ଦ ବେହୁରାୟ ଓ ତାଙ୍କର ଅନ୍ୟ ଜଣେ ଆହତ ହୋଇଥିଲେ। ସେମାନେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବାସନ୍ତିଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୨୬୪/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରତିପକ୍ଷ ରସାନନ୍ଦଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୨୬୫/୨୫ରେ ଅନ୍ୟ ଏକ ମାମଲା ରୁଜୁ କରିଥିଲା। ୨୬୪ନଂ. କେସ୍‌ରେ ରସାନନ୍ଦ ଓ ୨୬୫ନଂ. କେସ୍‌ରେ ଚନ୍ଦ୍ରଶେଖରଙ୍କୁ ପୋଲିସ ଗିରଫ କରିଥିଲା। ଏଏସ୍‌ଆଇ ନରେନ କିଶୋର ଦାସ ମାମଲାର ତଦନ୍ତ କରୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ଗଣେଶ୍ୱର

@ କେଦାର

@ ମନୁଶ୍ରୀ

@ ସ୍ୱାତି ସୁପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଅଭିଯୁକ୍ତ ସ୍ୱାମୀ ଗିରଫ

ସ୍ତ୍ରୀ, ପ୍ରେମିକଙ୍କୁ ଆକ୍ରମଣ ଘଟଣା

ଅଭିଯୁକ୍ତ ସ୍ୱାମୀ ମନୋଜ ମହାନ୍ତି।

ଯାଜପୁର ଟାଉନ,୧୦।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ସ୍ୱାମୀ ନିଜ ସ୍ତ୍ରୀ ଓ ତାଙ୍କ ପ୍ରେମିକଙ୍କ ବେକ କାଟିବା ଘଟଣାରେ ଯାଜପୁର ଟାଉନ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମହିଳାଙ୍କ ସ୍ୱାମୀ କୋରେଇ ଥାନା ଅଧୀନ ଚୋରଦା ଅଞ୍ଚଳର ମନୋଜ ମହାନ୍ତିଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କର ଅନ୍ୟ ୨ ସହଯୋଗୀ ଫେରାର ହୋଇଛନ୍ତି। ଅନ୍ୟ ପକ୍ଷରେ ଆହତ ଦ୍ୱୟଙ୍କ ଅବସ୍ଥା ଗୁରୁତର ଥିବାରୁ ଏସ୍‌ଆଇ ଅଜୟ ସାହୁ କଟକ ବଡ଼ଡାକ୍ତରଖାନାକୁ ଯାଇ ସେମାନଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରିଛନ୍ତି।

ଗତ ବୁଧବାର ଯାଜପୁର ଟାଉନ ଥାନା ଅଧୀନ ଟିପରା ନିକଟରେ ଏହି ଘଟଣା ଘଟିଥିଲା। ମନୋଜଙ୍କ ସ୍ତ୍ରୀ ଡଲି ମହାନ୍ତି ଓ ତାଙ୍କ ପ୍ରେମିକ କୋରେଇ ବ୍ରାହ୍ମଣଦା ବଢ଼େଇ ସାହି ଗ୍ରାମର ପ୍ରଶାନ୍ତ ନାଥ ବଜାରକୁ ଚାଉଳ କିଣିବାକୁ ଯାଉଥିଲେ। ଏହି ସମୟରେ ମନୋଜ ଓ ତାଙ୍କର ଦୁଇଜଣ ସାଥୀ ଆସି ଡଲି ଓ ତାଙ୍କ ପ୍ରେମିକ ପ୍ରଶାନ୍ତଙ୍କୁ କାବୁକରି ଦୌଡ଼ିରେ ବାନ୍ଧି ଉଭୟଙ୍କୁ ହତ୍ୟା ଯୋଜନା କରୁଥିଲେ। ଉଭୟ ପାଟିତୁଣ୍ଡ କରିବାରୁ ମନୋଜ ଡଲିଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ କାଟିବା ସହ ପ୍ରେମିକ ପ୍ରଶାନ୍ତଙ୍କ ବେକ ଓ ଗୁପ୍ତାଙ୍ଗକୁ କାଟି ଫୋପାଡ଼ି ଦେଇ ପଳାଇଥିଲେ। ଲୋକେ ସେମାନଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

ଯାଜପୁର ଏସ୍‌ଡିପିସ ପ୍ରଶାନ୍ତ ମାଝୀ, ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ଓ ସଦର ଥାନାଧିକାରୀ ଚିନ୍ମୟୀ ବେହେରା ମେଡିକାଲକୁ ଯାଇ ଆହତଙ୍କୁ ଭେଟିବା ସହ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ମହେନ୍ଦ୍ରୀ ସେଠୀ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ମନୋଜଙ୍କୁ ଗିରଫ କରି ଘଟଣାସ୍ଥଳକୁ ନେଇ ପଚରାଉଚରା କରିଥିଲେ।

ମନୋଜ ୨୦୧୦ ଜୁଲାଇ ୯ରେ ଡଲିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଉଭୟଙ୍କର ୧୪ ବର୍ଷର ପୁଅ ଓ ୧୦ ବର୍ଷର ଝିଅ ଅଛନ୍ତି। ପ୍ରଶାନ୍ତ ରାଜମିସ୍ତ୍ରୀ ଭାବେ ମନୋଜଙ୍କ ଘର କାମ କରୁଥିବାବେଳେ ଡଲିଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଉଭୟ ଘର ଛାଡ଼ି ପଳାଇ ଯାଇଥିଲେ। ସେହିଦିନଠାରୁ ମନୋଜ ଉଭୟଙ୍କୁ ଖୋଜି ବୁଲୁଥିଲେ ବୋଲି କହିଛନ୍ତି।

ଭିତରପଟୁ ତାଲା ପକାଇ ଅଟକ ରଖିଥିଲେ: ଇଓ

ବ୍ୟାସନଗର ପୌରପରିଷଦରେ ଟେଣ୍ଡର ବିବାଦ ଘଟଣା

- କାଉନସିଲରମାନଙ୍କୁ ଗିରଫ ଦାବି କଲା ଭାଜପା

ଯାଜପୁର,୧୦।୭ (ହର୍ଷବର୍ଦ୍ଧନ ବେହେରା):

ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ । ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତା ।

ବ୍ୟାସନଗର ପୌର ପରିଷଦରେ ଟେଣ୍ଡର ବିବାଦ ଆହୁରି ଘନୀଭୂତ ହେବାରେ ଲାଗିଛି। ଉଭୟ ଭାଜପା ଓ ବିଜେଡି ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲାଗି ରହିଛି। ସହରର ବିକାଶରେ ଭାଜପା ବାଧକ ସାଜିଛି ବୋଲି ବିଜେଡି ଅଭିଯୋଗ କରିଥିବାବେଳେ ଚାନ୍ଦା ଆଦାୟ କରିବାକୁ ବିଜେଡି କାଉନସିଲରମାନେ ଯୋଜନା କରୁଛନ୍ତି ବୋଲି ଭାଜପା ଓଲଟା ଜବାବ ରଖିଛି। ଅନ୍ୟପକ୍ଷେ ପୌର ନିର୍ବାହୀ ଅଧିକାରୀ(ଇଓ) ପ୍ରଦୀପ କୁମାର ପାଢୀ ଗୁରୁବାର କାର୍ଯ୍ୟରେ ଯୋଗଦେଇ କାଉନସିଲରମାନେ ଅଫିସ ଭିତର ପଟୁ କବାଟରେ ତାଲା ପକାଇ ଅପରାହ୍ନ ୩ଟାରୁ ୧୦ଟା ପର୍ଯ୍ୟନ୍ତ ଧାରଣାରେ ବସି ମୋତେ ଅଟକ ରଖିଥିଲେ ବୋଲି ସ୍ୱୀକାର କରିଛନ୍ତି। ଏନେଇ ସେ ପୋଲିସରେ ଅଭିଯୋଗ କରିବା ପୂର୍ବରୁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଟେଣ୍ଡର ପ୍ରକ୍ରିୟାକୁ ନେଇ ହୋହଲ୍ଲା ହେବା ସହ ଏବେ ହିଁ ଫାଇଲରେ ଦସ୍ତଖତ କରନ୍ତୁ ବୋଲି ସେମାନେ ଅଡି ବସିଥିଲେ। ତେବେ ତାଙ୍କ ଦେହ ଅସୁସ୍ଥ ଥିବାରୁ ସେ ଅଫିସରୁ ଯିବାକୁ ଅନୁରୋଧ କରି ପରଦିନ ଛୁଟିରେ ଯାଇଥିଲେ। ଟେଣ୍ଡର ପ୍ରକ୍ରିୟାକୁ ବନ୍ଦ କରିବାକୁ କୌଣସି ପ୍ରକାର ଚାପ ସୃଷ୍ଟି କରାଯାଇ ନାହିଁ, କେବଳ ଏକ ଅଭିଯୋଗ ପାଢୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ତେବେ ଏହି ସମସ୍ତ ଘଟଣାରେ କୋରେଇ ବିଧାୟକଙ୍କ ସମ୍ପୃକ୍ତି ଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। କିନ୍ତୁ ବିଧାୟକଙ୍କୁ ଟାଣି ଓଟାରି ଏଥିରେ ସାମିଲ କରି ତାଙ୍କ ସମ୍ମାନହାନି କରାଯାଉଥିବା ଭାଜପା ପକ୍ଷରୁ ଅଭିଯୋଗ ହେବା ସହିତ ସହରର ବିକାଶ ପାଇଁ ବିଧାୟକ ତତ୍ପର ରହିଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଭାଜପା ପକ୍ଷରୁ ଆହୁରି ଅଭିଯୋଗ ହୋଇଛି, ଟେଣ୍ଡର କରି ସରକାରୀ ଅର୍ଥ ହରିଲୁଟ କରିବାକୁ ଯୋଜନା କରୁଥିବାବେଳେ ଏହାକୁ ବିରୋଧ କରିବାରୁ ନିର୍ବାହୀ ଅଧିକାରୀଙ୍କୁ ଗତ ୨୬ ତାରିଖରେ ୨୦ଜଣ କାଉନସିଲର ଅଫିସ ଭିତରେ ଅଟକ ରଖି ମାନସିକ ନିର୍ଯାତନା ଦେଇଥିଲେ। ଏପରିକି ସମ୍ପୃକ୍ତ ଅଧିକାରୀ ଅସୁସ୍ଥ ହୋଇ ପରଦିନ ମେଡିକାଲରେ ଭର୍ତ୍ତି ହୋଇଥିଲେ । ତେବେ ଅଭିଯୋଗ ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଏବଂ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରା ବ୍ୟାସନଗର ପୌର ପରିଷଦରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ତଦନ୍ତ ରିପୋର୍ଟ ଆସିନାହିଁ କିନ୍ତୁ କାଉନସିଲରମାନେ ଏତେ ବ୍ୟସ୍ତ ବିବ୍ରତ କାହିଁକି ବୋଲି ଭାଜପା ପକ୍ଷରୁ ପ୍ରଶ୍ନ କରାଯାଇଛି।

ବ୍ୟାସନଗର ସହରର ବିକାଶ କରିବା ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସ କୁଆଡେ ଗଲେ, ନିର୍ବାଚନ ପରଠାରୁ ଆଜି ପର୍ଯ୍ୟନ୍ତ ତାଙ୍କର ଦେଖାନାହିଁ । ନିର୍ବାଚନରେ ପରାଜିତ ହେଲାପରେ ରାଗରେ ତାଙ୍କ ପୁଅ ପ୍ରଣବ ପ୍ରକାଶ ଦାସ ଓରଫ ବବି ବ୍ୟାସନଗର ସହରର ବିକାଶକୁ ଷଡଯନ୍ତ୍ର କରି ବିନାଶ କରିବା ପାଇଁ ନକ୍ସା ପ୍ରସ୍ତୁତ କରି ଏପରି ଘଟଣା ସବୁ ଘଟାଉଛନ୍ତି । ବ୍ୟାସନଗର ସହରର ବିକାଶ ଗତ ୨୪ ବର୍ଷରେ କ'ଣ ହୋଇଛି ତାହା ସମସ୍ତେ ଜାଣିଛନ୍ତି । ଭାଜପା ସରକାର ବ୍ୟାସନଗର ସହରର କିପରି ବିକାଶ କରିବ ତାହା ସହରବାସୀ ଆଗାମୀ ଦିନରେ ଦେଖିପାରିବେ । ବିଜେଡି କାଉନସିଲରମାନେ ପୌର ପରିଷଦର ଜଣେ ଆଦିବାସୀ ମହିଳା ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି କ'ଣ ବିକାଶର ବାର୍ତ୍ତା ଦେଉଛନ୍ତି ସହରବାସୀ ସବୁ ବୁଝି ପାରୁଛନ୍ତି। ବିଜେଡି କାଉନସିଲରମାନେ ସବୁ ସମୟରେ କହୁଛନ୍ତି ବିକାଶ କରିବା ପାଇଁ ଚେଷ୍ଟା କରୁଛୁ, ଆମକୁ ବାଧା ଦିଆଯାଉଛି। ତାହା ସମ୍ପୂର

ଦେବବ୍ରତ ବେହେରା ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ସାଧାରଣ ସମ୍ପାଦକ

ତିର୍ତ୍ତୋଲ, ୧୦।୭
(ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ୧ ନଂ ଜୋନର ପୂର୍ବତନ ଜିଲାପରିଷଦ ସଭ୍ୟ ଦେବବ୍ରତ ବେହେରାଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସର ଅନୁସୂଚିତ ଜାତି (ଏସ.ସି) ବିଭାଗର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ମାନସ ମଲ୍ଲିକଙ୍କ ପ୍ରସ୍ତାବକ୍ରମେ ତାଙ୍କୁ ଏହି ପଦବୀ ଦିଆଯାଇଛି। ଅଖିଳ ଭାରତ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜେନ୍ଦ୍ର ପାଲ ଗୌତମ ଏହି ଅନୁମୋଦନ କରିଛନ୍ତି। ଜଗତ୍‌ସିଂହପୁର ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଦାଇଁଲୋ। ପଞ୍ଚାୟତ ପୋସଲ ଗ୍ରାମର ଦେବବ୍ରତ ଛାତ୍ର ରାଜନୀତିରୁ ରାଜନୈତିକ କ୍ୟାରିୟର ଆରମ୍ଭ କରି ତିର୍ତ୍ତୋଲ କଲେଜର ସାଧାରଣ ସମ୍ପାଦକ ଭାବେ ବିଜୟୀ ହୋଇଥିଲେ। ତାଙ୍କ ଦକ୍ଷତାକୁ ଅନୁଭବ କରି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ତାଙ୍କୁ ତିର୍ତ୍ତୋଲ ଜୋନ ନଂ.୧ ରୁ କଂଗ୍ରେସ ଜିଲାପରିଷଦ ଟିକେଟ ଦେଇଥିଲେ। ସେ ନିଜ ସାଙ୍ଗଠନିକ ଦକ୍ଷତା ବଳରେ ୧୯୯୭ରେ ବିଜୟୀ ହୋଇଥିଲେ। ଏହି ନୂତନ ନିଯୁକ୍ତି ନେଇ ଦେବବ୍ରତ ପାଲ୍ୟାମେଣ୍ଟର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅନୁସୂଚିତ ଜାତି ବିଭାଗର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜେନ୍ଦ୍ର ପାଲ ଗୌତମ, ରାଜ୍ୟ ସଭାପତି ମାନସ ମଲ୍ଲିକ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ଏମ୍‌ପି ରଞ୍ଜୀବ ବିଶ୍ୱାଳଙ୍କ ସମେତ ରାଜ୍ୟ କଂଗ୍ରେସର ସମସ୍ତ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଆସିଲା ମହାନଦୀର ବନ୍ୟାଜଳ: ଲୋକେ ଆତଙ୍କିତ

କୁଜଙ୍ଗରେ ପ୍ରବାହିତ ମହାନଦୀରେ ପ୍ରଥମ ବନ୍ୟାଜଳ।

କୁଜଙ୍ଗ,୧୦।୭ (ମନୋଜ ପ୍ରଧାନ)

ହୀରାକୁଦ ଜଳଭଣ୍ଡାର ଫାଟକ ଖୋଲିବା ପରେ ଜଗତ୍‌ସିଂହପୁର ଜିଲାରେ ମହାନଦୀର ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି। ଏନେଇ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବିଶେଷ କରି ପରିବା ଚାଷୀ ଓ ଗୋପାଳକ ଭୟଭୀତ ହୋଇଯାଇଛନ୍ତି। ବନ୍ୟାଜଳ ଅଦ୍ୟାବଧି ଗାଁ କି କ୍ଷେତକୁ ପ୍ରବେଶ କରିନାହିଁ। ହୀରାକୁଦ ଜଳ ଭଣ୍ଡାରର ୧୪ ଟି ଫାଟକ ବନ୍ଦ କରାଯାଇଥିବାରୁ ରାତି ସୁଦ୍ଧା ଜଳସ୍ତର କମିବ ବୋଲି ଧୋଇଆ ଅଞ୍ଚଳବାସୀ ଆଶା ରଖିଛନ୍ତି। କୁଜଙ୍ଗ ବ୍ଲକର ୧୦ଟି ପଞ୍ଚାୟତ ଯଥାକ୍ରମେ କାଠକୋଟ, ହଂଶୁରା, ବଡ ବାଲିକଣି ଓ ଜିଲାନାଶି ପଞ୍ଚାୟତ ସମ୍ପୂର୍ଣ୍ଣ ଧୋଇଆ ଅଞ୍ଚଳ ହୋଇଥିବା ବେଳେ ତାଳପଡା, ଶାଇଲୋ, ମହ୍ଲାସାହି, କୁଜଙ୍ଗ ଭୂତାମୁଣ୍ଡାଇ ଓ ନୂଆଗଡ ପଞ୍ଚାୟତ ସବୁ ବନ୍ୟା ପ୍ଲାବିତ ହୁଏ।ଯଦି ମହାନଦୀର ଜଳସ୍ତର ବୃଦ୍ଧି ପାଇ କ୍ଷେତରେ ପ୍ରବେଶ କରେ ବହୁ କୋଟି ଟଙ୍କାର ପରିବା ଚାଷ ନଷ୍ଟ ହେବା ସାଙ୍ଗକୁ ଗୋ ମଇଁଷି ଆଦି ପ୍ରାଣୀ ଚାରଣ ଭୂଇଁ ନପାଇ ହନ୍ତସନ୍ତ ହେବେ ବୋଲି ଜିଲାନାଶି ପଞ୍ଚାୟତର ଗୋପାଳକ କାଳନ୍ଦୀ ଦାସ କହିଛନ୍ତି।

ବରଘରୁ ନବବିବାହିତା କନ୍ୟାକୁ ନେଇଗଲେ ମା'

- ଚତୁର୍ଥୀ ଭୋଜି ନଷ୍ଟ ହେଲା
- ଗ୍ରାମବାସୀ, ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ହେଲା ରାଜିନାମା

ରଘୁନାଥପୁର,୧୦।୭ (ରାଜେନ୍ଦ୍ର ନାରାୟଣ ସିଂହ)

ଧୁମ୍ଧାମରେ ବାହାଘର ହୋଇଥିଲା। ବରଘର ପକ୍ଷରୁ ଚତୁର୍ଥୀ ଭୋଜି ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ଘରେ ବନ୍ଧୁବାନ୍ଧବ, ସାଇପଡ଼ିଶା ଓ ଆତ୍ମୀୟ ସ୍ୱଜନଙ୍କ ଗହଳି ଲାଗିଥିଲା। ହଠାତ୍ ପୋଲିସ ଭ୍ୟାନ ଘର ପାଖରେ ପହଞ୍ଚିବା ପରେ ସବୁ ଫସର ଫାଟଗଲା। ଗ୍ରାମବାସୀ ଓ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ରାଜିନାମା ହେବା ପରେ ନବବିବାହିତା କନ୍ୟା ତାଙ୍କ ମା'ଙ୍କ ସହ ବୁଧବାର ରାତିରେ ଘରକୁ ଫେରିଯାଇଛନ୍ତି। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ତଁରା ପଞ୍ଚାୟତ ଅନ୍ତର୍ଗତ ଶାଳୀଜଙ୍ଗା ମୁଗଅଣ୍ଡା ପଡ଼ା ଗ୍ରାମରେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ମିଳିଥିବା ସୂଚନା ଅନୁଯାୟୀ, ଜୁଲାଇ ୫ରେ ତାରପୁରସ୍ଥିତ ମା'ନାରାୟଣୀ ମନ୍ଦିରରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗୁଷ୍ଠିଲ ଗ୍ରାମର ସୁରେଶ ନାୟକଙ୍କ ସାନ ଝିଅ ଦେବଦର୍ଶନୀଙ୍କୁ ସହ ସରପଞ୍ଚ ଓ ଭଦ୍ରଲୋକଙ୍କ ଉପସ୍ଥିତିରେ ଲେଖାପଢ଼ା କରି ଝିଅକୁ ନେଇଯିବା ପାଇଁ ଗ୍ରାମବାସୀ ଅଡ଼ିବସିଥିଲେ। ଦୀର୍ଘ ୭ ଘଣ୍ଟାର କସରତ ପରେ ବଣ୍ଡ ପେପରରେ କନ୍ୟା ଦେବଦର୍ଶନୀ ତାଙ୍କ ମା', ବଡ଼ ଭଉଣୀ ଓ ମାମୁ ଦସ୍ତଖତ କରିବା ସହ ବର ପକ୍ଷର ସମସ୍ତ ଅଳଙ୍କାର ଫେରସ୍ତ କରି ଦେବଦର୍ଶନୀଙ୍କୁ ସାଙ୍ଗରେ ଧରି ଘରକୁ ଫେରିଛନ୍ତି। ଏହି ରାଜିନାମା ଲେଖାବେଳେ ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ, ଅଜୟ ପାଲଟାସିଂ, ନିତ୍ୟାନନ୍ଦ ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର, ସୁଦର୍ଶନ ଯୋଗାଣିଆ, ଅଜୟ ପାଣି, ଶୈଳେଶ ମହାପାତ୍ରଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ଆସନ୍ତା ୧୫ ଦିନ ଭିତରେ ଉଭୟ ପକ୍ଷ ଥାନାରେ ବସି ଆଲୋଚନା କରିବେ ବୋଲି ଏସ୍‌ଆଇ ବେହେରା ପ୍ରକାଶ କରିଛନ୍ତି। ଏହି ଘଟଣା ପରେ ବରଘର ପକ୍ଷରୁ ରନ୍ଧା ହୋଇଥିବା ୫୦୦ ଲୋକଙ୍କ ଖାଦ୍ୟ ସମ୍ପୂର୍ଣ୍ଣ ପୋତା ଯାଇଥିବା ଜଣାପଡ଼ିଛି।

ଲକ୍ଷେଟଙ୍କା ପାଇଁ ଝିଅକୁ ମାରିଦେବା ଘଟଣା: ଜେଲ ଗଲେ ଅଭିଯୁକ୍ତ ସ୍ୱାମୀ

ରଘୁନାଥପୁର,୧୦।୭ (ରାଜେନ୍ଦ୍ର ନାରାୟଣ ସିଂହ)

ଲକ୍ଷେ ଟଙ୍କା ପାଇଁ ମହିଳାଙ୍କୁ ମାରିଦେଇଥିବା ଅଭିଯୋଗ ଘଟଣାରେ ରଘୁନାଥପୁର ପୋଲିସ ତାରପୁର ପଞ୍ଚାୟତ ଖଣ୍ଡତରି ତଳପଡାର ଅଭିଯୁକ୍ତ ସ୍ୱାମୀ ଶୁଭମ ମଲ୍ଲିକକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ କ୍ଷେତ୍ରରେ ତଦନ୍ତ ଜାରି ରହିଛି ବୋଲି ଏସ୍‌ଆଇ ଯୋଗେଶ୍ୱର ବେହେରା ପ୍ରକାଶ କରିଛନ୍ତି। ୨ ବର୍ଷ ପୂର୍ବେ କେନ୍ଦ୍ରାପଡ଼ା ଆଳି ଥାନା ଜୁଆଣିଆ ଗ୍ରାମର ପ୍ରୀତିମୟୀ ମଲ୍ଲିକ ସହ ଅଭିଯୁକ୍ତ ଶୁଭମଙ୍କ ବିବାହ ହୋଇଥିଲା। ଗତ ୮ ତାରିଖରେ ପ୍ରୀତିମୟୀ ବିଷ ପିଇଦେଇଥିବା ଦର୍ଶାଇ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁଭମ୍ ଓ ତାଙ୍କ ପରିବାର ଲୋକେ ଆଣି ବଳପୂର୍ବକ ମୃତଦେହ ନେଇଯାଇଥିଲେ।

ସଡ଼କ ଦୁର୍ଘଟଣା: ଯବାନଙ୍କ ସମେତ ୨ମୃତ

ନାଉଗାଁ,୧୦।୭ (ସୁଧା ବେହୁରା)

ବିରିଡି ବ୍ଲକ ଅନ୍ତର୍ଗତ ବସନ୍ତପୁର ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଉଭୟଙ୍କ ମଧ୍ୟରୁ ଜଣେ ଭାରତୀୟ ସୈନ୍ୟବାହିନୀର ଯବାନ ବୋଲି ଜଣାପଡ଼ିଛି। ମୃତକ ଦ୍ୱୟ ହେଲେ ନାଉଗାଁ ଥାନା ରୋହିଆ ପଞ୍ଚାୟତ ଅନ୍ତର୍ଗତ ଅରଖକୁଦ ଗ୍ରାମର ପ୍ରକାଶ ନାୟକଙ୍କ ପୁତ୍ର ପ୍ରଭାସ ଏବଂ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ତୁମ୍ବା ଅଣ୍ଟେଇ ସାହି ଗ୍ରାମର ପ୍ରଫୁଲ୍ଲ ମହାନ୍ତିଙ୍କ ପୁତ୍ର ଦୀପକ। ପ୍ରଭାସ ଏବେ ସୈନ୍ୟବାହିନୀର ଆସାମରେ କାର୍ଯ୍ୟରତ ଅଛନ୍ତି। କିଛିଦିନ ହେବ ସେ ଛୁଟିରେ ବନ୍ଧୁ ଦୀପକଙ୍କ ଘରକୁ ଆସିଥିଲେ। ଗୁରୁବାର ସେ କର୍ମସ୍ଥଳକୁ ଫେରିବାର ଥିଲା। ବୁଧବାର ରାତିରେ ପ୍ରଭାସ ଓ ଦୀପକ କଟକରୁ ନାଉଗାଁ ବାଇକ୍ ଯୋଗେ ଆସୁଥିବା ବେଳେ ବସନ୍ତପୁର ନିକଟରେ ଏକ ବୋଲେରୋ ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଜଗତ୍‌ସିଂହପୁର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ପ୍ରଭାସଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କ ମୃତଦେହକୁ ରୋହିଆସ୍ଥିତ ମହାବୀର ବାଟାଲିୟନ ତରଫରୁ ଶୋଭାଯାତ୍ରାରେ ଗାଁକୁ ଅଣାଯାଇଥିଲା। ଗାଁ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପ୍ରଭାସଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ ଜଗତ୍‌ସିଂହପୁର ଜିଲାର ଜଣେ ଝିଅଙ୍କୁ ପ୍ରଭାସ ପ୍ରଥମେ କୋର୍ଟରେ ଓ ପରେ ଧାନକୁଦ ମନ୍ଦିରରେ ବିବାହ କରିଥିଲେ। ଅପରପକ୍ଷେ ତାଙ୍କ ବିବାହ ବିଷୟରେ ପରିବାର ଲୋକେ କିଛି ଜାଣି ନ ଥିବା କହିଛନ୍ତି।

ପୋଲିସ ଜରିଆରେ ତେଲ ଟ୍ୟାଙ୍କର ଗାଡ଼ି ଚଳାଚଳ

ପୋଲିସ ସହାୟତାରେ ତେଲ ଟ୍ୟାଙ୍କର ଚଳାଚଳ କରୁଛି।

ପାରାଦୀପ,୧୦।୭ (ଶରତ ରାଉତ)

ରାଜ୍ୟରେ ଡ୍ରାଇଭର ମହାସଂଘ ପକ୍ଷରୁ ଚାଲିଥିବା ଧାରଣା ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ଏହାଦ୍ୱାରା ପେଟ୍ରୋଲ ଡିଜେଲ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ପାରାଦୀପର ବାଉରିଆପାଳନ୍ଦାଠାରେ ଥିବା ୩ ରାଷ୍ଟ୍ରାୟତ ତେଳ ଟର୍ମିନାଲ ଆଗରେ ହଜାରରୁ ଅଧିକ ଗାଡ଼ି ଅଟକି ରହିଥିଲା। ଅପରପକ୍ଷେ ରାଜ୍ୟରେ ତେଳ ସଙ୍କଟକୁ ଟାଳିବା ପାଇଁ ଗୁରୁବାର ଅପରାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଛି। ଯଥା ବୋଝେଇ ତେଲ ଗାଡିଗୁଡିକୁ ପୋଲିସ ପାଟ୍ରୋଲିଂ ଭ୍ୟାନ ଜରିଆରେ ବିଭିନ୍ନ ସ୍ଥାନକୁ ପଠାଯାଉଛି ବୋଲି ଆନ୍ଦୋଳନ ଚଳାଇଥିବା ଡ୍ରାଇଭର ସଂଘର ଜିଲା ସମ୍ପାଦକ ନିରଞ୍ଜନ ସାହୁ କହିଛନ୍ତି। ଟ୍ୟାଙ୍କର ନେଉଥିବା ଚାଳକ ଜୟଦ୍ରଥ ବଡଜେନା କୁହନ୍ତି, ଆମେ ଡ୍ରାଇଭର ସଂଘର ଧାରଣାକୁ ସମର୍ଥନ କରୁଛୁ। କିନ୍ତୁ ସାଧାରଣ ଲୋକଙ୍କ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ଆମେ ତେଲ ଗାଡି ଏବେ ନେଉଛୁ। କିନ୍ତୁ ସରକାର ଆମର ୭ ଦଫା ନ ମାନିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ।

ସେଲ୍‌ଫି କର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ଗଣେଶ୍ୱର

@ କେଦାର

@ ମନୁଶ୍ରୀ

@ ସ୍ୱାତି ସୁପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ବିନା ଅସ୍ତ୍ରୋପଚାରରେ ସାଢ଼େ ୫ କିଲୋ ଓଜନର ଶିଶୁ ଜନ୍ମ

ଜଗତ୍‌ସିଂହପୁର, ୧୦।୭
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ବିଭାଗରେ ବିନା ଅସ୍ତ୍ରୋପଚାରରେ ସାଢେ ୫ କିଲୋଗ୍ରାମ (କେ.ଜି.) ଶିଶୁ କନ୍ୟା ଜନ୍ମ ହୋଇଛି। ବଡ଼ କଥା ହେଲା ଶିଶୁ କନ୍ୟାଙ୍କ ମା'ଙ୍କ ଓଜନ ୧୧୪ କିଲୋ ଓ ତାଙ୍କର ଉଚ୍ଚ ରକ୍ତଚାପ ଥିଲା। ତାଙ୍କ ବୟସ ୧୮ ବର୍ଷ ଓ ଉଚ୍ଚତା ପାଖାପାଖି ୬ ଫୁଟ। ତାଙ୍କ ଔରସରୁ ଏତେ ଓଜନର ଶିଶୁ ବିନା ଅସ୍ତ୍ରୋପଚାରରେ ଜନ୍ମ ହେବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ହୋଇଛି। ଏ ସମ୍ପର୍କରେ ପ୍ରସୂତି ବିଭାଗ ମୁଖ୍ୟ ଡ. ସରୋଜ କୁମାର ଜେନା କହିଛନ୍ତି, ଏହା ଭଗବାନଙ୍କ ଆଶୀର୍ବାଦ ଓ ଡାକ୍ତରମାନଙ୍କ ଉଦ୍ୟମ ଯୋଗୁ ସମ୍ଭବ ହୋଇପାରିଛି। ସେ କହିଛନ୍ତି, ବୁଧବାର ସକାଳ ପ୍ରାୟ ୮ଟାରେ ଶିଶୁ କନ୍ୟାଟି ଜନ୍ମ ହୋଇଛି। ତା'ପୂର୍ବରୁ ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦିଆଯାଇଥିଲା। ତାଙ୍କ ନେତୃତ୍ୱରେ ଡ. ରବୀନ୍ଦ୍ରନାଥ ପାଲ ଏ କ୍ଷେତ୍ରରେ ବିଶେଷ ଦାୟିତ୍ୱ ନେଇଥିଲେ। ଡ. ଦୀପ୍ତିରଞ୍ଜନ ଭୂୟାଁ ମଧ୍ୟ ଉପସ୍ଥିତ ଥିଲେ। ପ୍ରସବ ପୂର୍ବରୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇବା ପାଇଁ ମଧ୍ୟ ଗଭୀର ଭାବେ ଚିନ୍ତା କରାଯାଇଥିଲା। ଏପରି କି ଆବଶ୍ୟକ ପଡ଼ିଲେ ଅସ୍ତ୍ରୋପଚାର ପାଇଁ ମଧ୍ୟ ପ୍ରସ୍ତୁତି କରାଯାଇଥିଲା। ତେବେ କେତେକ କୌଶଳ ଯୋଗୁ ଶିଶୁଟି ସ୍ୱାଭାବିକ ଭାବେ ଜନ୍ମ ହୋଇପାରିଥିଲା। ଏବେ ମା' ଓ ଶିଶୁ ସୁସ୍ଥ ଥିବା ଡ. ଜେନା କହିଛନ୍ତି ।

ଇବ୍ରିସିଂ ଛତା ମଠରେ ୨ ବ୍ରହ୍ମକମଳ

ତିର୍ତ୍ତୋଲ, ୧୦।୭ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇବ୍ରିସିଂ ସ୍ଥିତ ଛତା ମଠରେ ଫୁଟିଥିବା ୨ଟି ବ୍ରହ୍ମକମଳ ଫୁଲ ଜଗନ୍ନାଥଙ୍କୁ ସମର୍ପଣ କରାଯାଇଛି। ଏହି ଫୁଲ ମଠ ପରିସରରେ ଫୁଟିଥିବା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଜନସାଧାରଣଙ୍କ ଭିଡ଼ ଜମିଥିଲା। ଉକ୍ତ ଫୁଲକୁ ମଠ ତରଫରୁ କେଦାର ନାୟକ ସଂଗ୍ରହ କରି ନିକଟସ୍ଥ କୋଠିସ୍ଥିତ ଜଗନ୍ନାଥ ମନ୍ଦିରକୁ ନେଇଥିଲେ। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ପୂଜକଙ୍କ ଦ୍ୱାରା ଜଗନ୍ନାଥଙ୍କୁ ଅର୍ପଣ କରାଯାଇଥିଲା।

କେନାଲରେ ପାଣି, ବାର୍ଦ୍ଧକ୍ୟ ଭତ୍ତା ୩୦୦୦ ଟଙ୍କା ପ୍ରଦାନ କର

ବାଲିକୁଦା, ୧୦।୭
(ତାପସ ସ୍ୱାଇଁ)

ବୈଠକରେ ନବ ନିର୍ମାଣ କୃଷକ ସଙ୍ଗଠନର ସଦସ୍ୟ ଓ ଅନ୍ୟମାନେ।

ବାଲିକୁଦା ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବାବାଜୀ ଜେନାଙ୍କ ସଭାପତିତ୍ୱରେ ଏକ ବୈଠକ ବାଲିକୁଦା ଥାନାପଡିରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଂଯୋଜକ ରଘୁନାଥ ନାୟକ ଓ ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ ଯୋଗଦେଇ କହିଥିଲେ ଯେ, ପ୍ରଶାସନ ଜୁନ ମାସରେ କେନାଲ ଯୋଗେ ଚାଷୀଙ୍କ କ୍ଷେତକୁ ପାଣି ଯୋଗାଇବା କଥା, କିନ୍ତୁ ଜୁଲାଇ ଅଧା ହେବାକୁ ବସିଥିବାବେଳ ଏପର୍ଯ୍ୟନ୍ତ ପାଣି ଆସି ନାହିଁ। ଏନେଇ ସେ ସରକାରଙ୍କୁ ସମାଲୋଚନା କରିବା ସହ ଚାଷୀଙ୍କୁ ତୁରନ୍ତ ସାର ଯୋଗାଇ ଦେବା, ପୂର୍ବ ବର୍ଷର ଧାନ ଅଖା ଟଙ୍କା ପ୍ରଦାନ କରିବାକୁ ଦାବି କରିଥିଲେ। ବାଲିକୁଦା ବ୍ଲକରେ ୧୦୦ ଜଣ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ୩୫୦୦ ଭତ୍ତା ପାଇବାରୁ ବଞ୍ଚିତ ଥିବା ବୈଠକରେ କୁହାଯାଇଥିଲା। ୬୦ ବର୍ଷରରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ତୁରନ୍ତ ୩୦୦୦ ଭତ୍ତା ପ୍ରଦାନ କରିବା ପାଇଁ ବୈଠକରେ ଦାବି ହୋଇଥିଲା। ବାଲିକୁଦା ବ୍ଲକର ବିଭିନ୍ନ ଅଞ୍ଚଳରେ ଉଦ୍‌ବୃତ୍ତ ବର୍ଷା ଜଳ ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଏହାର ନିଷ୍କାସନ ଦାୟିତ୍ୱ ବ୍ଲକ ପ୍ରଶାସନ ଗ୍ରହଣ କରିବା ସହ ସରକାର କାମଧେନୁ ଯୋଜନାରେ ଗୋରୁ ଯୋଗାଇ ଦେବାକୁ ଦାବି ହୋଇଥିଲା। ଆଗାମୀ ଦିନରେ ଚାଷୀଙ୍କ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନ ସଦସ୍ୟ ଶିବ ଦାସ, ବୃନ୍ଦାବନ ସ୍ୱାଇଁ, ପ୍ରଶାନ୍ତ କୁମାର ଦାଶ, ଭଗବାନ ଦାଶ, ଶରତ ଚନ୍ଦ୍ର ବାରିକ, ରଶ୍ମିରଥ, ଶଙ୍କର ମହାରଣା,ନଗେନ୍ଦ୍ର ନାଥ ବେହେରା, ଜୟପ୍ରକାଶ ମହାନ୍ତି, ଜୟରାମ ସ୍ୱାଇଁ, ବୃନ୍ଦାବନ ବିଶ୍ୱାଳଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ସିଦ୍ଧ ଗୋରଖନାଥ ପୀଠରେ ଗୁରୁପୂର୍ଣ୍ଣିମା

ଏରସମା,୧୦।୭ (ଦୀପ୍ତି ଖଣ୍ଟୁଆଳ)

ଏରସମା ବ୍ଲକ ଜିରାଇଲୋ ପଞ୍ଚାୟତସ୍ଥିତ ନାଉବେଲାରୀ ଗ୍ରାମର ସିଦ୍ଧ ଗୋରଖନାଥ ପୀଠରେ ଗୁରୁବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ସିଦ୍ଧ ସୁରେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ସୂର୍ଯ୍ୟ ପୂଜା, କଳସ ସ୍ଥାପନ କରାଯାଇଥିଲା। ପରେ ଗୋରଖନାଥଙ୍କ ମୃଣ୍ମୟ ମୂର୍ତ୍ତି ନିକଟରେ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ପୀଠ ପରିସରରେ ଘୃତବିହୀନ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୋଦ ଦାସ କର୍ତ୍ତା ଭାବେ କର୍ପୁର ଆହୁତି କରିଥିଲେ। ପରେ ଦକ୍ଷିଣେଶ୍ୱର ମହାଦେବଙ୍କ ପୀଠ ପରିସରରେ ଅଶ୍ୱତ୍ଥ ବୃକ୍ଷ ଚାରାରୋପଣ କରାଯାଇଥିଲା। ଏଥିରେ ବେଦ ପ୍ରଚାରକ ସମୀର ରଞ୍ଜନ ଦାଶ, ଡ. ରଜ ରତନ ଦାଶ, ସୂର୍ଯ୍ୟକାନ୍ତ ଦାସ, ଧନେଶ୍ୱର ମାନ୍ନା, ଚନ୍ଦ୍ରକାନ୍ତ ଦାସ, ଶ୍ରୀଚରଣ ଦାସ, ପାରୁଲ ନସ୍କର, ତୁଳସୀ କରଣ, ବାସନ୍ତୀ ମିଶ୍ର, ସୁଲୋଚନା ସ୍ୱାଇଁ, ସଂଯୁକ୍ତା ଦାସ, କୁସୁମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଲଗାଣ ବର୍ଷା: ତଳି ଉଠାଇ ନ ପାରି ଚିନ୍ତାରେ ଚାଷୀ

ଯେତେ ପକାଇଲେ ପଚିଯାଉଛି ଗଜା

କୁଜଙ୍ଗ,୧୦।୭ (ମନୋଜ ପ୍ରଧାନ)

ଦୀର୍ଘ ମାସେ ହେବ ବର୍

ହୋମିଓପ୍ୟାଥ୍ ସ୍ଥାନରେ ଆୟୁର୍ବେଦିକ ଡାକ୍ତରଙ୍କୁ ବଦଳି

■୩ ଆୟୁଷ ଡାକ୍ତରଙ୍କ ଅଦଳବଦଳ ପରେ ଫିଟିଲା ଗୁମର

■୧୮ ବର୍ଷରୁ ଉର୍ଦ୍ଧ୍ୱ ରହଣି ଡାକ୍ତରଙ୍କୁ ଅନୁକମ୍ପା

ନୟାଗଡ଼,୧୦।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୧୮ ବର୍ଷ ଧରି ଆୟୁଷ ଡାକ୍ତରମାନେ ଗାଦି ମାଡି ରହିଥିବାବେଳେ ଏକ ଛୋଟ ଧରଣର ଅଦଳବଦଳ ହୋଇଛି। ଏହି ଅଦଳବଦଳରେ ମହିପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ହୋମିଓପ୍ୟାଥ୍ ଡାକ୍ତରଙ୍କ ସ୍ଥାନରେ ଜଣେ ଆୟୁର୍ବେଦିକ ଡାକ୍ତର ନିଯୁକ୍ତି ପାଇଁ ବଦଳି ଆଦେଶନାମା ବାହାରିଛି। ଜିଲାରେ ଆୟୁଷ ଡାକ୍ତରମାନଙ୍କ ଅଦଳବଦଳ କରାଯିବା ନିହାତି ଆବଶ୍ୟକତା ଥିବାବେଳେ ମାତ୍ର ୩ଜଣଙ୍କ ଅଦଳବଦଳ କରାଯିବା ସନ୍ଦେହ ସୃଷ୍ଟି ହୋଇଛି। ଯଦି ୩ଜଣଙ୍କ ବଦଳି କରାଗଲା ତେବେ ଅନ୍ୟମାନଙ୍କୁ କାହିଁକି ଅନୁକମ୍ପା ପ୍ରଦର୍ଶନ କରାଯାଉଛି ବୋଲି ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ୨୦୦୭ରେ ଆୟୁଷ ଡାକ୍ତର ନିଯୁକ୍ତି ହୋଇଥିଲା। ଜିଲାରେ ୨୮ଜଣ ଆୟୁଷ ଡାକ୍ତରଙ୍କ ମଧ୍ୟରୁ ୧୭ଜଣ ଆୟୁର୍ବେଦିକ ଓ ୧୧ ଜଣ ହୋମିଓପ୍ୟାଥ୍ ଡାକ୍ତର ନିଯୁକ୍ତି ପାଇଥିଲେ। ଏଭଳିସ୍ଥଳେ ସିଡିଏମ୍ଓଙ୍କ ଅର୍ଡର ନଂ.୧୨୬୯/୩୦।୬।୨୦୨୫ରେ ୩ଜଣ ଆୟୁଷ ଡାକ୍ତରଙ୍କ କେବଳ ଅଦଳବଦଳ ହୋଇଛି। ନୂଆଗାଁ ବ୍ଲକ୍ ଡିମରିପଲ୍ଲୀ ପିଏଚ୍ସିର ଆୟୁର୍ବେଦିକ ଡାକ୍ତର ଅଂଶୁମାନ ଦାଶଙ୍କୁ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଛି। ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ହୋମିଓପ୍ୟାଥ୍ ଡାକ୍ତର ସାବିତ୍ରୀ ଦେବୀଙ୍କ ନୟାଗଡ ବ୍ଲକ ଶଙ୍ଖେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଛି। ଶଙ୍ଖେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ହୋମିଓପ୍ୟାଥ୍ ଡାକ୍ତରଙ୍କୁ ଗୋଡିପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଛି। ଗୋଡିପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋମିଓପ୍ୟାଥ୍ ଡାକ୍ତରଙ୍କ ବଦଳି ହୋଇଥିବାରୁ ପଦବୀ ଖାଲି ରହିଥିଲା। ହୋମିଓପ୍ୟାଥ୍ ଡାକ୍ତରଙ୍କ ସ୍ଥାନରେ ହୋମିଓପ୍ୟାଥ୍ ଡାକ୍ତର ନିଯୁକ୍ତି ମିଳିଛି। ତେବେ ମହିପୁରେ ହୋମିଓପ୍ୟାଥ୍ ଡାକ୍ତର ସ୍ଥାନରେ ଆୟୁର୍ବେଦିକ ଡାକ୍ତରଙ୍କ ନିଯୁକ୍ତି ମିଳିଛି। ମହିପୁର ଅଞ୍ଚଳର ରୋଗୀମାନଙ୍କ ଅଭିଯୋଗ ଆମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜଣେ ହୋମିଓପ୍ୟାଥ୍ ଡାକ୍ତର ଥିଲେ। ତାଙ୍କୁ ବଦଳା ଗଲା କାହିଁକି, ତାଙ୍କ ସ୍ଥାନରେ ଆୟୁର୍ବେଦିକ ଡାକ୍ତର କାହିଁକି ନିଯୁକ୍ତି ଦିଆଗଲା। ଏଭଳି କରାଯିବା ଦ୍ୱାରା ରୋଗୀମାନଙ୍କୁ ହୋମିଓପ୍ୟାଥ୍ ଡାକ୍ତରଙ୍କ ସେବାରୁ ବଞ୍ଚିତ କରାଗଲା। ଏଣୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଆମର ହୋମିଓପ୍ୟାଥ୍ ଡାକ୍ତର ଦରକାର ବୋଲି ଦାବି ରଖି ଖୁବ ଶୀଘ୍ର ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଥିବା କେତେଜଣ ଲୋକ ସୂଚନା ଦେଇଛନ୍ତି। ଅପରପକ୍ଷେ ଡିମିରିପଲ୍ଲୀ ଅଞ୍ଚଳର ଲୋକଙ୍କ ଅଭିଯୋଗ ଅନୁସାରେ ଆମ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ବଦଳି କରାଗଲା। ତେବେ ଆମକୁ ଡାକ୍ତର ଦିଆଗଲା ନାହିଁ କାହିଁକି। ଆମ ଅଞ୍ଚଳରେ ଡାକ୍ତର ନିହାତି ଦରକାର ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିବା ସ୍ଥାନୀୟ ଲୋକମାନେ ସୂଚନା ଦେଇଛନ୍ତି।

ଏନେଇ ସିଡିଏମ୍ଓ ସୁଶାନ୍ତ କୁମାର ଦାସଙ୍କୁ ପଚାରିବାରୁ କହିଥିଲେ ହୋମିଓପ୍ୟାଥ୍ ଡାକ୍ତରଙ୍କ ସ୍ଥାନରେ ଆୟୁର୍ବେଦିକ ଡାକ୍ତରଙ୍କୁ ଅଦଳବଦଳ କରାଯାଇପାରିବ। ଉଭୟ ଆୟୁଷ ଡାକ୍ତର ହୋଇଥିବାରୁ କିଛି ଅସୁବିଧା ନାହିଁ। ତେବେ ମହିପୁର ଓ ଡିମରିପଲ୍ଲୀ ଡାକ୍ତର ରିଲିଭ ନ ହେବାକୁ କୁହାଯାଇଛି। କେତେଜଣ ଆୟୁର୍ବେଦିକ ଡାକ୍ତର ଆସିବାର ଅଛନ୍ତି। ସେମାନେ ଆସିବା ପରେ ଖାଲିସ୍ଥାନ ପୂରଣ କରାଯିବ ବୋଲି ସେ କହିଛନ୍ତି।

ସେଲ୍‌ଫି କର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଗଣେଶ୍ୱର

@ କେଦାର

@ ମନୁଶ୍ରୀ

@ ସ୍ୱାତି ସୁପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ତୃତୀୟ ଦିନରେ ଡ୍ରାଇଭରଙ୍କ ଆନ୍ଦୋଳନ

ଦଶପଲ୍ଲାରେ ଧାରଣା ଦେଇଥିବା ଡ୍ରାଇଭର ସଂଘ କର୍ମକର୍ତ୍ତା ଓ ସଦସ୍ୟ ।

ଦଶପଲ୍ଲା,୧୦।୭(ପ୍ରକାଶ କୁମାର ପାଣି)

ମଙ୍ଗଳଜାରଠାରୁ ଦଶପଲ୍ଲାରେ ଚାଲିଥିବା ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି । ଏହି ପରିପ୍ରେକ୍ଷୀରେ ଦଶପଲ୍ଲାର ସମସ୍ତ ଡ୍ରାଇଭର ତ୍ରିନାଥ ବଜାରଠାରେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି । ସେମାନେ ନିଜର ୮ଦଫା ଦାବି ପୂରଣ ପାଇଁ ବିଭିନ୍ନ ସ୍ଲୋଗାନ ଦେଉଛନ୍ତି । ବିଶେଷ କରି ଡ୍ରାଇଭଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ କାର୍ଯ୍ୟକାରୀ କରିବା, ପୋଲିସ ଗାଡ଼ିର କାଗଜପତ୍ର ଯାଞ୍ଚ ନ କରିବା, ୬୦ବର୍ଷରୁ ଉର୍ଦ୍ଧ୍ୱ ଡ୍ରାଇଭରଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର୍ ଓ ୱାର୍କର ୱେଲଫେୟାର୍ ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଗାଡ଼ିଗୁଡ଼ିକ ପାର୍କିଂ ସୁବିଧା ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ପ୍ରତି ଶହେ କି.ମି.ବ୍ୟବଧାନରେ ବିଶ୍ରାମାଗାର ଓ ଶୌଚାଳୟ ପ୍ରତିଷ୍ଠା କରିବା, ଓଡ଼ିଶାରେ ଥିବା ଖଣି ଖାଦାନ ଓ କାରଖାନାରେ ୭୦ ପ୍ରତିଶତ ଓଡ଼ିଶା ଡ୍ରାଇଭରଙ୍କୁ ନିଯୁକ୍ତି ଦେବା ସହିତ ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ଭାବେ ଘୋଷଣା କରିବାକୁ ମହାସଂଘ ଦାବି କରିଛି। ଡ୍ରାଇଭରମାନଙ୍କ ଆନ୍ଦୋଳନ ଯୋଗୁ ସମସ୍ତ ଯାନବାହାନ ଚଳାଚଳ ବନ୍ଦ ରହିଛି । ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ବିଭିନ୍ନ ସାମଗ୍ରୀର ଦର ବଢ଼ିବାର ସମ୍ଭାବନା ରହିଛି । ଦାବି ପୂରଣ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି।

ଅନ୍ନପୂର୍ଣ୍ଣା ବୃଷ୍ଟିଯଜ୍ଞ ଉଦ୍‌ଯାପିତ

ଓଡ଼ଗାଁ,୧୦।୭
(ଆଦର୍ଶ କୁମାର ପଟ୍ଟନାୟକ)

No. B-286: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for one number of road work to be received in online bidding, double cover system for construction work as detailed in **https://tendersodisha.gov.in**. The details of bid documents will be available in the above website from 5.00 P.M. of 15.07.2025 to 5.00 P.M. of 30.07.2025. The bidders must possess compatible Digital Signature Certificate of Class-II or III. Bids received online shall be opened at 11.00 A.M. of 31.07.2025 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal **www.tendersodisha.gov.in**.
Addendum/Corrigendum, if required, will be available only in the website.
Sd./- Er. M.K. Mahananda
Chief Construction Engineer
OIPR-34156/11/0034/2526 **Central (R&B) Circle, Bhubaneswar**

OFFICE OF THE DHENKANAL MUNICIPAL COUNCIL, DHENKANAL No. C-635

E-Procurement Notice

Tender Call Notice No. 2527/DKLMPLTY / Date: 07.07.2025

1.	Name of the Work	: Individual Civil Construction work published the **www.tenderodisha.gov.in** website
2.	No. of works put to tender	: 26 Nos. individual works
3.	Estimated Cost	: Rs.1.92 lakhs to Rs.13.73 lakhs
4.	Period of Completion	: 45 Days
5.	Date and time of availability	: From 11.00 hours of Dt.09.07.2025 to 17.00 of Dt.18.07.2025 of bid document in the portal
6.	Last date/time for receipt of bids	: 17.00 hours of Dt.18.07.2025
7.	Date and time of opening of bid	: 11.00 hours of Dt.19.07.2025
8.	Name and address of the Officer Inviting Bid	: Executive Officer, Dhenkanal Municipality

Further details can be seen from the e-procurement portal **https://tenderorissa.gov.in.**
OIPR-13146/11/0037/2526 **Sd./- Executive Officer Dhenkanal Municipality**

ODISHA PUBLIC SERVICE COMMISSION, CUTTACK

NOTICE

No.4801/PSC Dt.09.07.2025
(1R-10-24/25) (DR-V)

Assistant Professor (Stage-I) in Hindi (Advertisement No. 27 of 2023-24)

No. D-: It is for information of all concerned that, document verification of **108 (One hundred eight)** candidates having **PPSAN** mentioned below for the post of **Assistant Professor (Stage-I) in "Hindi"**, pursuant to advertisement No. 27 of 2023-24 shall be held from **22.07.2025 to 28.07.2025 (except 26.07.2025 & 27.07.2025)** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

PROGRAMME OF DOCUMENT VERIFICATION

Date	Time of Verification	PPSAN
22.07.2025	10.30 A.M.	P240301804, P240305489, P240298767, P240305947, P240303901, P240303796, P240305738, P240303688, P240303598, P240296671, P240307185 & P240298153 **= 12 Candidates**
	02.30 P.M.	P240301397, P240311226, P240304884, P240305014, P240304336, P240302495, P240303238, P240302885, P240301819 & P240304222 **= 10 Candidates**
23.07.2025	10.30 A.M.	P240306003, P240307339, P240303502, P220088508, P240298061, P240308960, P240306119, P230161057, P240305275, P240283475, P240288583 & P240294865 **= 12 Candidates**
	02.30 P.M.	P240302931, P240301677, P240298004, P240303647, P240235700, P240301583, P240307171, P240301563, P240311683 & P240309986 **= 10 Candidates**
24.07.2025	10.30 A.M.	P240296531, P240301794, P240290048, P240302489, P240305057, P230158886, P240311397, P240307450, P230118455, P240284175, P240307353 & P240263044 **= 12 Candidates**
	02.30 P.M.	P240298558, P240303757, P240290273, P240294758, P230102576, P240306330, P240282300, P240309434, P240306781 & P240303320 **= 10 Candidates**
25.07.2025	10.30 A.M.	P240307152, P240268467, P240254600, P230233264, P240283753, P240306833, P240235076, P240282284, P240284542, P240256363, P240308680 & P240286547 **= 12 Candidates**
	02.30 P.M.	P240296465, P230147786, P240297205, P240302701, P240302656, P230107475, P240306589, P240307326, P240309120 & P240310273 **= 10 Candidates**
28.07.2025	10.30 A.M.	P240304681, P240308655, P240302932, P240298755, P240302798, P230145914, P240306858, P240307083, P230118241, P240307399, P240305185 & P240307251 **= 12 Candidates**
	02.30 P.M.	P230112810, P240311843, P240271571, P240307554, P240303007, P240302462, P240275510 & P230106158 **= 08 Candidates**

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.
The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.
Note: It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.
OIPR-12002/11/0266/2526 **Sd./- Secretary**

BERHAMPUR MUNICIPAL CORPORATION, GANJAM
INVITATIONS FOR BIDS (IFB)
Letter No. 9541/ Date: 02.07.25

Invitation for Bids No. C-644

NATIONAL COMPETITIVE BIDDING THROUGH E-PROCUREMENT

Bid Identification No. BMC (BAM):- 307/2025-2026

1	**The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A"**	
2	**Nature of work**	**Civil work**
3	**No. of work**	**02 Nos.**
4	**Bid Cost**	The bidders shall remit online the cost of bid document for amount through the process as mentioned in the DTCN as per Annexure "A"
5	**E.M.D.**	The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A".
6	**Class of Contractor**	As per the Annexure "A"
7	**Availability of Bid Documents in the website**	From 11.00 hrs. of **09.07.25** to 17.00 hrs. of **24.07.25**
8	**Date & Time of Opening of Technical Bids**	11.00 hrs. onwards on **Dt. 25.07.25**
9	**Date & time of opening of financial bids**	Shall be intimated to the responsive Technically qualified bidder after evolution of Technical bids.
10	**Mode of submission of tender**	Tender should submitted Online in **www.tendersorissa.gov.in**
11	**The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.**	

Sd./- Commissioner
OIPR-13035/11/0053/2526 **Berhampur Municipal Corporation, Berhampur, Odisha**

See Career Appointment on every Wednesday & Saturday

WESTERN ODISHA DEVELOPMENT COUNCIL
6TH FLOOR, RAJIV BHAWAN, BHUBANESWAR-1
Phone:(0674) 2391598; Website: www.wodc.odisha.gov.in Email ID: ceowodc@gmail.com

No. 1321 /WODC Date: 08.07.25

ADVERTISEMENT

No. CAD-1066:- Applications are invited from the eligible personnel residing within the State of Odisha in respect of district mentioned below for engagement in the post of Retired Assistant Engineer/ Assistant Executive Engineer WODC on Contractual Basis.

Sl. No.	Name of the Post	Nos. of Post	Eligibility criteria / qualification	Salary	Nature of Post
1	**Assistant Engineer** (Deogarh, Bargarh, Kalahandi, Angul, Boudh, Sonepur, Jharsuguda, Sundargarh)	08	Degree/Diploma in Civil Engineering. A retired Engineer in the rank of AE/AEE (below 65 years) with experience in handling roads, buildings & Irrigation projects.	Monthly consolidated remuneration as per their eligibility for retired Government servant as per Finance Department circular.	Contractual

Application forms and other details are available in the website of WODC i.e. www.wodc.odisha.gov.in
Application complete in all respect with relevant particulars/testimonials must reach the **Chief Executive Officer, Western Odisha Development Council, 6th Floor, Rajib Bhawan, Bhubaneswar-1** by Regd. Post / Speed Post on or before **25th July 2025**. The envelope containing the application should be superscribed with the name of the post applied for.
The CEO reserves the right to accept / reject any or all of the applications without assigning any reason thereof.
OIPR-50007/11/0001/2526 **Sd./- Chief Executive Officer**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା।
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 12822/IND-II-PH-୧୨୭୨ ତାରିଖ: 08.07.2025
No.CAD-1060

ବିଜ୍ଞାପନ

ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ଶ୍ରୀ ନରସିଂହ ପାତ୍ର, ଓଡ଼ିଶାର ଗଜପତି ଜିଲ୍ଲା, ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ପର୍ଶୁରାମପୁର ଗ୍ରାମରେ ସମୁଦାୟ ୬.୭୫୩ ହେକ୍ଟର ପରିମିତ କ୍ୱାରୀର ଅଞ୍ଚଳରେ ଖାତା ନଂ.୭୮, ପ୍ଲଟ୍ ନଂ. ୨୫୭ ସ୍ଥିତ ପର୍ଶୁରାମପୁର ପଥର ଖଣି-୧** ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ **[State Environment Impact Assessment Authority (SEIAA)]**, ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।

(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ ।

(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।

(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖି

ଜନ୍ମଦିନର ଶୁଭେଚ୍ଛା

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁନ୍‌ଗୁନ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

କୋଲକାତାରେ ଟ୍ରାଭେଲ ଟ୍ରେଡ୍ ଫେୟାର ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୭(ଅନୁରାଧା ମହାରଣା)

ଭାରତର ସର୍ବବୃହତ୍ ଟ୍ରାଭେଲ ଶୋ' ନେଟ୍‌ୱର୍କ ଟ୍ରାଭେଲ ଟ୍ରେଡ୍ ଫେୟାର(ଟିଟିଏଫ୍) ଏକ ଏକ୍ସକ୍ଲୁସିଭ ବି୨ବି ଇଭେଣ୍ଟ ଭାବେ କୋଲକାତାରେ ଆରମ୍ଭ ହୋଇଛି। ଜମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଫେୟାର ଜୁଲାଇ ୧୦ରୁ ୧୨ ଯାଏଁ ବିଶ୍ୱ ବଙ୍ଗଳା ମେଳା ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଛି। ପୂର୍ବ ଭାରତର ସବୁଠାରୁ ପୁରାତନ ଓ ବିଶ୍ୱସ୍ତ ଟ୍ରାଭେଲ ଟ୍ରେଡ୍ ଶୋ' ଭାବେ ପରିଚିତ ଟିଟିଏଫ୍ ୨୫ଟିରୁ ଅଧିକ ଭାରତୀୟ ରାଜ୍ୟ ଓ ୧୪ଟିରୁ ଅଧିକ ଦେଶରୁ ୫୦୦ରୁ ଅଧିକ ପ୍ରଦର୍ଶକ ଏବଂ ୫,୫୦୦ରୁ ଅଧିକ ଗ୍ରାହକଙ୍କୁ ଏକାଠି କରୁଛି। ଦୁର୍ଗାପୂଜା ଓ ଦୀପାବଳି ପୂର୍ବରୁ ଏହା ଟ୍ରାଭେଲ ପ୍ରଫେସନାଲଙ୍କ ପାଇଁ ନେଟ୍‌ୱର୍କିଂ ଓ ବ୍ୟବସାୟିକ ସୁଯୋଗର ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ହେବ ବୋଲି ଆଶା କରାଯାଉଛି। ଉଦ୍‌ଘାଟନ ଅବସରରେ ସିକ୍କିମର ଉପ-ବାଚସ୍ପତି ରାଜକୁମାରୀ ଥାପା, ଥାଇଲାଣ୍ଡର କନସୁଲ ଜେନେରାଲ ସିରିପୋର୍ନ ତାନ୍ତ୍ରିପାନ୍ୟାଥେପ, ଛତିଶଗଡ଼ ଟୁରିଜମ ବୋର୍ଡର ଅଧ୍ୟକ୍ଷ ନୀଲୁ ଶର୍ମା ଓ ଏସିଟିର ସଂଯୋଜକ ରାଜ ବସୁ ଉପସ୍ଥିତ ଥିଲେ। ଇଣ୍ଡିଆ ଟୁରିଜମ, ଓଡ଼ିଶା ଟୁରିଜମ, ଜମ୍ମୁ ଓ କଶ୍ମୀର ଟୁରିଜମ, ଥାଇଲାଣ୍ଡ ଟୁରିଜମ ଅଥରିଟି ସମେତ ଅନେକ ଟୁରିଜମ ବୋର୍ଡ ଏବଂ ରାମୋଜୀ ଫିଲ୍ମ ସିଟି, ରାଡିସନ ହୋଟେଲ ଗ୍ରୁପ୍ ପରି ବେସରକାରୀ ପ୍ରଦର୍ଶକମାନେ ସାମିଲ ଅଛନ୍ତି।

ଜେଏଜି ମାଧ୍ୟମରେ ସହାୟତା

ଭୁବନେଶ୍ୱର,୧୦।୭

ପଲିସୀ ବଜାରର ବହୁ ପ୍ରତୀକ୍ଷିତ ତଥା ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଜିତୋ ଅପ୍‌ନା ଘର ବା ଜେଏଜି'ର ୫ମ ସଂସ୍କରଣ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଶ୍ରେଷ୍ଠ ପ୍ରଦର୍ଶନୀକାରୀଙ୍କୁ ସ୍ୱତନ୍ତ୍ର ପଦ୍ଧତିରେ ବିଜେତା ଘୋଷଣା ସହ ପୁରସ୍କୃତ କରାଯାଇଥିଲା। ଅପରପକ୍ଷରେ ବିଜେତାମାନଙ୍କୁ 'ସ୍କିନ୍ ଦି ସ୍ପିଲ' କାର୍ଯ୍ୟକ୍ରମ ଜରିଆରେ ମନୋନୀତ କରାଯାଇଥିଲା, ଯାହା ଏକ ରୋମାଞ୍ଚକାରୀ ଅନୁଭୂତି ଆଣି ଦେଇଥିଲା। କମ୍ପାନୀର ବରିଷ୍ଠ ନେତୃବୃନ୍ଦ ଟିକଟ ସଂଖ୍ୟା ବିଜେତାମାନଙ୍କ ନାମ ଘୋଷଣା କରିବାକୁ ମଞ୍ଚରେ ଉପସ୍ଥିତ ହେବା ସହ ବିଜେତାମାନଙ୍କ ନାମ ଘୋଷଣା କରାଯିବା ସମୟରେ ସମୁଦାୟ ପ୍ରକୋଷ୍ଠ ଆନନ୍ଦ ଉଲ୍ଲାସ ଏବଂ ଭାବପ୍ରବଣତାରେ ପୂରି ଉଠିଥିଲା, ଯାହା ବାସ୍ତବରେ ଉପସ୍ଥିତ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ଆଣି ଦେଇଥିଲା। ଏ ସମ୍ପର୍କରେ କମ୍ପାନୀର ଜଏଣ୍ଟ ଗ୍ରୁପ୍ ସିଇଓ ସର୍ବବୀର ସିଂ କହିଥିଲେ, 'ଜିତୋ ଅପ୍‌ନା ଘର ସର୍ବଦା କେବଳ ଏକ ପ୍ରତିଯୋଗିତାଠାରୁ ଅନେକ କିଛି ଅଧିକ ହୋଇ ରହି ଆସିଛି। ଏହା ଉତ୍ସର୍ଗୀକୃତ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ, ପ୍ରଦର୍ଶନକୁ ଆଗେଇ ନେବା ଏବଂ ଶୀର୍ଷ ପ୍ରତିଭାମାନଙ୍କୁ ବଜାୟ ରଖିବାରେ ସହାୟତା କରିବାକୁ ଏକ ନିର୍ଶ୍ଚାୟକ ପ୍ରୟାସ ହୋଇଛି। ଉଲ୍ଲେଖଯୋଗ୍ୟ, ପଲିସୀ ବଜାର ଆଜି ସୁଦ୍ଧା ଜେଏଜି ମାଧ୍ୟମରେ କର୍ମଚାରୀଙ୍କୁ ୩୯ଟି ବାସଗୃହ, ୨୪ କାର୍ ଏବଂ ନଗଦ ଅର୍ଥ ପ୍ରୋତ୍ସାହନ ଭଳି ମୋଟ ୪୦ କୋଟି ଟଙ୍କାର ଫାଇଦା ପ୍ରଦାନ କରିଛି। କେବଳ ଜେଏଜିର ୫ମ ସଂସ୍କରଣରେ ୧୦ଜଣ ଆଡଭାଇଜରଙ୍କୁ ବାସଗୃହ ଏବଂ ୮ଜଣ ଆଡଭାଇଜରଙ୍କୁ କାର୍ ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଏଥି ସହ ଆଡଭାଇଜରଙ୍କୁ ସେମାନେ ଏକ ବାସଗୃହ ଅଥବା ଏକ କାର୍ ମାଲିକାନା ହାସଲ କରିଥିଲେ ମଧ୍ୟ ସେମାନଙ୍କ ପ୍ରଦର୍ଶନ ଆଧାରରେ ୧୧କୋଟି ଟଙ୍କା ଅର୍ଥ ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା।

ବଜାରରେ ୱାନ୍‌ପ୍ଲସ୍‌ର ନର୍ଡ ୫ସିରିଜ

ଭୁବନେଶ୍ୱର,୧୦।୭: 'ୱାନ୍‌ପ୍ଲସ୍'ର ବହୁ ପ୍ରତୀକ୍ଷିତ ତଥା ନର୍ଡ ସିରିଜ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୱାନ୍ ପ୍ଲସ୍ ନର୍ଡ ୫ ଏବଂ ୱାନ୍‌ପ୍ଲସ୍ ନର୍ଡ ସିଇ୫ ସହିତ ୱାନ ପ୍ଲସ୍ ବଡ୍ସ ୪କୁ ଅନାବରଣ କରାଯାଇଛି। ୱାନ୍‌ପ୍ଲସ୍ ନର୍ଡ ସିରିଜ୍ ଇଣ୍ଡଷ୍ଟ୍ରିର ଫ୍ଲାଗ୍‌ଶିପ୍ ଟେକ୍ନୋଲୋଜି ସହ ମିନିମାଲ୍ ଡିଜାଇନକୁ ଯୋଡ଼ି ସାରା ବିଶ୍ୱରେ ବ୍ୟବହାରକାରୀଙ୍କ ବିଶ୍ୱାସ ଓ ଭଲପାଇବା ଅର୍ଜନ କରିଛି ବୋଲି ୱାନ୍‌ପ୍ଲସ୍‌ର ପ୍ରତିଷ୍ଠାତା ପିଟେ ଲାଉ କହିଛନ୍ତି।

Classified Everyday

0674-2580101, 9692975378

REAL ESTATE SALE

Resort / Cottage at New Puri 19Lakhs, Sandalwood Project 3Lakhs. 8908113985. D-1225

Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668. D-76287

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ **5K.M 1500sqft.** କିଣି ଘର କରନ୍ତୁ। **7978947520** D-76283

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347. D-1241

କଟକ – ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D-76281

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

Duplex sale near AIIMS Hospital Bhubaneswar, apartment Sum Hospital. 9777433701. D-76285

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FOR RENT

3 Office space- 1. 2000sqft. in 1st floor, 2. 780sqft. 2nd floor fully furnished Office, 3. 1000sqft. in 3rd floor at 5- Janpath, Unit-3, Kharvelnagar behind Kalsi petrol pump, Bhubaneswar, Odisha-751001. Readily available to operate. Contact: 9437001845, 7504050186. D-76839

LOST

This is to bring to the notice of the General Public that one ID Card of Mr. Rajesh Ku. Swain issued by ICICI Bank Ltd. having ID Card No.- 2525107 has been found missing and/or lost on 20.06.2025. Anyone, who finds the said ID Card, is requested to return the said ID Card to the Manager Debt Services & Management Group, ICICI Bank Limited, Bhubaneswar. Therefore, all the customers of ICICI Bank Limited are hereby notified not to make any payment to any unauthorised person holding the said ID Card No.- 2525107. Please take further notice that anybody making payment to any person holding the said ID Card shall do so at his/her own costs, risk and peril and ICICI Bank shall not be bound and/or responsible for any payment.
Date:20.06.2025
Place:
D-1238

AFFIDAVIT

By virtue of an affidavit sworn before Executive Magistrate, Bheden, dated- 08.07.2025, I, Jagannath Barik, Address: At/P.O.- Ainlapali, P.S.- Bheden, Dist.- Bargarh, PIN- 768104 declare that I have changed my daughter's name from Shree to Tanushree Rani Barik. Henceforth, she shall be known as Tanushree Rani Barik for all purposes. D-1240

I, Jagdish Kumar Jena, S/o- Gayadhar Jena, resident of B-401, Snehalata Apartment, Vivekananda Marg, Nageswartangi, Bhubaneswar, P.O.- Old Town, P.S.- Shree Lingaraj, Dist.- Khordha, PIN- 751002, Odisha declare by this affidavit No.- 649, dtd. 08.07.2025. That now onwards I shall be known as JAGADISH KUMAR JENA for all future purposes. D-1246

By virtue of an affidavit sworn before the Notary Public, Balangir, No.- 4478, date- 16.05.25, I, Sangita Gadtya, W/o. Sarjan Barik, R/o. Village- Khairmal Mundapala, P.O.- Kulutapada, P.S.- Tusura, Dist.- Balangir-767067, declare that I have changed my name from Sangita Barik to Sangita Gadtya. Henceforth I shall be known as Sangita Gadtya for all purposes.
Sangita Gadtya
D-1242

I, Murttiala Jagadamba, W/o- Late Venkat Rama Rao Mutiala, resident of Village- Saraspali, P.O.- Sankirda, P.S.- Bheden, Dist.- Bargarh, PIN- 768103, Odisha, declare by this affidavit No.- 24, dtd- 04.05.2025, that now onwards, I shall be known as Mutiala Jagadamba for all future purposes. D-1243

I, Akshya Kumar Sahoo, S/o. Late Raghunath Sahoo, At/ P.O.- Barpali, Ward No.- 2, P.S./- Tah Barpali, Dist.- Bargarh, do hereby changed my name from Akshay Kumar Sahu to Akshya Kumar Sahoo, by virtue of an affidavit sworn before Notary Public Barpali on dt- 09.07.2025.
Akshya Kumar Sahoo
D-1241

By virtue of an affidavit sworn before the Executive Magistrate, Bhubaneswar on dtd- 13.03.2025. I, Smruti Sudipta Tripathy, W/o- Bishnu Prasad Tripathy resident of Plot- 59, Goutam Nagar, Bhubanewar, PIN- 751014, Odisha, declare that I have change my name from Smruti Sudipta Panda to Smruti Sudipta Tripathy. Henceforth, I shall be known as Smruti Sudipta Tripathy for all purposes. D-1240

By virtue of an affidavit sworn before the Notary Public. Muniguda on dated- 07.07.2025, (SL No.- 569/25), I, Saira Hadrenga of Village- Tagapankal, P.O.- Chandrapur, P.S.- Chandrapur, Dist.- Rayagada, declare that I have changed my name Saira Banu to Saira Hadrenga. Henceforth, I shall be known as Saira Hadrenga for all purposes.
Saira Hadrenga
D-1244

LEGAL NOTICE

IN THE COURT OF THE ADDL SUB COLLECTOR, CUTTACK.
Remand Revision Petition No.- 2292/2001
Abdul Uhab Khan & Others
....Petitioners
Vrs
Punananda Malik & Others
....Opp. parties
Summons/Notice for service by Advertisement in a Daily Oriya News Paper (O.V.R.20 of CPC)

To
1. Puni Bibi, D/o-Late Rasid Khan, Address- Kakatpur, Dist.- Puri, 2. Rehmat Khan, S/o-Late Rasid Khan, At- Majhikhanda, P.O.-Niali, Dist.- Cuttack, 3. Kuni Bibi, D/o- Late Rasid Khan, At- Majhikhanda, P.O.-Niali, Dist- Cuttack, 4. Rajani Bibi, D/o-Late Rasid Khan, Address- Uttarpradesh

Whereas, the petitioners have instituted the above mentioned Consolidation Case U/s 37(2) of the OCH. & PFL. Act, 1972 against the Hal Khata No.- 315, Plot No.- 867, Area A0.18 dec. of Mouza Badakorkor, P.S.- Govindpur, Dist.- Cuttack. You are hereby summoned to appear in this Court either in person or by a pleader on dt. 24.07. 2025 at about 11 O' clock to answer the same, failing which the remand revision petition will be disposed up in accordance with law.

Given under my hand and the seal of the Court this 07th July, 2025
By the order of
07.07.2025
Sd./- Addl. Sub-Collector,
Cuttack Sadar.
Place- Cuttack
Date-07.07.2025
D-1245

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

Letter No.-1159, dt- 17.06.2025
ମାନ୍ୟବର ଆଡିସନାଲ୍ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଆଡ଼ିସନାଲ୍ ରିଭିଜନ୍ କୋର୍ଟ ନଂ– ୪ଙ୍କ ଅଦାଲତ, ଭୁବନେଶ୍ୱର, ଓ.ଏସ୍.ଏସ୍. କେଶ ନଂ– ୨୫୫/୨୦୨୪
ପ୍ରଶାନ୍ତ କୁମାର ନାୟକ
...ବାଦୀ/ଦରଖାସ୍ତକାରୀ
ବନାମ
ବିକ୍ରମ କେଶରୀ ରାୟ ଓ ଅନ୍ୟମାନେ
ପ୍ରତିବାଦୀମାନେ/ଅପରପକ୍ଷ
ପ୍ରାପ୍ତେଷୁ,
୧. ବିକ୍ରମ କେଶରୀ ରାୟ, ପିତା– ୺ଗୋବିନ୍ଦ ଚନ୍ଦ୍ର ରାୟ, ସା/ପୋ: ବଡ଼ହାଟ, ତ୍ରିଲୋଚନପୁର, ଥାନା– ଅଗରପଡ଼ା, ଜିଲ୍ଲା– ଭଦ୍ରକ, ୨. ଉମେଶ ଚନ୍ଦ୍ର ସାମନ୍ତରାୟ, ପିତା– ୺ସର୍ବେଶ୍ୱର ସାମନ୍ତରାୟ, ପୋଷ୍ୟ ପିତା– ୺ଜୋଗେନ୍ଦ୍ରନାଥ ବଡ଼ଜେନା, ସା/ପୋ/ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା, ୩. ପ୍ରସନ୍ନ କୁମାର ସାମନ୍ତରାୟ, ପିତା– ୺ସର୍ବେଶ୍ୱର ସାମନ୍ତରାୟ, ସା/ପୋ/ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା, ୪. ମହେଶ୍ୱର ସାମନ୍ତରାୟ, ପିତା– ମଧୁସୂଦନ ସାମନ୍ତରାୟ, ସା/ପୋ– ଗଡ଼ କସନ୍ଦା, ଥାନା– ରଣପୁର, ଜିଲ୍ଲା– ନୟାଗଡ଼,
...ପ୍ରତିବାଦୀ ନଂ.– ୧ରୁ ୪
ନୋଟିସ୍
ସିପିସି ଅର୍ଡର ନଂ. ୫, ରୁଲ୍ ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ୍ କମିଶନର, ଆଡିସନାଲ୍ ରିଭିଜନ କୋର୍ଟ ନଂ. ୪, ଭୁବନେଶ୍ୱର ଅଦାଲତରେ ବାଦୀ, ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ଼ ପାଇଁ ଉପଯୁକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧ ଠାରୁ ୪ଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ୍ ବିନା ଜାରି ହୋଇ ଫେରି ଆସିଥିଲା।
ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ. ୧ ଠାରୁ ୪ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି କି ଯେ, ଉପରୋକ୍ତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ୍ ରିଭିଜନ୍ କୋର୍ଟ ନଂ. ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ତା୧୮।୦୮।୨୦୨୫ରିଖ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ତଫସିଲ ବୃତ୍ତି
ଜିଲ୍ଲା– ଖୋର୍ଦ୍ଧା, ଥାନା– ଚନ୍ଦକା, ତହସିଲ– ଭୁବନେଶ୍ୱର, ମୌଜା– ଭୁଆସୁଣୀ, ସାବକ ଖାତା ନଂ.– ୧୨୧, ପ୍ଲଟ୍ ନଂ.–୫୬୨ ଏହାର ହାଲ୍ ଖାତା ନଂ.–୬୪୩, ପ୍ଲଟ୍ ନଂ.–୨୫୦୧, ମୋଟ୍ ଏରିଆ– ଏ୧.୩୦୬ଡି. ସ୍ୱଧରୁ ଏରିଆ– ଏ୦.୧୦୦ଡି., ଏହା ସବ୍ ପ୍ଲଟ୍ ନଂ.– A। ଚୌହଦୀ: ଉତ୍ତର– ସବ୍ ପ୍ଲଟ୍ ନଂ.– J, ଦକ୍ଷିଣ– ପ୍ଲଟ୍ ନଂ.– ୫୬୩, ପୂର୍ବ– ସବ୍ ପ୍ଲଟ୍ ନଂ.– B, ରାସ୍ତା, ପଶ୍ଚିମ– ସରକାରୀ ରାସ୍ତା।
ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ. ୧ ରୁ ୪ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।
ସ୍ୱା./– ଆଡିସନାଲ ରିଭିଜନ୍ କୋର୍ଟ ନଂ.–୪, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./– କୋର୍ଟ ଅଫିସର
ଧ–୧୨୩୯

ସହଭାଗିତାରେ ବ୍ୟବସାୟର ସମ୍ପ୍ରସାରଣ

ଭୁବନେଶ୍ୱର,୧୦।୭

ବର୍ତ୍ତମାନ ସମୟରେ ଗ୍ରାହକ ଅନ୍‌ଲାଇନ କାରବାରକୁ ଅଧିକ ପସନ୍ଦ କରୁଥିଲାବେଳେ ଉପଭୋକ୍ତାଙ୍କ ଚାହିଦା ଅନୁଯାୟୀ କମ୍ପାନୀଗୁଡିକ ମଧ୍ୟ ଅନ୍‌ଲାଇନରେ ବ୍ୟବସାୟ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଫଳରେ ସହଭାଗିତା ମାଧ୍ୟମରେ କମ୍ପାନୀଗୁଡିକ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ପସନ୍ଦ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମିଶୋ ସହ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଏବଂ କେନଭ୍ୟୁ ଇଣ୍ଡିଆ ସହଭାଗିତା ସ୍ଥାପନ କରିଛନ୍ତି। ସାରା ଭାରତର ଗ୍ରାହକମାନଙ୍କୁ ଦୈନନ୍ଦିନ ସୁସ୍ଥତା, ପାନୀୟ ଏବଂ ବ୍ୟକ୍ତିଗତ ଯତ୍ନ ଉତ୍ପାଦର ଏକ ବିସ୍ତୃତ ଚୟନ ପ୍ରଦାନ କରିବା ପାଇଁ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଏବଂ କେନଭ୍ୟୁ ଇଣ୍ଡିଆ ମିଶୋ ମଲ୍‌ରେ ଯୋଗଦାନ କରିଛନ୍ତି, ଯାହାକି ଗ୍ରାହକମାନଙ୍କୁ ବ୍ୟକ୍ତିଗତ ଯତ୍ନଠାରୁ ଆରମ୍ଭକରି ସୁସ୍ଥତା ଏବଂ ପାନୀୟ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଦୈନନ୍ଦିନ ଆବଶ୍ୟକ ସାମଗ୍ରୀର ସହଜ ପ୍ରବେଶ ପ୍ରଦାନ କରିବ। ଏହା ମାଧ୍ୟମରେ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଏବଂ କେନଭ୍ୟୁ ଇଣ୍ଡିଆର ପ୍ରମୁଖ ଉତ୍ପାଦଗୁଡ଼ିକ ବର୍ତ୍ତମାନ ଅନେକ ଲକ୍ଷ ମିଶୋ କ୍ରେତାଙ୍କ ପାଇଁ ସହଜରେ ଉପଲବ୍ଧ ହେବ। ଟାଟା କଞ୍ଜ୍ୟୁମର ପ୍ରଡକ୍ଟ ଏବଂ କେନଭ୍ୟୁ ଇଣ୍ଡିଆ ମିଶୋ ସହ ସେମାନଙ୍କର ସହଭାଗିତାକୁ ଆହୁରି ଘନିଷ୍ଠ କରିବା ସହ ସେମାନେ ଡିଜିଟାଲ–ପ୍ରଥମ ଗ୍ରାହକଙ୍କ ଏକ ଦ୍ରୁତ–ବର୍ଦ୍ଧିଷ୍ଣୁ ଏବଂ ବିବିଧ ଆଧାରରେ ପହଞ୍ଚି ପାରୁଛନ୍ତି।



ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୧୦।୭ (ଅଭୟ ଦାଶ)

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରରନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୪୬ (୩୪୫.୮୦) ପଏଣ୍ଟ ହ୍ରାସ ଘଟି ୮୩,୧୯୦ (୮୩,୧୯୦.୨୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୨୧ (୧୨୦.୮୫) ପଏଣ୍ଟ କମି ୨୫,୩୫୫ (୨୫,୩୫୫.୨୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

ଶକ୍ତି ଖର୍ଚ୍ଚରେ ୩୦% ହ୍ରାସ

ଭୁବନେଶ୍ୱର,୧୦।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଭିଟ୍ରିଫାଇଡ୍ ଏବଂ ଚମକଦାର ଟାଇଲ୍ସ ଉତ୍ପାଦନକାରୀ ଏକ୍ସକାରୋ ଟାଇଲ୍ସ ଲିମିଟେଡ୍ ଗୁଜରାଟର ଇଦରର ଗୋରୋଲଠାରେ ଏକ ୫ ମେଗାୱାଟ ଡିସି ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଘୋଷଣା କରିଛି। ଉକ୍ତ ପ୍ରକଳ୍ପରେ ବର୍ତ୍ତମାନ ବାର୍ଷିକ ପ୍ରାୟ ୨୧ ନିୟୁତ ବିଦ୍ୟୁତ୍ ୟୁନିଟ୍ ବ୍ୟବହାର ହେଉଛି। ଫଳରେ ସ

ଅତୁଳନୀୟ ନୀରଜ

ଜାଭେଲିନ୍ ଷ୍ଟାର ନୀରଜ ଚୋପ୍ରା ଭାରତ ପାଇ ଯେଉଁ ସଫଳତା ଅର୍ଜନ କରିଛନ୍ତି ତାହା ଅତୁଳନୀୟ। ଅଲିମ୍ପିକ୍ସ ଟାଇଟଲ ହେଉ କି ବିଶ୍ୱ ଚାମ୍ପିୟନଶିପ୍ ସବୁଥିରେ ସ୍ଥିର ପ୍ରଦର୍ଶନ ଦେଇ ସେ ଅନେକ କିଛି ପ୍ରମାଣ କରିଛନ୍ତି। ବହୁ ପ୍ରତୀକ୍ଷିତ ୯୦ ମିଟର ଦୂରତା ଅତିକ୍ରମ କରିବା ପରେ ସେ ସର୍ବଦା ଚର୍ଚ୍ଚାରେ ରହି ଆସିଛନ୍ତି...

ନୀରଜ ଚୋପ୍ରା

ନୀରଜ ଚୋପ୍ରା ଭାରତର ଗର୍ବ ଓ ଗୌରବ। ଏହା ପଛରେ ଯେଉଁ ସଫଳତା ରହିଛି ତାହା ଅଦ୍ୱିତୀୟ। ଅଲିମ୍ପିକ୍ସ ଟାଇଟଲ ହେଉ କି ରନରଅପ୍ ସଫଳତା ସେସବୁ ନୀରଜଙ୍କର ସ୍ଥିର ପ୍ରଦର୍ଶନର ପ୍ରମାଣ ବହନ କରେ। କ୍ରମାଗତ ୨୪ଟି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ସେ ଯେଉଁ ଚାଲେଞ୍ଜ ରଖିଛନ୍ତି ତାହା ଅଭେଦ୍ୟ ବୋଲି ପ୍ରତିଦ୍ୱନ୍ଦ୍ୱୀମାନେ ସ୍ୱୀକୃତ ଅଛନ୍ତି। ଜୁଲାଇ ୫ରେ ବେଙ୍ଗାଲୁରୁ ଶ୍ରୀ କାନ୍ତିରେଭା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି 'ନୀରଜ ଚୋପ୍ରା କ୍ଲାସିକ୍'। ଏଠାରେ ମଧ୍ୟ ନୀରଜ ତାଙ୍କ ସଫଳତାର ସ୍ୱାକ୍ଷର ଛାଡ଼ିଥିଲେ। ସେ ୮୬. ୧୮ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ଚାମ୍ପିୟନ ହୋଇଥିଲେ। କେନିଆର ଜୁଲିଅସ ୟେଗୋ ୮୪. ୫୧ ମିଟର ଓ ଶ୍ରୀଲଙ୍କାର ରମେଶ ପଥିରାଗେ ୮୪. ୩୪ ମିଟର ଦୂରକୁ ଫିଙ୍ଗି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେପ୍ଟେମ୍ବରରେ ଜାପାନରେ ଅନୁଷ୍ଠିତ ହେବ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍। ଏହାକୁ ଲକ୍ଷ୍ୟରେ ରଖି ନୀରଜ ସମ୍ପ୍ରତି ପ୍ରସ୍ତୁତିରେ ଅଛନ୍ତି। ଭାରତରେ ଜାଭେଲିନ୍ କ୍ରୀଡ଼ାର ପ୍ରସାରରେ ନୀରଜଙ୍କ ଅବଦାନ ସମ୍ପର୍କରେ **ଇଭାନ୍ କୁମାର ସାହୁଙ୍କ** ଆଲେଖ୍ୟ...

ହରିୟାଣାର ପାନିପଥ ନିବାସୀ ଅଲିମ୍ପିଆନ୍ ନୀରଜ ଚୋପ୍ରା ଜଣେ ଜାଭେଲିନ୍ ଷ୍ଟାର୍। ତାଙ୍କ ଯୋଗୁ ଜାଭେଲିନ୍ ପରି ଏକ ପ୍ରମୁଖ ଦୌଡ଼କୁଦ କ୍ରୀଡ଼ା ଭାରତରେ ପ୍ରସାର ଲାଭ କରିପାରିଛି। ପୁରୀ ଜିଲା ବ୍ରହ୍ମଗିରିର କିଶୋର ଜେନା ଏହାର ଜଣେ ଉତ୍କୃଷ୍ଟ ନମୁନା। ନୀରଜ ଦୁଇଟି ଲଗାତର ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବାରେ ଭାରତର ପ୍ରଥମ ଆଥ୍‌ଲେଟ। ତେବେ ୯୦ ମିଟର ଦୂରତା ହାସଲ ୨୭ ବର୍ଷୀୟ ନୀରଜଙ୍କ ପାଇଁ ଏକ ଚାଲେଞ୍ଜ ହୋଇ ରହିଥିଲା। ସେ ୮୯. ୯୪ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ୨୦୨୨ ଷ୍ଟକ୍‌ହୋମ୍ ଡାଇମଣ୍ଡ ଲିଗ୍ ଆଥ୍‌ଲେଟିକ୍ସ ମିଟ୍‌ରେ ଚାମ୍ପିୟନ ହୋଇଥିଲେ। ଏହା ଥିଲା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ହିମାଚଳ ପ୍ରଦେଶର ହିମାନୀ ମୋର୍ ଜଣେ ପୂର୍ବତନ ଟେନିସ ଖେଳାଳି। ଏବେ ସେ ଟେନିସ କ୍ରୀଡ଼ା ପରିଚାଳିକା ଭୂମିକାରେ ଅବତୀର୍ଣ୍ଣ। ନୀରଜ–ହିମାନୀ ସମ୍ପର୍କ ବହୁ ପୁରୁଣା। ପ୍ରେମୀ ଯୁଗଳ ଚଳିତ ବର୍ଷ ଜାନୁଆରୀ ୧୬ରେ ହିମାଚଳର ଶିମଲାରେ ବିବାହ କଲେ। ହିମାନୀ ନୀରଜଙ୍କ ପରି ଜଣେ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ପତ୍ନୀ ହେବା ପରେ ଏହା ନୀରଜଙ୍କ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଥିଲା। ଚଳିତ ବର୍ଷ ପ୍ରାରମ୍ଭରେ ନୀରଜ ଚେକ୍ ରିପବ୍ଲିକ୍‌ର ଅଲିମ୍ପିକ୍ ଚାମ୍ପିୟନ୍ ଜାନ୍ ଜାଲେଜ୍‌ନୀଙ୍କୁ ପ୍ରଶିକ୍ଷକ ଭାବେ ନେଇଥିଲେ। ନୂଆ ପ୍ରଶିକ୍ଷକ ସାଙ୍ଗକୁ ନୂଆ ବୈବାହିକ ଜୀବନ ଆରମ୍ଭ ପରେ ନୀରଜ ଏପ୍ରିଲରେ ହିଁ ବର୍ଷର ପ୍ରଥମ ଟାଇଟଲ ହାସଲ କଲେ। ଦକ୍ଷିଣ ଆଫ୍ରିକାର ପୋଟ୍ଟ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ଚାମ୍ପିୟନ ହେଉ ହେଉ ମେ' ମାସରେ ଦୋହା ଡାଇମଣ୍ଡ ଲିଗ୍ ଚରଣ ଅନୁଷ୍ଠିତ ହେଲା। ଏଠାରେ ନୀରଜ ଓ ଜର୍ମାନୀର ଜୁଲିଆନ ୱେବରଙ୍କ ମଧ୍ୟରେ ମୁଖ୍ୟତଃ ମୁକାବିଲା ହୋଇଥିଲା। ୱେବରଙ୍କୁ ନୀରଜ ହରାଇ ପାରି ନ ଥିଲେ ବି ତାଙ୍କର ବହୁ ପ୍ରତୀକ୍ଷିତ ୯୦ ମିଟର ଦୂରତା ହାସଲ କଲେ। ନୀରଜ ୯୦. ୨୩ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗିଥିଲେ, ମାତ୍ର ୱେବର ୯୧. ୧୭ ମିଟର ହାସଲ କରି ଚାମ୍ପିୟନ୍ ହୋଇଥିଲେ। ବିଶ୍ୱ ୯୦ ମିଟର କ୍ଲବରେ ଥିଲେ ୨୪ ଜଣ ଜାଭେଲିନ୍ ଥ୍ରୋୟର। ନୀରଜ ଏମାନଙ୍କ ସହିତ କାନ୍ଧ ମିଳାଇଛନ୍ତି। ଏସିଆର ୨ ଜଣ ଖେଳାଳି ପାକିସ୍ତାନର ଅର୍ସଦ୍ ନଦୀମ୍ (୯୨. ୯୭ ମି.) ଓ ଚାଇନିଜ୍ ତାଇପେର ଚାଓ ତାଇସୁନ୍ ଗେଙ୍ଗ୍ (୯୧. ୩୬ ମି.) ଏହି କ୍ଲବ୍‌ରେ ଥିଲେ। ଜୁନ୍ ୨୦ରେ ଅନୁଷ୍ଠିତ ହେଲା ପ୍ୟାରିସ ଡାଇମଣ୍ଡ ଲିଗ୍ ପ୍ରତିଯୋଗିତା। ଏଥିରେ ନୀରଜଙ୍କୁ ମିଶାଇ ୯୦ ମି. କ୍ଲବରେ ଥିବା ୫ ଆଥ୍‌ଲେଟ ଭାଗ ନେଇଥିଲେ। ମାତ୍ର ନୀରଜ ୱେବରଙ୍କ ଉପରେ ଭାରି ପଡ଼ିଥିଲେ। ୮୮.୧୬ ମି. ଦୂରତା ହାସଲ କରି ନୀରଜ ଚାମ୍ପିୟନ ଏବଂ ୮୬. ୮୮ ମି. ସହ ୱେବର ରନରଅପ ହୋଇଥିଲେ। ଚଳିତ ବର୍ଷ ନୀରଜଙ୍କର ଏହା ଦ୍ୱିତୀୟ ଚାମ୍ପିୟନଶିପ୍ ଟାଇଟଲ।

ନୀରଜଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୬ରେ। ଜୁନିୟର ବିଶ୍ୱ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍‌ରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ଜିଣିଥିଲେ। ସେହି ବର୍ଷ ପ୍ରଥମ ଥର ପ୍ୟାରିସ ଡାଇମଣ୍ଡ ଲିଗ୍‌ରେ ଯୋଗ ଦେଇ ୫ମ ସ୍ଥାନରେ ରହିଥିଲେ। ବିଶ୍ୱର ବିଜୟ ହାସଲ ରେକର୍ଡ ନୀରଜଙ୍କ ନାମରେ ଅଛି। ଜୁନିୟର ଓ ସିନିୟର ବିଶ୍ୱ ଚାମ୍ପିୟନ୍ ନୀରଜ କ୍ରମାଗତ ୨୪ ପ୍ରତିଯୋଗିତାରେ ପଦକ ବିଜୟୀ ହୋଇ ଭାରତରେ 'ଗୋଲ୍ଡେନ ବୟ' ନାମରେ ପରିଚିତ। ସୁଇଜରଲାଣ୍ଡର ଲୌସାନେ, ଜର୍ମାନୀର ଚୁରିଚ୍ ଓ ପୋଲାଣ୍ଡର ଜାବ୍ରୁଜ୍ କୁସୋସିନ୍‌ସ୍କି ଆମନ୍ତ୍ରଣୀୟ ଟୁର୍ନାମେଣ୍ଟ ମଧ୍ୟ ନୀରଜଙ୍କର ଏକ ସଫଳ କ୍ଷେତ୍ର। ଜୁଲିଆନଙ୍କୁ ବାଦ୍ ଦେଲେ ଗ୍ରେନେଡାର ଅଣ୍ଡରସନ୍ ପିଟର୍ସ, ବ୍ରାଜିଲର ଲୁଇସ ମୁରାସିଓ ଡି' ସିଲ୍‌ଭା, ଆଡ୍ରିଆନ୍ ମାଇଦେରା, କେନିଆର ଜୁଲିୟସ ୟୋଗୋ ଓ ଜର୍ମାନୀର ଥୋମାସ୍ ରୋଲର ହେଉଛନ୍ତି ନୀରଜ ଚୋପ୍ରାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ। ୱାର୍ଲ୍ଡ ଆଥ୍‌ଲେଟିକ୍ସ ବିଶ୍ୱ ର‍ୟାଙ୍କିଙ୍ଗ୍ ତାଲିକାର ୧ ନଂ. ସ୍ଥାନକୁ ଫେରିଛନ୍ତି ସେ। ଗ୍ରେନେଡାର ଅଣ୍ଡରସନ୍ ପିଟର୍ସ, ଜର୍ମାନୀର ୱେବର, ପାକିସ୍ତାନର ଅର୍ସାଦ୍ ନଦୀମ ଓ କେନିଆର ଜାକ୍ୟୁବ୍ ବଦଲେଟ୍ ଯଥାକ୍ରମେ ଦ୍ୱିତୀୟରୁ ୫ମ ସ୍ଥାନରେ ଅଛନ୍ତି।

ହରିୟାଣାର ପାନିପଥ ନିବାସୀ ଏହି ମହାନ୍ ଖେଳାଳି ଜାଭେଲିନ୍ କ୍ରୀଡ଼ାର ଶ୍ରୀବୃଦ୍ଧି କରି ହାସଲ କରିଛନ୍ତି ଅନେକ ଅର୍ଥ ପୁରସ୍କାର ଓ ପ୍ରଶଂସା। ଅର୍ଜୁନ ପୁରସ୍କାର, ଖେଳରତ୍ନ ଓ ପଦ୍ମଶ୍ରୀ ଉପାଧି ଅନ୍ୟତମ। ପାନିପଥସ୍ଥିତ ଡିଏଭି କଲେଜ ଓ ଲଭ୍‌ଲୀ ପ୍ରଫେଶନାଲ ବିଶ୍ୱବିଦ୍ୟାଳୟରେ ପଢ଼ିଥିଲେ। ସାମରିକ କ୍ଷେତ୍ରରେ ପରମ ବିଶିଷ୍ଟ ସେବା ପଦକ ହାସଲ ସହ ଅବୈତନିକ ଲ୍ୟୁଟନାଣ୍ଟ କଲୋନେଲ ପଦବୀରେ ଅଛନ୍ତି। ପ୍ରତିବନ୍ଧ ନୀରଜ ତାଙ୍କ ୧. ୮୬ ମିଟର ଉଚ୍ଚତା, ୮୬ କେଜି ଓଜନ ଓ ସର୍ବୋପରି ସୌମ୍ୟ ରୂପ ଓ ବିପୁଳ ସଫଳତା ଯୋଗୁ ଆଜି ସାରା ବିଶ୍ୱରେ ପରିଚିତ। ନୀରଜଙ୍କ ଜନପ୍ରିୟ ବ୍ୟକ୍ତିତ୍ୱ ଭାରତର ସୁନାମ ବୃଦ୍ଧି କରିଛି। ଦେଶ, ବିଦେଶରେ ସେ ୨୦ରୁ ଅଧିକ ବ୍ରାଣ୍ଡ୍ ଉତ୍ପାଦ ପାଇଁ ବିଜ୍ଞାପନ ଫିଲ୍ମରେ ଅଭିନୟ କରିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଓ ପରବର୍ତ୍ତୀ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ରୌପ୍ୟ ପଦକ ଜିତିବା ପରେ ନୀରଜଙ୍କ ଅନ୍ତର୍ଜାତୀୟ ସ୍ତରର ବ୍ୟକ୍ତିତ୍ୱ ବେଶ୍ ଉର୍ଦ୍ଧ୍ୱକୁ ଯାଇଥିଲା।

ଏନ୍‌ସି କ୍ଲାସିକ୍ ପଦକ ବିଜେତା
ସ୍ୱର୍ଣ୍ଣ: ନୀରଜ ଚୋପ୍ରା (୮୬.୧୮ ମିଟର)
ରୌପ୍ୟ: ଜୁଲିଅସ ୟେଗୋ (୮୪.୫୧ ମିଟର)
ବ୍ରୋଞ୍ଜ: ରମେଶ ପଥିରାଗେ (୮୪.୩୪ ମିଟର)

ଏନ୍‌ସି କ୍ଲାସିକରେ ପ୍ରଥମ ୩ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ

ଲିଙ୍ଗ ଯୋଗ୍ୟତା ମାମଲା

ସିମେନ୍ୟାଙ୍କୁ ନିରପେକ୍ଷ ଶୁଣାଣି ମିଳି ନାହିଁ: କୋର୍ଟ

ଜେନେଭା, ୧୦।୭ (ଏପି): ଦୁଇ ଥରର ଅଲିମ୍ପିକ ଚାମ୍ପିୟନ ରନର କାଷ୍ଟର ସିମେନ୍ୟାଙ୍କୁ ୟୁରୋପିଆନ ମାନବାଧିକାର କୋର୍ଟରେ ଗୁରୁବାର ଟ୍ରାକ୍ ଓ ପିଲ୍ଟର ଲିଙ୍ଗ ଯୋଗ୍ୟତା ନିୟମ ବିରୋଧରେ ୭ ବର୍ଷ ଧରି ଚାଲିଆସୁଥିବା ମାମଲାରେ ଆଶିଂକ ସଫଳତା ମିଳିଛି। କୋର୍ଟଙ୍କ ୧୭ ଜଣିଆ ଖଣ୍ଡପୀଠ ୧୫–୨ ଭୋଟ ସହ କହିଛନ୍ତି ଯେ ସୁଇଜରଲାଣ୍ଡର ସୁପ୍ରିମକୋର୍ଟରେ

ସେମେନ୍ୟାଙ୍କ ଉପଯୁକ୍ତ ଶୁଣାଣି ଅଧିକାର ଉଲ୍ଲଂଘନ ହୋଇଛି। ଟ୍ରାକ୍ସର ୱାର୍ଲ୍ଡ ଆଥ୍‌ଲେଟିକ୍ସ ସପକ୍ଷରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ (କାସ୍) ଦ୍ୱାରା ଦିଆଯାଇଥିବା ରାୟକୁ ସେମେନ୍ୟା ସୁଇଜରଲାଣ୍ଡର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତାଙ୍କ ମାମଲାର ଶୁଣାଣି ଏବେ ଲାଉସାନେସ୍ଥିତ ସ୍ୱିସ୍ ଫେଡେରାଲ କୋର୍ଟରେ ହେବ। ପୁରୁଷ କ୍ରୋମୋଜମ ଢାଞ୍ଚା ଓ ପ୍ରାକୃତିକ ଭାବେ ଉଚ୍ଚ ଟେଷ୍ଟୋଷ୍ଟେରନ ସ୍ତର ଥିବା ଖେଳାଳିଙ୍କୁ ମୁକ୍ତ ଭାବେ ମହିଳା କ୍ରୀଡ଼ାରେ ଭାଗ ନେବାକୁ ଅନୁମତି ଦେବା ପାଇଁ ସେମେନ୍ୟା ଟ୍ରାକ୍ସର ପରିଚାଳନାକାରୀ ସଂସ୍ଥାକୁ କାସ୍‌ରେ ଚ୍ୟାଲେଞ୍ଜ କରିଥିଲେ।

ଭାରତୀୟ ଦଳରେ କିଟ୍‌ରୁ ସର୍ବାଧିକ ୪୦ ଖେଳାଳି

ଭୁବନେଶ୍ୱର, ୧୦।୭ (ତପନ ସ୍ୱାଇଁ)

ଜର୍ମାନୀର ରାଇନ–ରୁହରଠାରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଚଳିତ ମାସ ୧୬ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଘୋଷିତ ୪୦୭ (କ୍ରୀଡ଼ାବିତ୍, କୋଚ୍ ଓ ଅଫିସିଆଲ) ଜଣିଆ ଭାରତୀୟ ଦଳରେ କିଟ୍ ବିଶ୍ୱବିଦ୍ୟାଳୟରୁ ସର୍ବାଧିକ ୪୦ ସ୍ଥାନ ପାଇଛନ୍ତି। ଚଳିତବର୍ଷ ବିଶ୍ୱବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ବିଭିନ୍ନ ସମୟରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ୧୦୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଦେଶର ୪୦୦ ବିଶ୍ୱବିଦ୍ୟାଳୟ ଏହି ଚୟନ ପ୍ରକ୍ରିୟାରେ ସାମିଲ୍ ହୋଇଥିବା ବେଳେ ଶର୍ଟଲିଷ୍ଟ ଅନୁସାରେ ୬୧ଟି ବିଶ୍ୱବିଦ୍ୟାଳୟରୁ ୩ଶହ ଶ୍ରେଷ୍ଠ କ୍ରୀଡ଼ାବିତ୍ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଚୟନ କରାଯାଇଥିଲା। କିଟ୍‌ର ୪୦ ଖେଳାଳି ୭ଟି କ୍ରୀଡ଼ା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତର କୌଣସି ଗୋଟିଏ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏତେ ସଂଖ୍ୟକ ଖେଳାଳି ପ୍ରତିନିଧିତ୍ୱ କରିବା ଏହା ହେଉଛି ପ୍ରଥମ। କିଟ୍ ପଛକୁ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟରୁ ଦ୍ୱିତୀୟ ସର୍ବାଧିକ ୨୮ ଓ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ୨୨ ଜଣ ଆଥ୍‌ଲେଟ୍ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ପାଇଁ ଦଳରେ କ୍ରୀଡ଼ା ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କୁ ମିଶାଇ ମୋଟ ୧୦୭ଜଣ ଏହି ଗସ୍ତରେ ସାମିଲ ହୋଇଛନ୍ତି। ସେମାନେ ଖେଳାଳିମାନଙ୍କୁ ବୈଷୟିକ, ଡାକ୍ତରୀ ସେବା ତଥା ଲଜିଷ୍ଟିକ୍ ସହାୟତା ଆଦି ଯୋଗାଇ ଦେବେ। ଭାରତୀୟ ପ୍ରତିନିଧି ଦଳରେ ସାମିଲ ହୋଇଥିବା କ୍ରୀଡ଼ା ଅଧିକାରୀ ଏବଂ ପ୍ରଶିକ୍ଷକଙ୍କ ମଧ୍ୟରେ ରହିଛନ୍ତି ପୂର୍ବତନ ଅଲିମ୍ପିଆନ୍ ଏବଂ ଅର୍ଜୁନ ପୁରସ୍କାର ବିଜେତା ରାହୁଲ ବାନାର୍ଜୀ, ଜାତୀୟ ତୀରନ୍ଦାଜ ପ୍ରଶିକ୍ଷକ ସୁରିନ୍ଦର ସିଂ, ଅନ୍ତର୍ଜାତୀୟ ଆଥ୍‌ଲେଟିକ୍ସ ପ୍ରଶିକ୍ଷକ ସଞ୍ଜୟ ଗଡ଼ନାୟକ, ଅନ୍ତର୍ଜାତୀୟ ଭଲିବଲ୍ ପ୍ରଶିକ୍ଷକ ଲୋତକ ବିନ୍ଦୁ ଦାଶ ଏବଂ ଅନ୍ତର୍ଜାତୀୟ ଟେନିସ୍ ପ୍ରଶିକ୍ଷକ ଚଡ୍ କ୍ଲାର୍କ ପ୍ରମୁଖ। ଭାରତୀୟ ଦଳରେ ସ୍ଥାନ ପାଇଥିବା କିଟ୍ ବିଶ୍ୱବିଦ୍ୟାଳୟର ଆଥ୍‌ଲେଟ, କୋଚ୍ ଓ ଅଧିକାରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଆଥ୍‌ଲେଟଙ୍କୁ ମନୋବଳ ବଢ଼ାଇଥିଲେ। କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ କ୍ରୀଡ଼ାକୁ ଅଗ୍ରାଧିକାର ସହ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ କିଟ୍ ଓ କିସ୍ କିପରି ଅଗ୍ରଣୀ ଭୂମିକା ନିର୍ବାହ କରି ଆସିଛି ତାହା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳପତି ଶରଣଜିତ ସିଂ, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତି, ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ ଓ ଆଥ୍‌ଲେଟିକ୍ସ ପ୍ରଶିକ୍ଷକ ସଞ୍ଜୟ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କିଟ୍ ଦଳରେ ଓଡ଼ିଶାର ୯ ଖେଳାଳି ଥିବାବେଳେ ଉତ୍କଳରୁ ପ୍ରତ୍ୟାଶା ରାୟ ଓ ସମ୍ବଲପୁରରୁ ଏହସାସ ହୋତା ଭାଗନେବେ। ପ୍ରକାଶଯୋଗ୍ୟ, ୧୯୫୯ରୁ ଆରମ୍ଭ ହୋଇ ଆସୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ୧୭ରୁ ୨୫ ବର୍ଷର ଖେଳାଳି ପ୍ରତିନିଧିତ୍ୱ କରି ଆସୁଛନ୍ତି। କିଟ୍ ପକ୍ଷରୁ ପ୍ରତିନିଧିତ୍ୱ କରି ଦୂତୀ ଚାନ୍ଦ ଏହି ମହା ମଞ୍ଚରେ ପ୍ରଥମ ଭାରତୀୟ ଆଥ୍‌ଲେଟ୍ ଭାବେ ସ୍ୱର୍ଣ୍ଣ ପଦକ ଜିତି ସମସ୍ତଙ୍କୁ ଗର୍ବିତ କରିଛନ୍ତି। ସେହିପରି ଅମ୍ଲାନ ବୋରଗୋହେନ ଓ ପ୍ରିୟଙ୍କା ପ୍ରମୁଖ ମଧ୍ୟ ପଦକ ହାସଲ କରିଛନ୍ତି।

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା କିଟ୍ ବିଶ୍ୱବିଦ୍ୟାଳୟର ଆଥଲେଟ୍‌ଙ୍କ ସହ ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

ସ୍ୱପ୍ନ ସାକାର ହୋଇଛି

''ଆସନ୍ତା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତୀୟ ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ସର୍ବାଧିକ ୪୦ ଖେଳାଳି ସାମିଲ ହୋଇଛନ୍ତି। ଫଳରେ ମୋ ସ୍ୱପ୍ନ ସାକାର ହୋଇଛି ବୋଲି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି। ଅନ୍ୟ ସମସ୍ତ ବିଶ୍ୱବିଦ୍ୟାଳୟ ଅପେକ୍ଷା ବିଶ୍ୱ ମଞ୍ଚରେ ଏଠାରୁ ଅଧିକ ଖେଳାଳି ପ୍ରତିନିଧିତ୍ୱ କରିବା ଗର୍ବର କଥା। ରାଜ୍ୟ ହିସାବରେ ଦେଖିବାକୁ ଗଲେ ପଞ୍ଜାବ (୭୨ ଜଣ) ପଛକୁ ଓଡ଼ିଶାରୁ ଦ୍ୱିତୀୟ ସର୍ବାଧିକ ୪୨ ଖେଳାଳି ଭାଗ ନେବାକୁ ଯାଉଛନ୍ତି। କିଟ୍‌ରୁ ୪୦ ଜଣଙ୍କ ସହିତ ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳରୁ ଜଣେ ଲେଖାଏ ଖେଳାଳି ରହିଛନ୍ତି। କିଟ୍ ସର୍ବଦା ଶିକ୍ଷା ସହିତ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ଆସିଛି। କିଟ୍‌ର କ୍ରୀଡ଼ାବିତ୍ ଯେଭଳି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖେଳିବାର ସୁଯୋଗ ପାଇବା ସହ ସଫଳତା ହାସଲ କରିବେ ସେ ଦିଗରେ ଆମେ ସର୍ବଦା ଯତ୍ନଶୀଳ ରହି ଆସିଛୁ। ଏପରି କି ୨୦୧୯ଠାରୁ ୨୦୨୫ ପର୍ଯ୍ୟନ୍ତ ସମସ୍ତ ଟୁର୍ନାମେଣ୍ଟରେ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ ଏବଂ ପଞ୍ଜୀକରଣ ପାଇଁ ଆବଶ୍ୟକ ଫି' ମଧ୍ୟ କିଟ୍ ପକ୍ଷରୁ ଆଗୁଆ ପଇଠ କରାଯାଇଛି'' ବୋଲି ଅଚ୍ୟୁତ ପ୍ରକାଶ କରିଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ଅଚ୍ୟୁତ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି।

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୧/୨୦୨୫ Bhubaneswar, Friday, July 11/ 2025

ରୁଟ୍ ୯୯*, ଇଂଲଣ୍ଡ ୨୫୧/୪

ଲର୍ଡ୍ସ,୧୦।୭

ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ତୃତୀୟ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଯାଇଛି। କିମ୍ବଦନ୍ତୀ ଭାରତୀୟ ବ୍ୟାଟର ସଚିନ ତେନ୍ଦୁଲକର ଘଣ୍ଟି ବଜାଇ ମ୍ୟାଚ୍ ଆରମ୍ଭ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରଥମ ଦିନ ଖେଳ ଶେଷସୁଦ୍ଧା ୪ ଉଇକେଟ ହରାଇ ୨୫୧ ରନ କରିଛି। ଷ୍ଟମ୍ପ୍ସ ଅପସାରଣ ବେଳକୁ ଜୋ ରୁଟ ୯୯ ଓ ଅଧିନାୟକ ବେନ ଷ୍ଟୋକ୍ସ ୩୯ ରନରେ ଅପରାଜିତ ରହିଛନ୍ତି। ଏହି

ଅପରାଜିତ ୯୯ ରନ୍‌ର ଇନିଂସ୍ ଅବସରରେ ଏକ ଶଟ୍ ଖେଳୁଛନ୍ତି ଜୋ ରୁଟ୍।

ପନ୍ତ ଆହତ

ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ଉଇକେଟକିପର ରିଷଭ ପନ୍ତ ଆହତ ହୋଇଛନ୍ତି। ଇଂଲଣ୍ଡର ପ୍ରଥମ ଇନିଂସର ୩୪ତମ ଓଭରରେ ଯଶପ୍ରୀତ ବୁମରା ବୋଲିଂ କରୁଥିବା ବେଳେ ଲେଗ୍ ସାଇଡ୍‌ରେ ଯାଇଥିବା ଏକ ବଲକୁ ରୋକିବା ପାଇଁ ପନ୍ତ ଡ୍ରାଇଭ ମାରିଥିଲେ। କିନ୍ତୁ ବଲ ତାଙ୍କ ହାତରେ ବାଜିଥିଲା। ଏଥିଯୋଗୁ ପଡ଼ିଆରେ ତାଙ୍କର ଚିକିତ୍ସା କରାଯାଇଥିଲା। ହେଲେ ତାହାର କୌଣସି ସୁଫଳତା ତାଙ୍କୁ ମିଳି ନ ଥିଲା। ବୁମରାଙ୍କ ଓଭର ଶେଷ ହେବା ପରେ ସେ ଫିଲ୍ଡରୁ ଚାଲି ଯାଇଥିଲେ। ପନ୍ତଙ୍କ ବଦଳରେ ଧ୍ରୁବ ଜୁରେଲ ଉଇକେଟକିପିଂ କରିଥିଲେ, ଯିଏକି ଟୃଟ୍ରାନ୍ତ ଏକାଦଶରେ ସ୍ଥାନ ପାଇ ନାହାନ୍ତି।

ମ୍ୟାଚ୍ ଲାଗି ଭାରତୀୟ ଦଳରେ କେବଳ ଗୋଟିଏ ପରିବର୍ତ୍ତନ କରାଯାଇଛି। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ବାଦ୍ ଦିଆଯାଇ ତାଙ୍କ ବଦଳରେ ଯଶପ୍ରୀତ ବୁମରାଙ୍କୁ ସାମିଲ କରାଯାଇଛି। ଟସ୍ ଜିତି ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଚଳିତ ସିରିଜ୍‌ରେ ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ ଲଗାତର ତୃତୀୟ ଥର ପାଇଁ ଟସ୍‌ରେ ହାରିଛନ୍ତି। ଅପେକ୍ଷାକୃତ କମ୍ ବାଉନ୍ସ କରୁଥିବା ପିଚ୍‌ରେ ଜ୍ୟାକ କ୍ରଲି ଓ ବେନ ଡକେଟଙ୍କ ଓପନିଂ ଯୋଡ଼ି ଧୈର୍ଯ୍ୟର ସହ ଭାରତୀୟ

ତୃତୀୟ ଟେଷ୍ଟ

ପେସ୍ ଆଟାକ୍‌ର ସମ୍ମୁଖୀନ ହୋଇଥିଲେ। ଦୁହେଁ ପ୍ରଥମ ଉଇକେଟ ପାଇଁ ୪୩ ରନ କରିଥିଲେ। ଦୁଇ ଓପନରଙ୍କୁ ନୀତିଶ କୁମାର ରେଡ୍ଡୀ ଗୋଟିଏ ଓଭରରେ ପାଭିଲିଅନ୍ ପଠାଇଥିଲେ। କ୍ରଲି ୧୮ ଓ ଡକେଟ ୨୩ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଓଲି ପୋପ୍ ଓ ରୁଟ୍ ତୃତୀୟ ଉଇକେଟରେ ୧୦୯ ରନ ଯୋଡ଼ିଥିଲେ। ୪ ଚୌକା ସହ ୪୪ ରନ କରି ସେଟ୍ ଜଣାପଡୁଥିବା ପୋପ୍‌ଙ୍କୁ ରବୀନ୍ଦ୍ର ଜାଡେଜା ଆଉଟ୍ କରିଥିଲେ। ସେହିଭଳି ନୂଆ ୱାର୍ଲ୍ଡ ନଂ-୧ ଟେଷ୍ଟ ବ୍ୟାଟର ହ୍ୟାରୀ ବ୍ରୁକ (୧୧)ଙ୍କୁ ବୁମରା କ୍ଲିନ ବୋଲ୍ଡ କରିଥିଲେ। ଏହାପରେ ରୁଟ୍ ଓ ଅଧିନାୟକ ଷ୍ଟୋକ୍ସ ଭ୍ରମଣକାରୀ ବୋଲରଙ୍କୁ ଆଉ କୌଣସି ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଦୁହେଁ ଅବିଭାଜିତ ପଞ୍ଚମ ଉଇକେଟରେ ୭୯ ରନ କରିଛନ୍ତି। ଭାରତ ପକ୍ଷରୁ ନୀତିଶ କୁମାର ରେଡ୍ଡୀ ଦୁଇ ଉଇକେଟ ନେଇଥିବା ବେଳେ ବୁମରା ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ: ୮୩ ଓଭରରେ ୨୫୧/୪ (ଜୋ ରୁଟ୍-୯୯*, ବେନ ଷ୍ଟୋକ୍ସ-୩୯*, ଓଲି ପୋପ-୪୪, ବେନ ଡକେଟ-୨୩, ନୀତିଶ କୁମାର ରେଡ୍ଡୀ-୨/୪୬, ରବୀନ୍ଦ୍ର ଜାଡେଜା-୧/୨୬, ଯଶପ୍ରୀତ୍ ବୁମରା-୧/୩୫)।

ଏମ୍‌ସିସି ମ୍ୟୁଜିୟମରେ ତେନ୍ଦୁଲକରଙ୍କ ପ୍ରତିଚ୍ଛବି

ଲଣ୍ଡନ,୧୦।୭(ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାର ତୃତୀୟ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ କିମ୍ବଦନ୍ତୀ ଭାରତୀୟ ବ୍ୟାଟର ସଚିନ ତେନ୍ଦୁଲକରଙ୍କ ଏକ ପ୍ରତିଚ୍ଛବି ଲର୍ଡ୍ସସ୍ଥିତ ଏମ୍‌ସିସି ମ୍ୟୁଜିୟମରେ ଉନ୍ମୋଚିତ କରାଯାଇଛି। ୧୮ ବର୍ଷ ତଳେ ନିଆଯାଇଥିବା ଫଟୋରୁ ଷ୍ଟୁଆର୍ଟ ପିଅରସନ ରାଇଟ୍ ଚିତ୍ର କରିଛନ୍ତି। ଏହାକୁ ଏବେ କିଛି ମାସ ପାଇଁ ଏମ୍‌ସିସି ମ୍ୟୁଜିୟମରେ ରଖାଯିବ ଏବଂ ପରେ ଏହାକୁ ପାଭିଲିଅନକୁ ସ୍ଥାନାନ୍ତର କରାଯିବ। ପିଅରସନ ରାଇଟ୍ ପୂର୍ବରୁ କପିଲ ଦେବ, ବିଶନ ସିଂ ବେଦୀ ଓ ଦିଲୀପ ଭେଙ୍ଗସରକାରଙ୍କ ଛବି ଆଙ୍କିଥିଲେ। ଏହି ଅବସରରେ ତେନ୍ଦୁଲକର କହିଛନ୍ତି ଯେ, ଏହା ମୋ ପାଇଁ ବହୁତ ବଡ଼ ସମ୍ମାନ। ୧୯୮୩ରେ ଭାରତ ବିଶ୍ୱକପ୍ ଜିତିଲା ବେଳେ ହିଁ ମୁଁ ଲର୍ଡ୍ସକୁ ପ୍ରଥମ ଥର ଦେଖିଥିଲି। ଆମ ଅଧିନାୟକ କପିଲ ଦେବ ବିଶ୍ୱକପ୍ ଉଠାଉଥିବା ଦେଖିଥିଲି। ସେଠାରୁ ହିଁ ମୋର କ୍ରିକେଟ ଅଭିଯାନ ଆରମ୍ଭ ହୋଇଥିଲା। ଆଜି ମୋ ଛବି ପାଭିଲିଅନରେ ଲାଗିବାକୁ ଯାଉଥିବାରୁ ମୋ ଜୀବନ ପୂରା ହୋଇଥିବା ଅନୁଭବ ହେଉଛି। ଏହା ମୋ ପାଇଁ ଖୁବ୍ ସ୍ୱତନ୍ତ୍ର।

ଟେନିସ ଖେଳାଳିଙ୍କୁ ହତ୍ୟାକଲେ ବାପା

ଗୁରୁଗ୍ରାମ,୧୦।୭

ଟେନିସ ଓ କ୍ରୀଡ଼ା ଜଗତକୁ ସ୍ତବ୍ଧ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ଉଦୀୟମାନ ଜାତୀୟ ସ୍ତରୀୟ ଟେନିସ ଖେଳାଳି ୨୫ ବର୍ଷୀୟା ରାଧିକା ଯାଦବଙ୍କୁ ତାଙ୍କ ବାପା ଗୁଳିକରି ହତ୍ୟା କରିଛନ୍ତି। ଏହି ଘଟଣା ଗୁରୁଗ୍ରାମର ସେକ୍ଟର ୫୭ରେ ଘଟିଛି।

ପୋଲିସ ସୂଚନା ଅନୁଯାୟୀ, ରାଧିକାଙ୍କ ବାପା ଦୀପକ ୫ ରାଉଣ୍ଡ ଗୁଳି ଚଳାଇଥିଲେ। ସେଥିରୁ ୩ଟି ଗୁଳି ରାଧିକାଙ୍କୁ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବାପାଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରାଉଚରା କରିବାରୁ ସେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ଭାଇ ଦେଇଥିବା ଏତଲା ମୁତାବକ, ରାଧିକା ଏକ ଟେନିସ ଏକାଡେମୀ ଚଳାଉଥିବାରୁ ଦୀପକ ଚିନ୍ତିତ ଥିଲେ। କାରଣ ଝିଅ ରୋଜଗାରରେ ଚଳୁଥିବା ନେଇ ଦୀପକଙ୍କୁ ଗାଁ ଲୋକେ ପରିହାସ କରୁଥିଲେ। ଏଥିଯୋଗୁ ସେ ଏକାଡେମୀକୁ ବନ୍ଦ କରିବା ପାଇଁ ଝିଅକୁ ବାରମ୍ବାର କହିଆସୁଥିଲେ। ହେଲେ ସେ ମନା କରିଥିଲେ। ଘଟଣା ଦିନ ବଚସା ପରେ ସେ ଉତ୍କ୍ଷିପ୍ତ ହୋଇ ଏଭଳି କାଣ୍ଡ ଭିଆଇଥିଲେ।

ରାଧିକା ଯାଦବ (ଫାଇଲ ଫଟୋ)

ଲିଜେଣ୍ଡ ଲିଗ୍ କ୍ରିକେଟ ଫେରିବ

ନୂଆଦିଲ୍ଲୀ, ୧୦।୭ (ପି.ଟି.)

ଅବସରପ୍ରାପ୍ତ ଖେଳାଳିମାନଙ୍କୁ ନେଇ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି୨୦ ଇଭେଣ୍ଟ ଲିଜେଣ୍ଡ ଲିଗ୍ କ୍ରିକେଟ ଫେରିବ। ଏହାର ଚତୁର୍ଥ ସିଜନ ନଭେମ୍ବର ୧୯ରୁ ଡିସେମ୍ବର ୧୩ ପର୍ଯ୍ୟନ୍ତ ଭାରତର ୭ଟି ସହରରେ ଅନୁଷ୍ଠିତ ହେବ। ଲିଗ୍ ଚେୟାରମ୍ୟାନ ବିବେକ ଖୁସାଲାନି ଏକ ପ୍ରେସ୍ ଇସ୍ତାହାର ଜରିଆରେ ସୂଚନା ଦେଇଛନ୍ତି। ଇଭେଣ୍ଟର ଅତୀତ ସିଜନଗୁଡ଼ିକରେ ଶିଖର ଧାୱନ, ସୁରେଶ ରାଇନା, ଆରୋନ୍ ଫିଞ୍ଚ, ମାର୍ଟିନ ଗୁପ୍ଟିଲ, ଗୌତମ ଗମ୍ଭୀର, ଖ୍ରୀସ୍ ଗେଲ୍, ହାସିମ୍ ଅମ୍ଲା ଓ ରସ୍ ଟେଲଙ୍କ ଭଳି ଖେଳାଳି ସ୍ଥାନ ପାଇଥିଲେ।

ଆନିସିମୋଭା-ସ୍ୱିଟେକ ଫାଇନାଲ

ଲଣ୍ଡନ,୧୦।୭

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବେଲଡନ ଚାମ୍ପିୟନଶିପ୍‌ରେ ଗୁରୁବାର ମହିଳା ସିଙ୍ଗଲ୍ସ ଟାଇଟଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ଶନିବାର ହେବାକୁ ଥିବା ଫାଇନାଲରେ ୫ ଥରର ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଟାଇଟଲ ଅଧିକାରୀ ଇଗା ସ୍ୱିଟେକ ଓ ୧୩ତମ ସିଡ୍ ଆମାଣ୍ଡା ଆନିସିମୋଭା ପରସ୍ପରକୁ ଭେଟିବେ।

ମ୍ୟାଚ୍ ଜିତିବା ପରେ ଆମାଣ୍ଡା ଆନିସିମୋଭା।

ୱିମ୍ବେଲଡନ୍ ଟେନିସ୍

ଅନ୍ୟପକ୍ଷରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ପରାଜୟ ସହ ସେମିଫାଇନାଲରୁ ଅଭିଯାନ ଶେଷ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ୍‌ରେ ୨୩ ବର୍ଷୀୟ ଆନିସିମୋଭା ୬-୪, ୪-୬, ୬-୪ ସେଟ୍‌ରେ ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି। ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ମ୍ୟାଚ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଏହି ବିଜୟ ସହ ଆନିସିମୋଭା କ୍ୟାରିୟରରେ ପ୍ରଥମ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ସ୍ୱିଟେକ ୬-୨, ୬-୦ ସିଧାସଳଖ ସେଟ୍‌ରେ ସୁଇଜରଲାଣ୍ଡର ବେଲିଣ୍ଡା ବେନ୍ସିକଙ୍କୁ ହରାଇଛନ୍ତି। ଏହି ବିଜୟ ସହ ପୂର୍ବତନ ନଂ-୧ ଖେଳାଳି ସ୍ୱିଟେକ ପ୍ରଥମ ଥର ପାଇଁ ୱିମ୍ବେଲଡନ ଚାମ୍ପିୟନଶିପ୍ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

ଅଣଖେଳୁଆଡ଼ ବ୍ୟବହାର ଲାଗି ୧୫ ଖେଳାଳି ଦଣ୍ଡିତ

ଲଣ୍ଡନ,୧୦।୭(ଏପି): ବଡ଼ ପାଟିରେ ଖରାପ ଭାଷାରେ ଗାଳି କରିବା, ର‍ୟାକେଟ୍ ଭାଙ୍ଗିବା ଓ ଅଣଖେଳୁଆଡ଼ ବ୍ୟବହାର ଲାଗି ଚଳିତ ୱିମ୍ବେଲଡନ ଚାମ୍ପିୟନଶିପ୍‌ରେ ଟେନିସ ଖେଳାଳିଙ୍କୁ ଜରିମାନା କରାଯାଇଛି। ଅଲ୍ ଇଂଲଣ୍ଡ କ୍ଲବ ପକ୍ଷରୁ ନୂଆ ଜରିମାନା ତାଲିକା ଜାରି କରାଯାଇଛି। ଏଥିରେ ୨୦୨୪ ପୁରୁଷ ଡବଲ୍ସ ଚାମ୍ପିୟନ ହେନରୀ ପାଟେନଙ୍କୁ ଗାଳି କରିବା ଲାଗି ୧୨,୫୦୦ ଡଲାର (୧୦.୪୪ ଲକ୍ଷ) ଜରିମାନା କରାଯାଇଛି, ଯାହାକି ସବୁଠୁ ବଡ଼ ଜରିମାନା। ସେ ଗତ ଜୁନ ୨୯ ତାରିଖରେ ପ୍ରାକ୍ଟିସ ଗ୍ରାଉଣ୍ଡରେ ଜଣେ ଷ୍ଟାଫ୍ ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲେ। ସେହିଭଳି ଆମାଣ୍ଡା ଆନିସିମୋଭାଙ୍କୁ ଅଣଖେଳୁଆଡ଼ ବ୍ୟବହାର ଲାଗି ୪୦୦୦ ଡଲାର ଜରିମାନା କରାଯାଇଛି। ସମାନ କାରଣ ପାଇଁ ଫ୍ରେଞ୍ଚ ଡବଲ୍ସ ଖେଳାଳି ଥେଓ ଆରିବେଜଙ୍କୁ ୭,୫୦୦ ଡଲାର ଜରିମାନା କରାଯାଇଛି। ମୋଟ ଉପରେ ୭ ପୁରୁଷ ଓ ୮ ମହିଳା ଖେଳାଳିଙ୍କୁ ଜରିମାନା କରାଯାଇଛି।

ଭାରତ ଏ' ୬-୦ ଗୋଲ୍‌ରେ ବିଜୟୀ

ଇଣ୍ଡୋଭେନ୍, ୧୦।୭ (ପି.ଟି.)

ୟୁରୋପିଆନ ଟୁର୍‌ରେ ଭାରତୀୟ 'ଏ' ପୁରୁଷ ହକି ଦଳ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛି। ସ୍ଥାନୀୟ ହକି କ୍ଲବ ଓରାଞ୍ଜେ-ରୁଡ୍‌ଠାରେ ଖେଳାଯାଇଥିବା ମ୍ୟାଚରେ ଦଳ ୬-୦ ଗୋଲ୍‌ରେ ଆୟର୍ଲାଣ୍ଡକୁ ହରାଇ ଦେଇଛି। ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚରେ ଭାରତ 'ଏ' ଦଳ

ୟୁରୋପିଆନ ଟୁର୍

୬-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ଭାରତ 'ଏ' ପକ୍ଷରୁ ଉତ୍ତମ ସିଂ ପ୍ରଥମ ଗୋଲ ସ୍କୋର କରିଥିଲେ। ଅଧିନାୟକ ସଞ୍ଜୟ ଗୋଲ୍‌ରେ ଦଳ ୨-୦ ଗୋଲ୍‌ରେ ଅଗ୍ରଣୀ ଲାଭ କରିଥିଲା। ପରେ ମିଡ୍‌ଫିଲ୍ଡର ମହମ୍ମଦ ରାହିଲ ମୋସିନ ପଛକୁ ପଛ ଦୁଇଟି ଗୋଲ୍ ସ୍କୋର କରିଥିଲେ। ଅମନଦୀପ ଲାକ୍ରା ଓ ବରୁଣ କୁମାର ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତରେ ଭାରତର ମହମ୍ମଦ ରାହିଲ ମୋସିନ।

ଭାରତ 'ଏ' ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଫ୍ରାନ୍ସ ବିପକ୍ଷରେ ଖେଳିବ। ଦଳ ଫ୍ରେଞ୍ଚ୍ ଟିମ୍ ବିପକ୍ଷରେ ଅନୁରୂପ ଭଲ ପ୍ରଦର୍ଶନ କରିବ ବୋଲି କୋଚ୍ ଶିବେନ୍ଦ୍ର ସିଂ ଆଶା ପ୍ରକାଶ କରି କହିଛନ୍ତି। ୟୁରୋପ ଟୁର୍‌ରେ ଥିବା ଭାରତ ଦୁଇ ସପ୍ତାହ ମଧ୍ୟରେ ଆୟର୍ଲାଣ୍ଡ ଓ ଫ୍ରାନ୍ସ ବ୍ୟତୀତ ଇଂଲଣ୍ଡ, ବେଲଜିୟମ ଏବଂ ଆୟୋଜକ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ।

ହକି ଇଣ୍ଡିଆର ୩୩ ଜଣିଆ ସମ୍ଭାବ୍ୟ ତାଲିକାରେ ଓଡ଼ିଶାର ୪

ବେଙ୍ଗାଲୁରୁ, ୧୦।୭ (ପି.ଟି.): ଜାତୀୟ ପୁରୁଷ ହକି ଦଳର କୋଚିଂ କ୍ୟାମ୍ପ ଜୁଲାଇ ୧୪ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ ସ୍ଥାନୀୟ ସାଇ ସେଣ୍ଟରଠାରେ ଅନୁଷ୍ଠିତ ହେବ। ଏଥିପାଇଁ ହକି ଇଣ୍ଡିଆ ତରଫରୁ ଏକ ୩୩ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ଅମନଦୀପ ଲାକ୍ରା ଶିଳାନନ୍ଦ ଲାକ୍ରା ଓ ନୀଲମ ସଞ୍ଜୀପ ଖେସ୍। ଆଗକୁ ଦୁଇଟି ବଡ଼ ଅନ୍ତର୍ଜାତୀୟ ଇଭେଣ୍ଟ ଖେଳିବାକୁ ଥିବାରୁ ଏହି କ୍ୟାମ୍ପ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ଦଳ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ରାଜଗିରିରେ ହିରୋ ଏସିଆ କପ୍ ଖେଳିବ।

ଇଂଲଣ୍ଡ ବିପକ୍ଷ ଟି୨୦: ଭାରତୀୟ ମହିଳା ଦଳର ପ୍ରଥମ ସିରିଜ ବିଜୟ

ମାଞ୍ଚେଷ୍ଟର,୧୦।୭(ପି.ଟି.): ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଟି୨୦ ମ୍ୟାଚ୍‌କୁ ଭାରତୀୟ ଦଳ ୩ ଓଭର ପୂର୍ବରୁ ୬ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୩-୧ରେ ଆଗୁଆ ରହିଛି। ଇଂଲଣ୍ଡ ବିପକ୍ଷରେ ଏହା ଭାରତୀୟ ମହିଳା ଦଳର ପ୍ରଥମ ଟି୨୦ ସିରିଜ୍ ବିଜୟ। ଜବରଦସ୍ତ ବୋଲିଂ ପ୍ରଦର୍ଶନ ଲାଗି ରାଧା ଯାଦବଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୧୨୬ ରନ କରିଥିଲା। ଦଳ ପାଇଁ ସୋଫିଆ ଡଙ୍କଲି ୨୨ ଓ ଟାମି ବେଉମଣ୍ଟ ୨୦ ରନ କରିଥିଲେ। ଭାରତ ପକ୍ଷରୁ ରାଧା ଯାଦବ ଓ ଶ୍ରୀ ଚରାନି ୨ ଲେଖାଏ ଉଇକେଟ ନେଇଥିଲେ। ଜବବାରେ ଭାରତ ୧୭ ଓଭରରେ ୪ ଉଇକେଟରେ ୧୨୭ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ସ୍ମୃତି ମନ୍ଧାନା ୩୨, ଶେଫାଳୀ ବର୍ମା ୩୧ ଓ ଅଧିନାୟକ ହରମନପ୍ରୀତ କୌର ୨୬ ରନ କରି ଆଉଟ୍ ହୋଇଥିବା ବେଳେ ଜେମିମା ରୋଡ୍ରିଗୁଏଜ ୨୪ ରନ କରି ଆଉଟ୍ ହୋଇଥିଲେ। ଇଂଲଣ୍ଡ ଲାଗି ଚାର୍ଲଟ ଡିନ, ସୋଫି ଏଲ୍‌ଲେକ୍ଷ୍ଟୋନ ଓ ଇସି ୱଙ୍ଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ